READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ପୁରୀ : ଶ୍ରୀମନ୍ଦିର ପ୍ରଶାସନ ଓ ସୁପକାର ନିଯୋଗ ମଧ୍ୟରେ ଲାଗିଥିବା ବିବାଦ ତୁଟିଲା। ପୁଣିଥରେ ମିଳିଲା ଅନ୍ନ ମହାପ୍ରସାଦ।

ବର୍ଷ-୨ ସଂଖ୍ୟା-୧୫ ୨୩ ଏପ୍ରିଲ - ୨୯ ଏପ୍ରିଲ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-15 23rd APRIL - 29th APRIL, 2018 BHUBANESWAR ₹ 5/- (8 Pages)

## ଘାତକ ଡ୍ରୋନ୍ କିଣିବ ଭାରତ



**ନୂଆଦିଲ୍ଲୀ :** ମାନବ ବିହୀନ ଡ୍ରୋନ୍ ରପ୍ତାନି ନୀତିରେ ପରିବର୍ତ୍ତନ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଏହା ଫଳରେ ଭାରତ ଆମେରିକା ଠାରୁ ୨୨ଟି ପ୍ରେଡାଟୋର୍-ବି ସି ଗାର୍ଡିଆନ୍ ଡ୍ରୋନ୍ କିଣିବାକୁ ସକ୍ଷମ ହେବ। ଭାରତ ଏହାକୁ ଭାରତ ମହାସାଗର ଉପରେ ମୁତୟନ କରିବାକୁ ଲକ୍ଷ୍ୟ ରଖିଛି। ଆମେରିକା ତା'ର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଡ୍ରୋନ୍ ବିକ୍ରି କରିବା ପାଇଁ ଚାହୁଁଛି ବୋଲି ଟ୍ରମ୍ପ୍ ସୂଚନା ଦେବାର ଦିନକ ପରେ ଆମେରିକାର ଏ ସମ୍ପର୍କିତ ନୂଆ ଡ୍ରୋନ୍ ବିକ୍ରି ନୀତି ପ୍ରବର୍ତ୍ତନ କରାଯାଇଛି।ଭାରତ ଏହି ଡ୍ରୋନ୍‌ଗୁଡ଼ିକୁ ନିୟନ୍ତ୍ରଣ ରେଖାରେ ଥିବା ଆତଙ୍କୀଙ୍କ ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକୁ ନଷ୍ଟ କରିବାରେ ବ୍ୟବହାର କରିପାରିବ। ➤ ପୃ-୬

## ପାକ୍ ସମର୍ଥନରେ ଚୀନ୍



**ବେଜିଂ :** ପାକିସ୍ତାନ ଆତଙ୍କବାଦୀ ଗନ୍ତାଘର ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ମନ୍ତବ୍ୟକୁ ଚୀନ୍ ବିରୋଧ କରିଛି। ପାକିସ୍ତାନର ବନ୍ଧୁ ଭାବେ ପରିଚିତ ଚୀନ୍ ଇସଲାମାବାଦକୁ ସମର୍ଥନ କରିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ହୁହା ଚୁନ୍‌ୟାଙ୍ଗ କହିଛନ୍ତି ପାକିସ୍ତାନ ସର୍ବଦା ଆତଙ୍କବାଦ ବିରୋଧରେ ଲଢ଼େଇ କରୁଛି। ଏବେ ବିଶ୍ୱ ସମୂହ ପାକିସ୍ତାନର ଏହି ଲଢ଼େଇରେ ସାମିଲ ହେବା ଦରକାର। ସମସ୍ତେ ପାକିସ୍ତାନକୁ ସମର୍ଥନ କରିବା ଦରକାର। ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏହି ସମସ୍ୟାର ➤ ପୃ-୬

## ସିଜେଆଇଙ୍କ ବିରୋଧରେ ମହାଭିଯୋଗ



**ନୂଆଦିଲ୍ଲୀ :** କଂଗ୍ରେସ ନେତୃତ୍ୱରେ ୭ଟି ବିରୋଧୀ ଦଳ ସୁପ୍ରିମକୋର୍ଟର ୪୫ତମ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଦୀପକ ମିଶ୍ରଙ୍କ ବିରୋଧରେ ମହାଭିଯୋଗ ନୋଟିସ୍ ଦେଇଛନ୍ତି। ଏହି ରାଜନୀତିକ ଦଳଗୁଡ଼ିକ ସିଜେଆଇଙ୍କ ବିରୋଧରେ 'ଦୁର୍ବ୍ୟବହାର', 'କ୍ଷମତାର ଦୁରୁପଯୋଗ' ଆଦି ୫ଟି ଅଭିଯୋଗ ଆଣିଛନ୍ତି। ୭ଟି ବିରୋଧୀ ଦଳର ନେତାମାନେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଏମ୍ ଭେଙ୍କିୟା ନାଇଡୁଙ୍କୁ ସାକ୍ଷାତ କରି ସିଜେଆଇଙ୍କୁ ବହିଷ୍କାର କରିବା ଲାଗି ଏକ ନୋଟିସ୍ ଦେଇଛନ୍ତି। ଏହି ନୋଟିସ୍‌ରେ ରାଜ୍ୟସଭାର ୭୧ ଜଣ ସାଂସଦଙ୍କ ସ୍ୱାକ୍ଷର ରହିଛି। ଏଥିରେ ସଦ୍ୟ ଅବସର ନେଇଥିବା ୭ ଜଣ ପୂର୍ବତନ ସାଂସଦଙ୍କ ଦସ୍ତଖତ ମଧ୍ୟ ସାମିଲ ରହିଛି। ଜଜ୍ ବିଏଚ୍ ଲୋୟାଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ ଦାବିରେ ଆଗତ ଏକାଧିକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେବାର ଦିନକ ପରେ ସିଜେଆଇଙ୍କ ବିରୋଧରେ ମହାଭିଯୋଗ ନୋଟିସ୍ ଆସିଛି। ତେବେ ଏଭଳି ପଦକ୍ଷେପକୁ କଂଗ୍ରେସର କିଛି ବରିଷ୍ଠ ନେତା ନାପସନ୍ଦ କରିବା ସହିତ ଏହା ଅତି ତରବରିଆ ଭାବେ କରାଯାଇଥିବା କହିଛନ୍ତି। ସେହିପରି ଆଇନ ବିଶାରଦମାନେ ମଧ୍ୟ କଂଗ୍ରେସର ଏପରି ଉଦ୍ୟମକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ପୂର୍ବରୁ ଏ ପ୍ରସଙ୍ଗରେ କଂଗ୍ରେସ ସହ ୧୭ଟି ବିରୋଧୀ ଦଳ ଥିବା କଥା କୁହାଯାଉଥିଲେ ହେଁ, କେବଳ ୬ଟି ଦଳର ନେତା ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ମୃତ୍ୟୁ ପୂର୍ବରୁ ସ୍ୱତନ୍ତ୍ର ସିବିଆଇ ଜଜ୍ ଲୋୟା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସମ୍ପୃକ୍ତ ଥିବା ସୋହରାବୁଦ୍ଦିନ୍ ଶେଖ୍ ଏନ୍‌କାଉଣ୍ଟର୍ ମାମଲାର ଶୁଣାଣି କରୁଥିଲେ। ➤ ପୃ-୬

## 'ଆଇନ୍‌ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ'



**ଭୁବନେଶ୍ୱର :** ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ବଢ଼ିଚାଲିଥିବା ଦୁଷ୍କର୍ମ ଘଟଣାଗୁଡ଼ିକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତିଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ସମୟରେ ଏନେଇ କଂଗ୍ରେସ ଏବଂ ବିଜେପି ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ। ତେବେ ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ଅପରାଧ ହାର କମ୍ ଏବଂ ଆଇନ୍‌ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଥିବା କହିଛନ୍ତି। ସେହିପରି ନକ୍ସଲ ହିଂସା ଘଟଣା ମଧ୍ୟ ଆଗ ଅପେକ୍ଷା କମ୍ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ମହିଳା ଓ ଶିଶୁ ବିରୋଧୀ ହିଂସା ଘଟଣାରେ ଜିରୋ ଟଲରାନ୍ସ ନୀତି ଆପଣାଉଛନ୍ତି। ପ୍ରଥମ ରାଜ୍ୟ ଭାବରେ ଥାନାଗୁଡ଼ିକରେ ମହିଳା ଓ ଶିଶୁ ଡେସ୍କ ଖୋଲାଯାଇଛି। ମହିଳାମାନଙ୍କ ବିରୋଧରେ ହେଉଥିବା ଦୁଷ୍କର୍ମ ଭଳି ସଙ୍ଗିନ ମାମଲାଗୁଡ଼ିକୁ ରେଡ୍ ଫ୍ଲାଗ୍ ବର୍ଗରେ ଅନ୍ତର୍ଭୁକ୍ତ କରାଯାଉଛି। ଏସିଡ୍ ଆକ୍ରମଣ, ଯୌନ ନିର୍ଯାତନା, ମହିଳାଙ୍କ ବିରୋଧରେ ଖରାପ ମନ୍ତବ୍ୟ ଦେବା ଆଦି ମାମଲା ଏହି ବର୍ଗ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଏଗୁଡ଼ିକର ତଦନ୍ତ ପାଇଁ ବରିଷ୍ଠ ପୋଲିସ୍ ଅଧିକାରୀ ଓ ମାମଲାର ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ନିଯୁକ୍ତ କରାଯାଇଛି। ଏକୁଟିଆ ନିଯୁକ୍ତ ହୋଇଥିବା ଷ୍ଟାଫ୍‌ନର୍ସ ଏବଂ ମହିଳା ଶିକ୍ଷା ସହାୟକମାନଙ୍କ ସୁରକ୍ଷା ପ୍ରତି ନଜର ରଖିବା ସହ ଦରକାର ପଡ଼ିଲେ ପୋଲିସ୍ ସୁରକ୍ଷା ଯୋଗାଇଦେବା ପାଇଁ ଥାନାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ମହିଳା ଓ ଶିଶୁ ହେଲ୍ପଲାଇନ୍ ପ୍ରତିଷ୍ଠା କରାଯିବା ସହିତ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା ହୋଇଛି। ତେଣୁ ଏହି ବିଷୟରେ ଅଯଥା ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ରାଜ୍ୟର ବିକାଶ ଉପରେ ଧ୍ୟାନ ଦେବାକୁ ସେ ଗୃହର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ➤ ପୃ-୬

## ବଢୁଛି ଜଳ ବିଦ୍ୟୁତ୍ ଉତ୍ପାଦନ

**ଭୁବନେଶ୍ୱର :** ତିନି ବର୍ଷ ମଧ୍ୟରେ ରାଜ୍ୟରେ ଜଳ ବିଦ୍ୟୁତ୍ ଉତ୍ପାଦନ ବଢ଼ିଛି। ବିଶେଷ କରି ହୀରାକୁଦର ଉପରମୁଣ୍ଡରେ ଛତିଶଗଡ଼ ବହୁ ବନ୍ଧ ନିର୍ମାଣ କରିଥିବାରୁ ଜଳ ବିଦ୍ୟୁତ୍ ଉତ୍ପାଦନ କମୁଛି ବୋଲି ସରକାରୀ ଓ ବେସରକାରୀ ସ୍ତରରେ ଆଶଙ୍କା ବ୍ୟକ୍ତ କରାଯାଉଥିବା ବେଳେ ବିଧାନସଭାରେ ସରକାର ଉପସ୍ଥାପନ କରିଥିବା ପ୍ରକଳ୍ପୱାରୀ ତଥ୍ୟରୁ କିନ୍ତୁ ୨୦୧୫-୧୬ ବର୍ଷ ତୁଳନାରେ ପରବର୍ତ୍ତୀ ବର୍ଷମାନଙ୍କରେ ମହାନଦୀର ହୀରାକୁଦ ଓ ଚିପିଲିମା ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଥିବା ଦର୍ଶାଯାଇଛି। ମହାନଦୀ ସହ ରାଜ୍ୟର କେଉଁ ନଦୀର କେଉଁ ସ୍ଥାନରେ ଜଳବିଦ୍ୟୁତ୍ କେନ୍ଦ୍ରମାନ ରହିଛି, ଏଥିରୁ କାହାର ବିଦ୍ୟୁତ୍ ଉତ୍ପାଦନ କ୍ଷମତା କେତେ ଓ ଗତ ୫ ବର୍ଷ ମଧ୍ୟରେ କେଉଁ କେନ୍ଦ୍ରରୁ କେତେ ପରିମାଣର ଜଳ ବିଦ୍ୟୁତ୍ ଉତ୍ପାଦିତ ହୋଇଛି ଏବଂ ଏହି କେନ୍ଦ୍ରଗୁଡ଼ିକର ଉପର ମୁଣ୍ଡରେ ବ୍ୟାପକ ସଂଖ୍ୟକ ବ୍ୟାରେଜ୍ ନିର୍ମାଣ କରାଯିବା ଫଳରେ ରାଜ୍ୟରେ ଜଳ ବିଦ୍ୟୁତ୍ ଉତ୍ପାଦନ କମିବା ସଂକ୍ରାନ୍ତରେ ବିଧାୟକ ଦିଲିପ ରାୟ ବିଧାନସଭାରେ ଉଠାଇଥିବା ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ ଦେଇଥିବା ତଥ୍ୟରୁ ମହାନଦୀ ସମେତ ଅନ୍ୟ ସ୍ଥାନରେ ଥିବା ଜଳବିଦ୍ୟୁତ୍ ପ୍ରକଳ୍ପରେ ଉତ୍ପାଦନ ବଢ଼ିଥିବା ଜଣାଯାଇଛି। ମନ୍ତ୍ରୀ କହିଛନ୍ତି ଯେ ମହାନଦୀର ବୁର୍ଲା ଓ ଚିପିଲିମା, ସିଲେରୁର ବାଲିମେଳା, ବ୍ରାହ୍ମଣୀର ରେଙ୍ଗାଲି, କୋଲାବର ବାରେଣୀପୁଟ, ଇନ୍ଦ୍ରାବତୀର ମୁଖିଗୁଡ଼ା ଓ ମାଛକୁଣ୍ଡର ଅନୁକାଡେଲି ଠାରେ ଜଳବିଦ୍ୟୁତ୍ କେନ୍ଦ୍ରମାନ ରହିଛି। ଏହି କେନ୍ଦ୍ରଗୁଡ଼ିକର ଉପରମୁଣ୍ଡରେ ବ୍ୟାପକ ସଂଖ୍ୟକ ବ୍ୟାରେଜ ନିର୍ମାଣ ଓ ଏହା ଯୋଗୁ ରାଜ୍ୟରେ ଗତ ୫ ବର୍ଷରେ କେତେ ଜଳ ବିଦ୍ୟୁତ୍ ଉତ୍ପାଦନ କମିଛି ତାହାର ଆକଳନ କରାଯାଇନାହିଁ। ଏ ପ୍ରସଙ୍ଗରେ ସରକାରଙ୍କ ପ୍ରଦତ୍ତ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୨୦୧୩-୧୪ ବର୍ଷରେ ଏହି ୭ଟି ଜଳବିଦ୍ୟୁତ୍ ପ୍ରକଳ୍ପରୁ ➤ ପୃ-୬

## ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଲେ ନିରଞ୍ଜନ



**ଭୁବନେଶ୍ୱର :** ପିସିସି ପରିବର୍ତ୍ତନ ନେଇ ବାରମ୍ବାର ଚର୍ଚ୍ଚା ଆଲୋଚନା ହେଉଥିଲା। ଦଳୀୟ ନେତା ଓ କର୍ମୀ ଏନେଇ ବିଭିନ୍ନ ସମୟରେ ଦଳ ମୁଖିଆଙ୍କ ନିକଟରେ ଦାବି ରଖି ଆସୁଥିଲେ। ପରିଶେଷରେ ଦଳୀୟ ସଙ୍ଗଠନକୁ ସଜାଡ଼ିବା ଉଦ୍ଦେଶ୍ୟରେ ରାଜ୍ୟ କଂଗ୍ରେସରେ ଏକ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ନୂଆଦିଲ୍ଲୀ ଠାରେ ରାଜ୍ୟ କଂଗ୍ରେସ ନେତାଙ୍କ ସହିତ ଆଲୋଚନା ପରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ପୁଣି ଥରେ ପିସିସି ସଭାପତି ଦାୟିତ୍ୱ ଦିଆଯାଇଛି। ଏହା ସହିତ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ବିଧାୟକ ନବ ଦାସ ଓ ଚିରଞ୍ଜୀବି ବିଶ୍ୱାଳଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେଇଭଳି ପ୍ରଚାର କମିଟି ମୁଖ୍ୟ ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ସମନ୍ୱୟ ମୁଖ୍ୟ ଭାବରେ ଜଗନ୍ନାଥ ପଟ୍ଟନାୟକ, ଦଳର ଶୃଙ୍ଖଳା କମିଟି ମୁଖ୍ୟ ଦାୟିତ୍ୱ ହେମାନନ୍ଦ ବିଶ୍ୱାଳ, କୋର୍ କମିଟିର ଦାୟିତ୍ୱ ଜୟଦେବ ଜେନା, ➤ ପୃ-୬

## ବକ୍ରବାଣୀ



ଯେବେଠୁ ଚାଉଳ ଟଙ୍କାରେ ମିଳିଲା
ଚଷାପୁଅ ମୁଠି ଚାଉଳକୁ ଭୁଲିଗଲା
ଅକ୍ଷି ତୃତୀୟାରେ ନେତା ବିଲକୁ ଯାଆନ୍ତି
କର୍ମୀଙ୍କ ମେଳରେ ହଳ ଲଙ୍ଗଳକୁ ବୁଲାନ୍ତି
ଘରୁ ପେଟେ ଆପୁଲ ଜୁଉସ୍ ପିଇକି
ବିଲେ ପହଞ୍ଚନ୍ତି ଆଗ ସିଟ୍‌ରେ ବସିକି
କେମେରା ଆଗେ ହସିକି ପୋଅଜ ଦିଅନ୍ତି
ଚାଷଟି ମୂଳ ବେଉସା କହି ଆମକୁ ବୁଝାନ୍ତି
ଉଣେଇସି ଯାଇ ପୁଣି ଚବିଶ ଛୁଇଁବ
ବିରୋଧୀ ଦଳ କି ଆଉ ଭୋଅଟ ପାଇବ !
ବଡ ଭାଇ ଖେଳ କରନ୍ତି ରହି ଦିଲ୍ଲୀରେ
କର୍ମୀ ହାତ ଛାଡନ୍ତି ଏଠି ପୁରପଲ୍ଲୀରେ
ଫୁଟା ଡଙ୍ଗାରେ ଆଜି ମୋଟା ନାଉରୀ
ଆଲାଏନସ କରିବେ ଆହୁଲା ମାରି
ଜିତିଲେ ହୋଇବେ ସେ ହରିଚନ୍ଦନ
ଉପମୁଖିଆ ହେଇ ଦେବେ ଶାସନ
ସାନଭାଇଟାକୁ ଆଗେ ଦେଲେ ପଠେଇ
ଫଏସଲା କରିବେ ସିଏ ସେଠେଇ
ଇଂଗ୍ରାଜୀ ଭାଷାରେ ସବୁ ବୁଝେଇ ଦେବେ
ସୋନିଆ ରାହୁଲ ଗୀତା ବସି ଶୁଣିବେ
ପଟ୍ଟନାୟକମୟ ପୁଣି ହେବ ରାଇଜ
ମଙ୍ଗ ଧରିଥିବେ ତାଙ୍କ ଭାଇ ଭାଉଜ
କାଳିଆ ଠାକୁର ସାହା ହବ ଆମକୁ
ଓପାସେ ଥାଇ ଅନେଇଛି ପଣ୍ଡା ପୁଅକୁ
ଧନ୍ୟରେ ଆମେ ପାଇକ ପୁଅ
ଉଠ ଭାଇ ଥରେ ଏକାଠି ହୁଅ
ଭଲ ଲୋକଙ୍କୁ ଜିତେଇ ଦବା
ଆମ ଦୁନିଆ ଆମେ ଗଢ଼ିବା।

—ଟୁଟୁ

## ୧୧ ବର୍ଷ ଧରି ବସିନାହିଁ ଯୋଜନା ବୋର୍ଡ ବୈଠକ


**ଭୁବନେଶ୍ୱର :** ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଯୋଜନା ବୋର୍ଡର ବୈଠକ ୧୧ ବର୍ଷ ଧରି ବସିନାହିଁ। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ଉଷା ଦେବୀ ଦେଇଥିବା ସୂଚନାରୁ ଏହା ଜଣାପଡ଼ିଛି। ରାଜ୍ୟ ଯୋଜନା ବୋର୍ଡର ସର୍ବଶେଷ ବୈଠକ ଏହାର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଶେଷଥର ପାଇଁ କେବେ ଅନୁଷ୍ଠିତ ହୋଇଥିଲା, ଏହି ବୋର୍ଡର ଏବେ କେଉଁମାନେ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଅଛନ୍ତି, ଉକ୍ତ ବୋର୍ଡର କାମ କ'ଣ ଏବଂ ଏହାର ବୈଠକ ପ୍ରତିବର୍ଷ ନିୟମିତ ବ୍ୟବଧାନରେ ନ ବସିବାର କାରଣ କ'ଣ ବୋଲି ବିଧାୟକ ଶ୍ରୀ ରାୟ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ ରାଜ୍ୟ ଯୋଜନା ବୋର୍ଡର ସର୍ବଶେଷ ବୈଠକ ୨୦୦୭ ଅକ୍ଟୋବର ୧୫ ତାରିଖରେ ହୋଇଥିଲା। ଯୋଜନା ପ୍ରଣୟନ, ତାହାର ମୂଲ୍ୟାୟନ ଓ ରୂପାୟନ ସଙ୍ଗେ ସଙ୍ଗେ କାର୍ଯ୍ୟକାରିତା ସଂକ୍ରାନ୍ତରେ ରାଜ୍ୟ ଯୋଜନା ବୋର୍ଡ ସରକାରଙ୍କୁ ପରାମର୍ଶ ଦେବେ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ➤ ପୃ-୬

### ହକି ବିଶ୍ୱକପ୍ ପାଇଁ ସଜେଇ ହେବ ରାଜଧାନୀ

## ଚାଲିବ ୩୦୦ ନୂଆ ବସ୍



**ଭୁବନେଶ୍ୱର :** ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଆୟୋଜିତ ହେବ ବିଶ୍ୱକପ୍ ହକି। ଏହି ପ୍ରତିଯୋଗିତାରେ ବିଶ୍ୱର ୧୬ଟି ଦେଶ ଭାଗ ନେବେ। ଏଥିପାଇଁ ଆଥଲେଟ୍‌ମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିକଟରେ ଏସିଆନ୍ ଆଥଲେଟିକ୍ ମିଟ୍ ଆୟୋଜନ କରି ସାରା ବିଶ୍ୱରେ ପ୍ରଶଂସା ସାଉଁଟିଥିବା ରାଜ୍ୟ ସରକାର ଆସନ୍ତା ହକି ବିଶ୍ୱକପ୍‌କୁ ଅନ୍ତର୍ଜାତୀୟ ମାନର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବିଶ୍ୱକପ୍‌କୁ ଆଉ କିଛି ମାସ ବାକି ଥିଲା ବେଳେ ଭୁବନେଶ୍ୱରର ବିଭିନ୍ନ ପୌରସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଏମ୍‌ସି, ବିଡିଏ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ 'ବିଏସସିଏଲ୍' ତରଫରୁ ହକି ବିଶ୍ୱକପ୍ ପୂର୍ବରୁ ସ୍ମାର୍ଟ ସିଟି ପ୍ରକଳ୍ପର ଅର୍ଦ୍ଧାଧିକ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। କଳିଙ୍ଗ ଷ୍ଟାଡିୟମ୍ ନିକଟରେ ଥିବା ସମସ୍ତ ବସ୍ତିକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜଧାନୀ ଭୁବନେଶ୍ୱରର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ସହ ବେହେରା ସାହି ଓ ୭ମ ବାଟାଲିୟନ ପାଖରେ ଦୁଇଟି ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବ। ଆସନ୍ତା ଅକ୍ଟୋବର ୩୦ ସୁଦ୍ଧା ଶିଶୁଭବନ ଛକରୁ ରାମମନ୍ଦିର ପର୍ଯ୍ୟନ୍ତ ଭୂତଳ କେବୁଲ ବିଛାଯିବ। ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ବିବାଦ ଲାଗି ରହିବ। ପରିବାରରେ ଅଶାନ୍ତି ଦେଖାଦେବ। ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ମିଳିବ।

**ବୃଷ** ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିବ ନାହିଁ। ପାରିବାରକ ଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ବିବାହ ଆଶାୟୀମାନେ ଶୁଭଫଳ ପାଇବେ।

**ମିଥୁନ** ବ୍ୟବସାୟୀମାନେ ନିଜର ଯୋଜନାକୁ ଗୁପ୍ତ ରଖିବା ଉଚିତ। ପୂର୍ବ ବିବାଦର ସମାଧାନ ହେବ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ମାନସିକ ଦୁଶ୍ଚିନ୍ତା ଲାଗିରହିବ।

**କର୍କଟ** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ହେବ।

**ସିଂହ** ଗୃହରେ ଅଶାନ୍ତିର ବାତାବରଣ ଦେଖାଦେବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ସମାଧାନ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ।

**କନ୍ୟା** ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ନୂତନ ଗୃହ ଉପକରଣ କ୍ରୟ କରିବାର ସମୟ ଆସିବ।

**ତୁଳା** ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ। ଜମି କିଣା-ବିକା ବ୍ୟବସାୟରେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବ।

**ବିଛା** ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ଧନୁ** ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ।

**ମକର** ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ବିଦେଶରେ ପ୍ରଶଂସିତ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଶରୀର ସୁସ୍ଥ ରହିବ।

**କୁମ୍ଭ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବିଦେଶ ଯାତ୍ରାରେ ଅସୁବିଧା ଭୋଗ କରିବେ। ରାଜନୀତିରେ ଆଧିପତ୍ୟ ବଢ଼ିବ। ବିବାହ ଆଶାୟୀମାନେ ବିଫଳତା ହେବେ।

**ମୀନ** ସରକାରୀ ଚାକିରିଆଙ୍କୁ ଅଧିକ ଲାଭ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଉନ୍ନତି ହୋଇପାରେ।




ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଜଷ୍ଟିସ୍ ଲୋୟା ମୃତ୍ୟୁ ମାମଲାର ହେବନାହିଁ ଏସ୍ଆଇଟି ତଦନ୍ତ


# ଆବେଦନକାରୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍





**ନୂଆଦିଲ୍ଲୀ :** ସ୍ୱତନ୍ତ୍ର ସିବିଆଇ ଜଜ୍ ବିଏଚ୍ ଲୋୟାଙ୍କ ମୃତ୍ୟୁର ଏସ୍ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଦ୍ୱାରା ପୁନଃତଦନ୍ତ ପାଇଁ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ ଏଏମ୍ ଖାନ୍‌ୱିଲ୍‌କର ଓ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଜ୍ ଲୋୟାଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଛି ବୋଲି ରୁଲିଂ ଦେଇଛନ୍ତି। ଏଭଳି ଆବେଦନ ନ୍ୟାୟ ପ୍ରଦାନରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଲୋୟା ହାଇପ୍ରୋଫାଇଲ୍ ସୋହରାବୁଦ୍ଦିନ୍ ଶେଖ୍ ମାମଲାର ଶୁଣାଣି କରୁଥିଲେ। ୨୦୧୪ ଡିସେମ୍ବର ୧ରେ ସେ ଜଣେ ସହଯୋଗୀଙ୍କ ଝିଅର ବିବାହ ଉତ୍ସବରେ ଯୋଗଦେବା ପାଇଁ ନାଗପୁର ଯାଇଥିଲା ବେଳେ ସେଠାରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା। ଏ ସଂକ୍ରାନ୍ତରେ ଆଗତ ଏକାଧିକ ଜନସ୍ୱାର୍ଥ ମାମଲାକୁ ଖାରଜ କରି ଖଣ୍ଡପୀଠ କହିଛନ୍ତି, ଲୋୟାଙ୍କର ମୃତ୍ୟୁ ସମ୍ପର୍କରେ ବମ୍ବେ ହାଇକୋର୍ଟର ୪ ଜଣ ବିଚାରପତିଙ୍କ ବିବୃତିରେ ସନ୍ଦେହ ପ୍ରକାଶ କରିବାର କୌଣସି କାରଣ ନାହିଁ। ଏହି ଘଟଣାରେ ଯେଉଁ ଦସ୍ତାବିଜ୍ ଉପସ୍ଥାପନ କରାଯାଇଛି, ସେଥିରୁ ଏହା ସ୍ୱାଭାବିକ ମୃତ୍ୟୁ ବୋଲି ପ୍ରମାଣିତ ହୋଇଛି। ବିଚାରପତି ଏବଂ ବିଚାର ବିଭାଗୀୟ ଅଧିକାରୀମାନଙ୍କ ବିରୋଧରେ ଆବେଦନକାରୀ ଏବଂ ସେମାନଙ୍କ ଓକିଲ ଯେଭଳି ଉଗ୍ର ଓ ପ୍ରତିକୂଳ ମନ୍ତବ୍ୟ ଦେଇଛନ୍ତି, ତାହା ନ୍ୟାୟପାଳିକା ଉପରେ ଆକ୍ରମଣ ସଦୃଶ ହୋଇଛି। ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁଣ୍ଣ କରାଯାଉଛି। ବରିଷ୍ଠ ଆଡ୍‌ଭୋକେଟ୍ ଦୁଷ୍ୟନ୍ତ ଡାଭେ, ଇନ୍ଦିରା ଜୟସିଂହ ଓ ପ୍ରଶାନ୍ତ ଭୂଷଣ ବିଚାରପତିଙ୍କ ସମେତ ସର୍ବୋଚ୍ଚ ଅଦାଲତ ପ୍ରତି ଯେଉଁ ଆକ୍ଷେପ କରିଛନ୍ତି, ସେଥିରେ ଖଣ୍ଡପୀଠ କ୍ଷୋଭ ପ୍ରକାଶ କରିଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଖଣ୍ଡପୀଠର ରାୟ ଘୋଷଣା କରି କହିଥିଲେ, ରାଜନୀତିକ ଶତ୍ରୁତା ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଏବଂ ବ୍ୟବସାୟିକ ଶତ୍ରୁତାର ସମାଧାନ ମାର୍କେଟ୍‌ରେ କରାଯିବା ଉଚିତ। କିନ୍ତୁ ଅଦାଲତର କର୍ତ୍ତବ୍ୟ ହେଉଛି ଆଇନର ସୁରକ୍ଷା କରିବା। ଏହି ମାମଲାର ଶୁଣାଣିରୁ ଜଷ୍ଟିସ୍ ଖାନ୍‌ୱିଲ୍‌କର ଓ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ଅବ୍ୟାହତି ଦିଆଯିବା ଲାଗି ପ୍ରଶାନ୍ତ ଭୂଷଣଙ୍କ ଆବେଦନ ନେଇ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଆବେଦନକାରୀଙ୍କ ଓକିଲ ଅବାନ୍ତର ଅଭିଯୋଗ ଆଣି ଅନୁଷ୍ଠାନର ମର୍ଯ୍ୟାଦା ନଷ୍ଟ କରୁଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ଲୋୟାଙ୍କ ମୃତ୍ୟୁ ସମ୍ପର୍କରେ ୪ ଜଣ ବିଚାରପତି ଶ୍ରୀକାନ୍ତ କୁଳକର୍ଣ୍ଣି, ଏସ୍ଏମ୍ ମୋଡାକ୍, ଭିସି ବର୍ଦେ ଓ ରୂପେସ୍ ରାଠିଙ୍କ ବିବୃତିକୁ ଗ୍ରହଣ କରି ଖଣ୍ଡପୀଠ କହିଥିଲେ, ଏମାନଙ୍କ ବିବୃତି ଉପରେ ଅଦାଲତର ଆଦୌ ସନ୍ଦେହ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଲୋୟା ଏହି ୪ ଜଣ ବିଚାରପତିଙ୍କ ସହ ବିବାହ ଉତ୍ସବରେ ଯୋଗ ଦେବାପାଇଁ ନାଗପୁର ଯାଇଥିଲେ ଏବଂ ସେଠାରେ ସରକାରୀ ଗେଷ୍ଟ୍ ହାଉସ୍ 'ରବି ଭବନ'ରେ ରହିଥିଲେ, ଯେଉଁଠାରେ ଲୋୟାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତେବେ ଲୋୟାଙ୍କ ରହସ୍ୟଜନକ ମୃତ୍ୟୁ ହୋଇଛି ବୋଲି ଗତବର୍ଷ ନଭେମ୍ବର ମାସରେ ମିଡିଆ ରିପୋର୍ଟ ପ୍ରକାଶ ପାଇବା ପରେ ଏଥିନେଇ ଦେଶ ବ୍ୟାପୀ ଚର୍ଚ୍ଚା ହୋଇଥିଲା। ଲୋୟାଙ୍କ ଭଉଣୀଙ୍କ ମତାମତକୁ ଉଦ୍ଧାର କରି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଗତ ଜାନୁଆରୀ ୧୪ରେ ଲୋୟାଙ୍କ ପୁଅ ମୁମ୍ବାଇରେ କହିଥିଲେ ଯେ, ତାଙ୍କ ବାପାଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଛି। ତଥାପି ସୁପ୍ରିମକୋର୍ଟର ୪ ଜଣ ବରିଷ୍ଠ ବିଚାରପତି ଜଷ୍ଟିସ୍ ଜେ ଚେଲମେଶ୍ୱର, ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏମ୍‌ବି ଲୋକୁର୍ ଓ ଜଷ୍ଟିସ୍ କୁରିଏନ ଯୋଶେଫ୍ ଜାନୁଆରୀ ୧୨ରେ ଏକ ସାମ୍ବାଦିକ ସମ୍ମିଳନୀ କରି ଲୋୟାଙ୍କ ମୃତ୍ୟୁ ସମ୍ପର୍କରେ ଉଲ୍ଲେଖ କରି ଏଭଳି ସ୍ପର୍ଶକାତର ମାମଲାଗୁଡ଼ିକୁ ନିର୍ଦ୍ଦିଷ୍ଟ ଖଣ୍ଡପୀଠରେ ଶୁଣାଣି ପାଇଁ ପଠାଯିବା ନେଇ ପ୍ରଶ୍ନ ଉଠାଇଥିଲେ।

## ଜବତ ହେବ ଦାଉଦର ସମ୍ପତ୍ତି



**ନୂଆଦିଲ୍ଲୀ :** ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍‌ର ସମସ୍ତ ସମ୍ପତିକୁ ଜବତ କରାଯିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାଉଦର ଭଉଣୀ ହସିନା ପାରକର ଏବଂ ମା'ଅମିନା ବି ଦାୟର କରିଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରି ଏହି ରାୟ ଶୁଣାଇଛନ୍ତି। ଦାଉଦର ଭଉଣୀ ହସିନା ପାରକର ଏବଂ ମା' ଅମିନା ବି ଆବେଦନର କରିଥିବା ମାମଲାର ସୁପ୍ରିମ୍‌କୋର୍ଟ ଶୁଣାଣି କରିଛନ୍ତି। ବିଚାରପତି ଆର୍‌କେ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଖଣ୍ଡପୀଠ ଶୁଣାଣି କରି ଦାଉଦର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତିକୁ ବାଜ୍ୟାପ୍ତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୩ରେ ହୋଇଥିବା ବୋମା ବିସ୍ଫୋରଣକୁ ଆଧାର କରି କୋର୍ଟ ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁମ୍ବାଇର ନାଗପଡାରେ ଦାଉଦର କୋଟି କୋଟି ଟଙ୍କାର ସମ୍ପତ୍ତି ରହିଛି। ସେଥିରୁ ଦୁଇଟି ସମ୍ପତ୍ତି ମା' ଅମୀନା ଏବଂ ପାଞ୍ଚଟି ଭଉଣୀ ହସିନାଙ୍କ ନାଁରେ ରହିଛି। ଦାଉଦ ସମସ୍ତ ସମ୍ପତ୍ତି ବେଆଇନ ଭାବେ ହାସଲ କରିଛି ବୋଲି ଏଜେନ୍ସି ଗୁଡିକ ଅଭିଯୋଗ କରିଛନ୍ତି। ତେଣୁ ସମ୍ପତ୍ତି ଜବତ କରିବାକୁ ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ଯାହାକୁ ଚ୍ୟାଲେଞ୍ଜ କରି ଦାଉଦର ମା' ଓ ଭଉଣୀ ୧୯୯୮ରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଏହାରି ମଧ୍ୟରେ ଅମୀନା ଓ ହସିନାଙ୍କର ମୃତ୍ୟୁ ହୋଇସାରିଛି।

# ଏଣିକି ନାବାଳିକା ଦୁଷ୍କର୍ମକାରୀଙ୍କୁ ଫାଶୀ !

**ନୂଆଦିଲ୍ଲୀ :** କଠୁଆ ନାବାଳିକା ଗଣଦୁଷ୍କର୍ମ ମାମଲା ଏବେ ଦେଶବ୍ୟାପୀ ତୀବ୍ର ଉତ୍ତେଜନା ଓ ପ୍ରତିକ୍ରିୟା ସୃଷ୍ଟି କରିବା ପରେ କେନ୍ଦ୍ର ସରକାର, ପ୍ରୋଟେକ୍‌ସନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍ / ପିଓସିଏସ୍‌ଓ (ପକ୍‌ସୋ) ଆଇନ୍‌ରେ ପରିବର୍ତ୍ତନ ଆଣି ଦୁଷ୍କର୍ମକାରୀଙ୍କ ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ଉପସଚିବ ଆନନ୍ଦ ପ୍ରକାଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠଙ୍କ ନିକଟରେ ଦାଖଲ କରିଥିବା ଏକ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏବେ ଦେଶରେ ନାବାଳିକାମାନଙ୍କ ଉପରେ ହେଉଥିବା ଦୁଷ୍କର୍ମ ଘଟଣା ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ଏହି ପରିପ୍ରେକ୍ଷୀରେ ସରକାର ପ୍ରୋଟେକ୍‌ସନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍ / ପିଓସିଏସ୍‌ଓ (ପକ୍‌ସୋ) ଆଇନ୍ ୨୦୧୨ରେ ପରିବର୍ତ୍ତନ ଆଣିବା ପାଇଁ ସରକାର ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି। ଏହି ପରିବର୍ତ୍ତନରେ ୧୨ ବର୍ଷରୁ କମ୍ ନାବାଳିକା ଦୁଷ୍କର୍ମଚାରୀଙ୍କ ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ସହ ପକ୍‌ସୋ ଆଇନ୍ ଆଧାରରେ ଆଗତ ହେଉଥିବା ଏଫ୍ଆଇଆର୍ ଗୁଡିକ ତଦନ୍ତ ଓ ବିଚାର ପ୍ରକ୍ରିୟା ଏଫ୍ଆଇଆର୍ ଆଗତର ୬ମାସ ମଧ୍ୟରେ ଶେଷ କରିବା ପାଇଁ କେନ୍ଦ୍ର ସରକାର ଚାହୁଁଥିବା, କେନ୍ଦ୍ର ସରକାରଙ୍କର ଉପସଚିବ ଆନନ୍ଦ ପ୍ରକାଶ ସୁପ୍ରିମ୍‌କୋର୍ଟଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍ତରପ୍ରଦେଶରେ ଏକ ନାବାଳିକାକୁ ବଳାତ୍କାର ଏବଂ ତାଙ୍କ ବାପାଙ୍କୁ ହତ୍ୟା କରିବା ଅଭିଯୋଗରେ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗର ଗିରଫ ହୋଇଛନ୍ତି। ଏହି ମାମଲାର ସିବିଆଇ ତଦନ୍ତ କରୁଛି। ଅନ୍ୟପକ୍ଷରେ କଠୁଆ ଗଣଦୁଷ୍କର୍ମ ମାମଲାରେ ଅନ୍ତରାଷ୍ଟ୍ରୀୟ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଲା। ଏହାପରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ମେନକା ଗାନ୍ଧି ଏଭଳି ଅପରାଧିଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯିବା ଉଚିତ୍ ଏବଂ ଏହା ଉପରେ ବିଚାର କରାଯାଉଛି ବୋଲି କହିଥିଷଲ। ଏହା ସହିତ ପକ୍‌ସୋ ଆଇନ୍‌ରେ ସଂଶୋଧନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧି କହିଥିଲେ।

## ରାମମନ୍ଦିର ଭାଙ୍ଗିନାହାନ୍ତି ଭାରତୀୟ ମୁସଲିମ୍ : ଭାଗୱତ

**ପଲଘର୍ :** ଅଯୋଧ୍ୟାରେ ପୂର୍ବରୁ ଥିବା ରାମ ମନ୍ଦିରକୁ ଭାରତୀୟ ମୁସଲିମ୍ ମାନେ ଭାଙ୍ଗି ନାହାନ୍ତି ବୋଲି ମହାରାଷ୍ଟ୍ରର ପଲଘରଠାରେ ଆୟୋଜିତ ବିରାଟ ହିନ୍ଦୁ ସମ୍ମେଳନକୁ ସମ୍ବୋଧନ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମୁଖ୍ୟ ମୋହନ ଭାଗୱତ କହିଛନ୍ତି। ସେ ଏହି ଅବସରରେ କହିଛନ୍ତି, ଭାରତୀୟ ନାଗରିକମାନେ କେବେ ମଧ୍ୟ ଏପରି କରିବେ ନାହିଁ। ବିଦେଶୀ ଶକ୍ତି ଭାରତୀୟଙ୍କ ନୈତିକତା ଉପରେ ଆକ୍ରମଣ କରିବା ପାଇଁ ଏପରି ହୀନ କାର୍ଯ୍ୟ କରିଥିଲେ। କିନ୍ତୁ ଆଜି ଭାରତୀୟମାନେ ସ୍ୱାଧୀନ ତେଣୁ ଯାହାକିଛି ନଷ୍ଟ ହୋଇଛି ସେସବୁର ପୁନଃନିର୍ମାଣର ଆବଶ୍ୟକତା ରହିଛି।ଏହି ମନ୍ଦିର ସବୁ କେବଳ ଏକ ନିର୍ମାଣ ନଥିଲା, ବରଂ ଏସବୁ ଆମର ପରିଚୟର ପ୍ରତୀକ ଥିଲା। ଆର୍ଏସ୍ଏସ୍ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ସଂକଳ୍ପବଦ୍ଧ ଦର୍ଶାଇ ସେ କହିଛନ୍ତି, ଯଦି ଉତ୍ତରପ୍ରଦେଶର ଅଯୋଧ୍ୟାରେ ପୁଣିଥରେ ରାମମନ୍ଦିର ପ୍ରତିଷ୍ଠା କରାନଯାଏ, ଆମ ସଂସ୍କୃତିର ମୂଳୋତ୍ପାଟନ ହେବା ଥୟ। ସେ ଆହୁରି ମଧ୍ୟ କହିଛନ୍ତି ମନ୍ଦିର ସେହି ସ୍ଥାନରେ ହେବା ଉଚିତ ଯେଉଁଠି ଆଗରୁ ରହିଥିଲା ଏବଂ ଏଥିପାଇଁ ସଂଘର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ଗତ ମାସରେ ଦ୍ୱାରିକା ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ କହିଥିଲେ, ରାମ ଜନ୍ମ ସ୍ଥାନ ଅଯୋଧ୍ୟାରେ କେବେ ମଧ୍ୟ ମସଜିଦ୍ ନଥିଲା। ୧୯୯୨ ମସିହାରେ କରସେବକଙ୍କ ଦ୍ୱାରା ଧ୍ୱଂସ କରାଯାଇଥିବା ଡାଞ୍ଚା ଏକ ମନ୍ଦିରର ଥିଲା ବୋଲି ସେ ମତ ରଖିଥିଲେ। ସୁପ୍ରିମ୍‌କୋର୍ଟ ଅଧ୍ୟାଦେଶ ଉଠାଇବା ମାତ୍ରେ ହିଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ସେ ମତ ରଖିଛନ୍ତି।

## ଲୋପ ପାଇଯାଉଛି ସିନ୍ଧୁ ସଭ୍ୟତା

**ଖଡ଼ଗପୁର :** ପ୍ରାଚୀନ ସିନ୍ଧୁ ସଭ୍ୟତା ଲୋପ ପାଇବାର କାରଣ ସମ୍ପର୍କରେ ଆଇଆଇଟି ଖଡ଼ଗପୁରର ବୈଜ୍ଞାନିକ ଏକ ନୂଆ ତଥ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କ ମତରେ ୨୦୦ ବର୍ଷର ଅନୁବୃଷ୍ଟି ନୁହେଁ, ଦୀର୍ଘ ୯୦୦ ବର୍ଷ ଧରି ମରୁଡ଼ି ଯୋଗୁ ୪୩୫୦ ବର୍ଷ ତଳେ ସିନ୍ଧୁ ସଭ୍ୟତା ଲୋପ ପାଇଗଲା। ଏହି ବୈଜ୍ଞାନିକମାନେ ଏ ସମ୍ପର୍କରେ ଗବେଷଣା କରି ବିଭିନ୍ନ ପ୍ରାମଣିକ ତଥ୍ୟ ହାସଲ କରିବା ପରେ ଏହି ନୂଆ ତଥ୍ୟ ପ୍ରଦାନ କରିଛନ୍ତି। ଏହି ତଥ୍ୟ ଚଳିତ ମାସରେ ଏକ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜର୍ଣ୍ଣାଲରେ ପ୍ରକାଶ ପାଇବାକୁ ଯାଉଛି। ଆଇଆଇଟି ଖଡ଼ଗରପୁର ଭୂତତ୍ତ୍ୱ ଓ ଭୂ-ପଦାର୍ଥ ବିଜ୍ଞାନୀ ବିଭାଗର ଗବେଷକମାନେ ଗତ ୫ ହଜାର ବର୍ଷ ମଧ୍ୟରେ ମୌସୁମୀ ପ୍ରବାହରେ ଦେଖାଦେଇଥିବା ପରିବର୍ତ୍ତନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ହିମାଳୟର ଉତ୍ତର-ପଶ୍ଚିମାଞ୍ଚଳରେ ୯ ଶହ ବର୍ଷଧରି ବର୍ଷାଭାବ କି ଭଳି ବିଷମ ପରିସ୍ଥିତି ସୃଷ୍ଟି କରିଥିଲା, ସେ ସମ୍ପର୍କରେ ତଥ୍ୟ ହାସଲ କରିଛନ୍ତି। ଅନାବୃଷ୍ଟି ଯୋଗୁ ନଦୀ ଓ ଅନ୍ୟ ଜଳ ଉତ୍ସ ଶୁଖିଯିବା ଯୋଗୁ ଏହି ପ୍ରାଚୀନ ସଭ୍ୟତା ବିଲୁପ୍ତ ହୋଇଯାଇଥିଲା। ଏଥିଯୋଗୁ ସେହି ଅଞ୍ଚଳର ଅଧିବାସୀମାନେ ଭଲ ବର୍ଷା ହେଉଥିବା ପୂର୍ବ ଓ ଦକ୍ଷିଣ ଅଞ୍ଚଳକୁ ପଳାଇ ଯାଇଥିଲେ ବୋଲି ଏହି ବୈଜ୍ଞାନିକ ମାନେ ଗବେଷଣାରୁ ଜାଣିପାରିଛନ୍ତି। ଗବେଷକ ଦଳର ନେତୃତ୍ୱ ନେଉଥିବା ଆଇଆଇଟି ଭୂତତ୍ତ୍ୱ ବିଭାଗର ବରିଷ୍ଠ ଅଧ୍ୟାପକ ଅନୀଲ କୁମାର ଗୁପ୍ତା କହିଛନ୍ତି ଖ୍ରୀଷ୍ଟପୂର୍ବ ୨୩୫୦ (୪୩୫୦ ବର୍ଷ ତଳେ)ରୁ ଖ୍ରୀଷ୍ଟପୂର୍ବ ୧୪୫୦ ପର୍ଯ୍ୟନ୍ତ ସଭ୍ୟତା ମୁଣ୍ଡ ଟେକିଥିବା ଅଞ୍ଚଳରେ ମୌସୁମୀ ବର୍ଷା ହ୍ରାସ ପାଇବାରୁ ଘୋର ମରୁଡ଼ି ଦେଖା ଦେଇଥିଲା। ଫଳରେ ସେଠାର ବାସିନ୍ଦା ବସିତି ଛାଡ଼ି ସବୁଜିମା ଥିବା ଅଞ୍ଚଳକୁ ଚାଲି ଯାଇଥିଲେ। ସେମାନେ ଧୀରେଧୀରେ ଗଙ୍ଗା-ଯମୁନା ଉପତ୍ୟକା ବିଶେଷ କରି ଉତ୍ତର ପ୍ରଦେଶର ପୂର୍ବ ଓ କେନ୍ଦ୍ରାଞ୍ଚଳ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିନ୍ଧ୍ୟାଞ୍ଚଳର ଦକ୍ଷିଣ ଓ ଦକ୍ଷିଣ ଗୁଜରାଟ ଅଞ୍ଚଳକୁ ଯାଇ ବସତି ସ୍ଥାପନ କରିଥିଲେ ବୋଲି ଶ୍ରୀ ଗୁପ୍ତା କହିଛନ୍ତି।

## ଏନ୍‌ଇଇଟି ପାଇଁ ଡ୍ରେସ୍‌କୋଡ

**ନୂଆଦିଲ୍ଲୀ :** ନ୍ୟାସନାଲ୍ ଏଲିଜିବିଲିଟି ଏଣ୍ଟ୍ରାନ୍ସ ଟେଷ୍ଟ୍ (ଏନ୍‌ଇଇଟି)-୨୦୧୮ ପରୀକ୍ଷାରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଡୁକେସନ୍ (ସିବିଏସ୍‌ଇ) ଛାତ୍ରଛାତ୍ରୀମାନଙ୍କ ପାଇଁ ନୂଆ ଡ୍ରେସ୍‌କୋଡ୍ ସମ୍ପର୍କରେ ଗାଇଡ୍‌ଲାଇନ୍ ଜାରି କରିଛି। ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାଁ ଲେଖାଇବା ପାଇଁ ଆସନ୍ତା ୬ ତାରିଖରେ ପ୍ରବେଶିକା ପରୀକ୍ଷା ହେବ। ଏଥିପାଇଁ ସିବିଏସ୍‌ଇ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଆଡ୍‌ମିଟ୍ କାର୍ଡ ଦିଆଯାଇଛି। ଆଡ୍‌ମିଟ୍ କାର୍ଡ ପ୍ରଦାନ ସମୟରେ ସିବିଏସ୍‌ଇର ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ନୂଆ ଡ୍ରେସ୍ କୋଡ୍ ସମ୍ପର୍କରେ ଅବଗତ କରାଇଛନ୍ତି। ଛାତ୍ରଛାତ୍ରୀମାନେ ହାଲୁକା ରଙ୍ଗର ହାଫ୍ ସ୍ଲିଭ୍ ପୋଷାକ ପିନ୍ଧିବେ। ସେମାନଙ୍କ ପ୍ୟାଣ୍ଟ, ଶାର୍ଟ କିମ୍ବା ସାଲୱାରରେ ବଡ଼ ବୋତାମ, ବ୍ୟାଜ୍ କିମ୍ବା ଫୁଲ ଭଳି କିଛି ରହିବ ନାହିଁ। ସେମାନେ ପରୀକ୍ଷା କେନ୍ଦ୍ରକୁ ସ୍ଲିପର୍ କିମ୍ବା କମ୍ ହିଲ୍ ଥିବା ସ୍ୟାଣ୍ଡାଲ୍ ପିନ୍ଧି ଆସିବେ। କୌଣସି ଛାତ୍ରଛାତ୍ରୀ ଜୋତା ପିନ୍ଧି ପାରିବେ ନାହିଁ। ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍, ବ୍ଲୁ-ଟୁଥ୍, ଇଅର୍ ଫୋନ୍, ମାଇକ୍ରୋ ଫୋନ୍ ମନା ଏବଂ ସେମାନେ କୌଣସି ପ୍ରକାରର ବ୍ୟାଣ୍ଡ୍ ପିନ୍ଧି ଆସିପାରିବେ ନାହିଁ। ଜୋମେଟ୍ରି ବକ୍ସ, ପେନସିଲ୍ ବକ୍ସ, ହ୍ୟାଣ୍ଡବ୍ୟାଗ୍, ବେଲ୍‌ଟ୍, କ୍ୟାପ୍, ଅଳଙ୍କାର, ଘଣ୍ଟା ଓ ଅନ୍ୟାନ୍ୟ ଧାତବ ସାମଗ୍ରୀ ଉପରେ ମଧ୍ୟ ସିବିଏସ୍‌ଇ କଟକଣା ଲଗାଇଛି। କଟକଣା ଲାଗୁ କରାଯାଇଥିବା ସାମଗ୍ରୀ ଯଦି କେହି ନିଜ ସାଙ୍ଗରେ ଆଣେ, ତା'ହେଲେ ସେଗୁଡ଼ିକୁ ରଖିବା ପାଇଁ କେନ୍ଦ୍ରରେ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ତେଣୁ ନିଜ ଜିନିଷ କେଉଁଠି ରଖିବେ, ସେ ଦାୟିତ୍ୱ ଛାତ୍ରଛାତ୍ରୀମାନଙ୍କର ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯଦି ଏହି ନିୟମକୁ କିଏ ଉଲ୍ଲଙ୍ଘନ କରେ, ତା'ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ୨୦୧୭ ନିୟମ ଅନୁଯାୟୀ ପରୀକ୍ଷାର ଏକ ଘଣ୍ଟା ପୂର୍ବରୁ ଛାତ୍ରଛାତ୍ରୀମାନେ କେନ୍ଦ୍ର ନିକଟରେ ପହଞ୍ଚିବେ। ପରୀକ୍ଷା ମେ' ୬ ତାରିଖ ସକାଳ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଚାଲିବ।

# କର୍ମଚାରୀଙ୍କ ସୋଶାଲ୍ ମିଡିଆ ଆକାଉଣ୍ଟ୍ ଉପରେ କମ୍ପାନୀର ନଜର




**ମୁମ୍ବାଇ :** ବିଭିନ୍ନ ଅଗ୍ରଣୀ କମ୍ପାନୀ ନିଜର କର୍ମଚାରୀଙ୍କ ଅନ୍‌ଲାଇନ୍ ଦୁନିଆ ସମ୍ପର୍କରେ ନଜର ରଖିବେ ଯାହାକି ପୂର୍ବରୁ ବ୍ୟକ୍ତିଗତ ବୋଲି ବିଚାର କରାଯାଉଥିଲା। ସୋଶାଲ ମିଡିଆରେ ଦେଉଥିବା ମତାମତ କ୍ରମେ ବିରାଟ ରୂପ ନେଉଥିବାରୁ କମ୍ପାନୀଗୁଡ଼ିକ ଏହି ବାବଦରେ ରଖିଥିବା ମନୋଭାବ ପରିବର୍ତ୍ତନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଇ କିଛି ଦିନ ତଳେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ କେରଳର ଜଣେ କର୍ମଚାରୀ ୮ ବର୍ଷୀୟ ନାବାଳିକାର ଗଣଦୁଷ୍କର୍ମ ପ୍ରସଙ୍ଗରେ ଆପତ୍ତିଜନକ ଫେସବୁକ୍ ପୋଷ୍ଟ କରିଥିବାରୁ ତାଙ୍କୁ ଚାକିରିରୁ ବାହାର କରାଯାଇଥିଲା। କିନ୍ତୁ ପରେ ବ୍ୟାଙ୍କ୍ ସଫେଇ ଦିଆଯାଇଥିଲା ଯେ, ନିମ୍ନମାନର ପ୍ରଦର୍ଶନ ପାଇଁ ସେ ଚାକିରି ହରାଇଥିଲେ। ସାମ୍‌ସୋନାଇଟ୍ ଇଣ୍ଟରନ୍ୟାସନାଲ ନାମକ ଏକ କମ୍ପାନୀର ଗ୍ଲୋବାଲ୍ ସିଇଓ ରମେଶ ତାନ୍‌ୱାଲା କହିବା ଅନୁଯାୟୀ, ବର୍ତ୍ତମାନ ସୋଶାଲ ମିଡିଆ ହିଁ ନିଷ୍ପତ୍ତି ନେଉଛି କେଉଁଟା ବ୍ୟକ୍ତିଗତ ଯୋଗାଯୋଗ ଏବଂ ଆଉ କେଉଁଟା ସର୍ବସାଧାରଣ ଯୋଗାଯୋଗ। ଆଉ ଏହା ବର୍ତ୍ତମାନ ପରିଚାଳନା ବୋର୍ଡର ଦାୟିତ୍ୱ ବଢ଼ାଇଦେଇଛି। ଅନେକ କମ୍ପାନୀ ବିଶେଷ କରି ଗ୍ରାହକମାନଙ୍କୁ ସିଧା ସଳଖ ଭେଟୁଥିବା କମ୍ପାନୀଗୁଡ଼ିକ ସୋଶାଲ ମିଡିଆ ପୋଷ୍ଟ ଉପରେ ନିୟନ୍ତ୍ରଣ ଆଣି କ'ଣ କରିବା ଉଚିତ କ'ଣ ଅନୁଚିତ, ସେ ସମ୍ପର୍କରେ ଗାଇଡ୍ ଲାଇନ୍ ପ୍ରସ୍ତୁତ କରୁଛନ୍ତି। କମ୍ପାନୀର ବିଶ୍ୱାସକୁ ଉଲ୍ଲଂଘନ କରି କୌଣସି ପୋଷ୍ଟ କରାଯାଇପାରିବନି, ଘୃଣା ସମ୍ବଳିତ ହେବ ନାହିଁ ଏବଂ ସମ୍ବେଦନଶୀଳତାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିଭଳି ବିଗ୍‌ବଜାର ପରି ସଫଳ ଉଦ୍ୟୋଗର ମୂଳ କମ୍ପାନୀ ଫ୍ୟୁଚର ଗ୍ରୁପର ପ୍ରତିଷ୍ଠାତା କିଶୋର ବିୟାନୀ କହିଛନ୍ତି, ସୋଶାଲ ମିଡିଆ ଦ୍ରୁତ ଗତିରେ ପରିବର୍ତ୍ତନକୁ ସାମ୍ନା କରୁଥିବା ଏକ ପ୍ଲାଟଫର୍ମ। ଆମେ କେବଳ ନଜର ରଖିବାରେ ସୀମିତ ହୋଇଯିବା ଠିକ୍ ହେବନି, ଦେଶର ପ୍ରତିଟି ସମସ୍ୟା ଏବଂ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ପ୍ରତି ମଧ୍ୟ ସତର୍କ ହେବାକୁ ହେବ। ଗତ ବର୍ଷ ଭାରତରେ ଫେସବୁକ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୪ କୋଟି ଅତିକ୍ରମ କରିଛି ଏବଂ ଏହା ସହିତ ବିଶ୍ୱର ସର୍ବବୃହତ ସୋଶାଲ୍ ମିଡିଆ ବ୍ୟବହାରକାରୀଙ୍କ ରାଷ୍ଟ୍ର ପାଲଟିଛି। ଏହା ବ୍ୟତୀତ ଟ୍ୱିଟର କ୍ଷେତ୍ରରେ ମଧ୍ୟ ପ୍ରତିଦିନର ବ୍ୟବହାକାରୀଙ୍କ ସଂଖ୍ୟା ଭାରତରେ ସର୍ବାଧିକ। ଏପରି କ୍ଷେତ୍ରରେ କମ୍ପାନୀଗୁଡ଼ିକ ସର୍ବସାଧାରଣରେ ନିଜର ପରିଚୟରେ ଦାଗ ନଲାଗିବାପାଇଁ ଚେଷ୍ଟା କରିବା ସ୍ୱାଭାବିକ। ଏ ପ୍ରସଙ୍ଗରେ ଆଦିତ୍ୟ ବିର୍ଲା ମ୍ୟାନେଜ୍‌ମେଣ୍ଟ କର୍ପୋରେସନ୍‌ର ଏଚ୍ଆର୍ ବିଭାଗ ମୁଖ୍ୟ ସନ୍ତୃପ୍ତ ବି ମିଶ୍ର କହିଛନ୍ତି, ଏକ ନିୟମାବଳୀ ଜାରି କରିବା ସହିତ ଆବଶ୍ୟକତା ସ୍ଥଳରେ ମଝିରେ ମଝିରେ ପରିବର୍ତ୍ତନ କରିବା ଜରୁରୀ। ଏହା ବ୍ୟତୀତ ଏହାର ଉନ୍ନୟନମୂଳକ ବ୍ୟବହାର ପାଇଁ ସଚେତନ କରାଯିବା ଜରୁରୀ। ଅନ୍ୟ ପକ୍ଷରେ ନିଯୁକ୍ତିଦାତା ମଧ୍ୟ ସୋଶାଲ ମିଡିଆ ପ୍ରୋଫାଇଲ୍ ଉପରେ ନଜର ରଖୁଛନ୍ତି। ଆଜି କାଲି ପିଢ଼ି ନିଜ ଭାବନାକୁ ପରିପ୍ରକାଶ କରିବା ପାଇଁ ସୋଶାଲ ମିଡିଆର ଭରପୂର ସାହଯ୍ୟ ନେଉଥିବାରୁ ଏହାକୁ ଅନୁଧ୍ୟାନ କଲେ ତାଙ୍କ ବିଷୟରେ ଅନେକ କିଛି ତଥ୍ୟ ହାସଲ କରିହେଉଛି। ଯଦିଓ ନିଯୁକ୍ତି କ୍ଷେତ୍ରରେ ଏହା ମୁଖ୍ୟ ଆବଶ୍ୟକତା ନୁହେଁ, ନିଯୁକ୍ତି ଦେବା ସମୟରେ ବିଭିନ୍ନ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

# ଶଙ୍ଖ ଧରିଲେ ଅରୂପ

**ଭୁବନେଶ୍ୱର :** ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ପୂର୍ବତନ ପୋଲିସ କମିଶନର (ମହାରାଷ୍ଟ୍ର କ୍ୟାଡର୍) ଅରୂପ ପଟ୍ଟନାୟକ ନବୀନ ନିବାସରେ ସାକ୍ଷାତ କରି ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବାରୁ ମାନ୍ୟବର ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ଅରୂପ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ ତାଙ୍କ ପରିଚୟ ଦେବାର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ଅରୂପ ଆମ ଦଳ ପାଇଁ ଅମୂଲ୍ୟ ସଂପଦ ହେବେ। ଏଥିଲାଗି ମୁଁ ବହୁତ ଖସି। ଏହି ଅବସରରେ ଅରୂପ ପଟ୍ଟନାୟକ କହିଥିଲେ ଯେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ରଥ ଶୁଭ ଅନୁକୂଳ ଓ ଅକ୍ଷୟ ତୃତୀୟା ଭଳି ଶୁଭ ଦିବସରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଓଡ଼ିଆଙ୍କ ହୃଦୟର ସମ୍ରାଟ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଜୁ ଜନତା ଦଳରେ ମୁଁ ଯୋଗ ଦେଇଛି। ବିଜୁ ପଟ୍ଟନାୟକଙ୍କ ଉପଯୁକ୍ତ ଦାୟାଦ ତଥା ସ୍ୱଚ୍ଛ ଓ ବଳିଷ୍ଠ ନେତୃତ୍ୱ ଦେଇଆସୁଥିବା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ଓଡ଼ିଶାର ସେବା କରିବା ପାଇଁ ଏ ଯେଉଁ ସୁଯୋଗ ଦେଲେ, ସେଥିଲାଗି ମୁଁ ତାଙ୍କ ପାଖରେ କୃତଜ୍ଞ। ଦୀର୍ଘଦିନ ଧରି ଅନ୍ୟ ରାଜ୍ୟର ସେବା କରିବା ପରେ ଆଜି ନିଜର ଜନ୍ମସ୍ଥାନ ଓଡ଼ିଶାରେ ସେବା କରିବାକୁ ମୋତେ ସୁଯୋଗ ମିଳିଛି, ସେଥିପାଇଁ ମୁଁ ଅତି ଉତ୍ସାହିତ। ମୁଁ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଏହି ଯୋଗଦାନ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ମହେଶ୍ୱର ମହାନ୍ତି, ଅଶୋକ ଚନ୍ଦ୍ର ପଣ୍ଡା, ବଦ୍ରି ନାରାୟଣ ପାତ୍ର, ସାଂସଦ ପ୍ରସନ୍ନ ପାଟଶାଣୀ, ପ୍ରଶାନ୍ତ ନନ୍ଦ, ଦଳର ସାଧାରଣ ସଂପାଦକ ତଥା ବିଧାୟକ ସଂଜୟ କୁମାର ଦାସବର୍ମା, ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ସଂପାଦକ ବିଜୟ ନାୟକ, ଛାତ୍ର ବିଜେଡି ରାଜ୍ୟ ସଭାପତି ରାଣାପ୍ରତାପ ପାତ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# 'ଶିକ୍ଷକଙ୍କ ପ୍ରତି ସମ୍ବେଦନଶୀଳ ହୁଅ'

**ଭୁବନେଶ୍ୱର :** ଶିକ୍ଷକ, ଅଧ୍ୟାପକମାନଙ୍କ ଚାକିରି ସର୍ତ୍ତାବଳୀ ଓ ଦରମା ନେଇ ଆନ୍ଦୋଳନ ଚାଲିଥିଲା ବେଳେ ରାଜ୍ୟ ସରକାର ସମ୍ବେଦନଶୀଳତା ସହ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ପୁରପଲ୍ଲୀରେ ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ରାଜ୍ୟର ସମ୍ବଳ। ନୂଆ ଓଡ଼ିଶା ପାଇଁ ନୂଆ ପିଢ଼ିକୁ ଉତ୍ତମ ଶିକ୍ଷା ଓ ଉତ୍ତମ ଦକ୍ଷତା ଆଧାରରେ ହିଁ ଗଢ଼ାଯାଇପାରିବ। ଗତ କିଛି ଦିନ ଧରି ରାଜ୍ୟରେ ମାଟ୍ରିକ୍ ହେଉ ବା ଯୁକ୍ତ ଦୁଇ ବା ଅନ୍ୟାନ୍ୟ ପାଠ୍ୟକ୍ରମର ଶିକ୍ଷକ, ଅଧ୍ୟାପକ ଆନ୍ଦୋଳନର ରାସ୍ତାରେ ଅଛନ୍ତି। ବିଶେଷ ଭାବରେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନରେ ପିଲାମାନଙ୍କୁ ପ୍ରତ୍ୟକ୍ଷ ଭାବେ ପାଠ ପଢ଼ାଉଥିବା ଶିକ୍ଷକ, ଅଧ୍ୟାପକମାନଙ୍କର ଏକ ପ୍ରମୁଖ ଭାଗ ଖାତା ଦେଖାକୁ ବର୍ଜନ କରିଛନ୍ତି। ସେମାନଙ୍କର କିଛି ଦାବି ନେଇ ଧାରଣା, ବିକ୍ଷୋଭ ଓ ପ୍ରତିବାଦ କରି ଆନ୍ଦୋଳନ କରୁଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ପ୍ରତ୍ୟକ୍ଷ ଭାବେ ପାଠ ପଢ଼ାଉଥିବା ଶିକ୍ଷକ, ଅଧ୍ୟାପକମାନେ ପରୀକ୍ଷା ଖାତା ନଦେଖିବା କାରଣରୁ ଛାତ୍ରଛାତ୍ରୀମାନଙ୍କ ମନରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍କୁଲ ଓ କଲେଜରେ ଗରିବ ଓଡ଼ିଆ ପିଲାମାନେ ହିଁ ପାଠ ପଢୁଛନ୍ତି। ସେମାନଙ୍କର ମାନସିକ ଦୃଢ଼ତା ଓ ସଫଳତା ସହିତ ଓଡ଼ିଶାର ଆଗାମୀ ଭବିଷ୍ୟତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଶିକ୍ଷକ, ଅଧ୍ୟାପକମାନେ ସେମାନଙ୍କର ଚାକିରି ସର୍ତ୍ତାବଳୀ, ଦରମା ନେଇ ଆନ୍ଦୋଳନ କରିବା କିଛି ନୂଆ କଥା ନୁହେଁ। ସରକାର ଆନ୍ଦୋଳନକାରୀ ଶିକ୍ଷକ, ଅଧ୍ୟାପକଙ୍କ ସହ ଆପୋଷ ଆଲୋଚନା ମାଧମରେ ସମାଧାନର ରାସ୍ତା କାଢ଼ିବା ପାଇଁ ଆଗେଇ ଆସିବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଯେହେତୁ ସାଧାରଣ ଘରର ଓଡ଼ିଆ ପିଲାମାନଙ୍କର ଭବିଷ୍ୟତ ସହିତ ଶିକ୍ଷକ, ଅଧ୍ୟାପକମାନଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି, ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା କାଢ଼ିବା ଉଚିତ ବୋଲି ସେ କହିଛନ୍ତି। ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ଚାଷୀକୁଳକୁ ଅଭିନନ୍ଦନ ଜଣାଇଛନ୍ତି। ଅକ୍ଷୟ ତୃତୀୟାକୁ ଓଡ଼ିଶାର ଅର୍ଥନୀତିର ପ୍ରମୁଖ ଆଧାର ଚାଷ କାମ ଅନୁକୂଳର ଶୁଭ ଦିନ ବୋଲି କହିବା ସହିତ ଓଡ଼ିଆ ଚାଷୀଭାଇଙ୍କ ଭଲ ଫସଲ ଅମଳ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ସହାୟକ ହୁଅନ୍ତୁ ବୋଲି ସେ କହିଛନ୍ତି।

# ମେ'ରେ ବମିଖାଲ, ଜୁନ୍‌ରେ ଗୁରୁପ୍ରିୟା ସେତୁ ଲୋକାର୍ପିତ ହେବ

**ଭୁବନେଶ୍ୱର :** ବହୁଚର୍ଚ୍ଚିତ ଭୁବନେଶ୍ୱର ବମିଖାଲ ଓଭରବ୍ରିଜ୍ ଓ ମାଲକାନଗିରୀ ଜିଲ୍ଲା ଗୁରୁପ୍ରିୟା ସେତୁ ଯଥାକ୍ରମେ ଆସନ୍ତା ମେ' ଓ ଜୁନ୍ ମାସରେ ଲୋକାର୍ପିତ ହେବ ବୋଲି ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାର ଉତ୍ତରରେ ସେ ଏହା କହିଛନ୍ତି। ସମ୍ପୃକ୍ତ ବିଭାଗ ପାଇଁ ଆଜି ଗୃହରେ ୪୨୬୭ କୋଟି ୮୭ ଲକ୍ଷ ୫୭ ହଜାର ଟଙ୍କାର ଖର୍ଚ୍ଚଦାବି ଆଗତ କରାଯାଇଥିବା ବେଳେ ଆଲୋଚନାକୁ ଆରମ୍ଭ କରି ବିରୋଧୀଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଏହି ବିଭାଗଟି ଶାସକ ଦଳର ଖାଦ୍ୟ ବିଭାଗ ବୋଲି କହିଥିଲେ। ବହୁ ବିଜେଡି ନେତାଙ୍କ ଭାଇ, ପୁଅ ବା ପୁତୁରା ଠିକାଦାରୀ ବ୍ୟବସାୟ ସହିତ ସମ୍ପୃକ୍ତ ଥିବା ବେଳେ ଅଯାଚିତ ଭାବରେ ନିର୍ମାଣ ବିଭାଗ ଏମାନଙ୍କୁ ସହାୟତା କରୁଛି ବୋଲି ସେ ଅଭିଯୋଗ କରିଥିଲେ। ସେହିପରି ନିର୍ବାଚନ ଲଢ଼ିବା ପାଇଁ ଶାସକ ଦଳକୁ ଠିକାଦାରଙ୍କ ମାଧ୍ୟମରେ ମୋଟା ଅଙ୍କର ଚାନ୍ଦା ମିଳୁଥିବା ସେ ଗୃହରେ କହିଥିଲେ। ଏହାର ଫଳ ସ୍ୱରୂପ ବମିଖାଲ ଓଭରବ୍ରିଜ୍ ଭୁଶୁଡ଼ିବା ବା ଗୁରୁପ୍ରିୟା ସେତୁର ପାଇଲ୍ ଦବିଯିବା ଭଳି ଘଟଣା ଦେଖିବାକୁ ମିଳୁଛି। ନିମ୍ନମାନର କାର୍ଯ୍ୟ ହେତୁ ଗୋଟିଏ ବର୍ଷ ମଧ୍ୟରେ ରାସ୍ତା ଧୋଇହୋଇ ଯାଉଛି। ଜାଲ୍ ଟିଡିଆର୍ ଦେଇ ଲୋକ ଟେଣ୍ଡର ହାତାଉଛନ୍ତି। ଏହିସବୁ ଘଟଣାର ଠିକ୍ ତଦନ୍ତ କରାଯାଉ ନାହିଁ। କିଛି ଘଟଣାରେ କମିଶନ ବସାଯାଇଥିଲେ ସୁଦ୍ଧା ରିପୋର୍ଟ ପ୍ରକାଶ ପାଉ ନାହିଁ। ଏହା ବାଦ୍ ନକ୍ସଲ ଅଧ୍ୟୁସିତ ଅଞ୍ଚଳରେ ଠିକାଦାରଙ୍କୁ ସୁରକ୍ଷା ମିଳୁନାହିଁ। ଫଳରେ ଠିକାଦାର ନରହିଲେ ବିକାଶ କାର୍ଯ୍ୟ କିଭଳି ହେବ ବୋଲି ସେ ଗୃହରେ ପ୍ରଶ୍ନ କରିଥିଲେ। ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ବିଭିନ୍ନ ବିଭାଗୀୟ ଅପାରଗତାକୁ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ବିଭିନ୍ନ ରାସ୍ତା ଏବଂ କୋଠାବାଡ଼ି ନିର୍ମାଣ ସମୟରେ ନିୟମର ଉଲ୍ଲଙ୍ଘନ କରାଯାଉଛି। ପୂର୍ତ୍ତ ବିଭାଗର ବିଭିନ୍ନ ରାସ୍ତା ନିର୍ମାଣ ବେଳେ ଯଦି ନିକଟସ୍ଥ ଜଳାଶୟଗୁଡ଼ିକରୁ ମାଟି ନିଆଯାଆନ୍ତା ତାହେଲେ ଖରାଦିନେ ଜଳକଷ୍ଟ ଦୂର ହୋଇପାରନ୍ତା। ମାଟି କଢ଼ାଯିବା କାରଣରୁ ଏଗୁଡ଼ିକ ଅଧିକ ଗଭୀର ହେବା ସହିତ ଏହାର ଜଳଧାରଣ କ୍ଷମତା ମଧ୍ୟ ବୃଦ୍ଧି ପାଆନ୍ତା। ମାତ୍ର ସେଭଳି କରାଯାଉ ନାହିଁ। ଭାରତୀୟ ରୋଡ୍ କଂଗ୍ରେସର ନିୟମ ଅନୁସାରେ ରାସ୍ତାଗୁଡ଼ିକରେ ସାଇନବୋର୍ଡ ଲଗାଯାଉ ନାହିଁ। ରାସ୍ତାରେ ସ୍ପିଡ୍ ବ୍ରେକର ସ୍ଥାନରେ ଛୋଟଛୋଟ ପାହାଡ଼ ସୃଷ୍ଟି କରାଯାଉଛି। ଏହି କାରଣରୁ ଦୁର୍ଘଟଣା ବୃଦ୍ଧି ପାଉଛି। କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ ମାଝୀ ମଧ୍ୟ ଏହି ବିଭାଗର କାର୍ଯ୍ୟକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବିଜେଡି ବିଧାୟକ ସଞ୍ଜୟ ଦାସବର୍ମା କହିଥିଲେ ଯେ ଇତିମଧ୍ୟରେ ତିନିବର୍ଷ ବିତିଯାଇଥିଲେ ସୁଦ୍ଧା ପୁରୀ-ଭୁବନେଶ୍ୱର ନବକଳେବର ରୋଡ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଭାରତମାଳା ପ୍ରକଳ୍ପ ଅନ୍ତର୍ଗତ ଦୀଘାରୁ ଗୋପାଳପୁର ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା କୋଷ୍ଟାଲ ହାଇୱେ ନେଇ ବୈଠକ ଡକାଯାଉ ନାହିଁ। କେନ୍ଦ୍ର ସରକାର ଏନେଇ ସ୍ଥାନୀୟ ଏମପି ଓ ଏମଏଲଏମାନଙ୍କୁ ତଥ୍ୟ ଦେଉ ନାହାନ୍ତି। ଆଲୋଚନାରେ ଭାଗନେଇ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅଶ୍ୱିନୀ ପାତ୍ର, ପୂର୍ଣ୍ଣ ସେଠୀ, ରାଣେସ୍ୱରୀ ପାଣିଗ୍ରାହୀ ଏବଂ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ପୂର୍ତ୍ତ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଲୋଚନାର ଉତ୍ତରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସରକାରୀ ଓ ବେସରକାରୀ ଭାଗୀଦାରୀରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଥିବା କହିଥିଲେ। କେବିକେ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଭୂମି ଉନ୍ନୟନ ପାଙରି, ପୁରୀ ଠାରେ ଅବଢ଼ା ଯୋଜନା, ରାଜଧାନୀ ରାସ୍ତାର ଉନ୍ନତିକରଣ, ବିଜୁ ଏକ୍ସପ୍ରେସ ୱେ, ବିଭିନ୍ନ ସହରରେ ରିଙ୍ଗ ରୋଡ୍ ନିର୍ମାଣ ଏବଂ ନକ୍ସଲ ଉପଦ୍ରୁତ ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଥିଲେ। ସେହିପରି ଆସନ୍ତା ବର୍ଷ ଠାରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବ୍ୟବହାର କରି ଭୁବନେଶ୍ୱର ଓ କଟକରେ ରାସ୍ତା ନିର୍ମାଣ କରାଯିବ ବୋଲି ସେ କହିଥିଲେ।

# ନିଯୁକ୍ତି ହେବେ ୮୩୩ ଅଧ୍ୟାପକ

**ଭୁବନେଶ୍ୱର :** ୮୩୩ଟି ଅଧ୍ୟାପକ ପଦବୀ ପୂରଣ ପାଇଁ ଚଳିତବର୍ଷ ପରୀକ୍ଷା କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ବିଧାନସଭାରେ କହିଛନ୍ତି। ପ୍ରଶ୍ନକାଳରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ମୂଳ ପ୍ରଶ୍ନ ଓ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀ, ଦିବ୍ୟଶଙ୍କର ମିଶ୍ର, ଜ୍ୟାକବ ପ୍ରଧାନ, ଟୁକୁନି ସାହୁ, ମହେଶ ସାହୁ, ପ୍ରିୟଦର୍ଶୀ ମିଶ୍ର,ଯୋଗେଶ ସିଂ ଓ ଅନ୍ୟମାନଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ୧୬୨୫ଟି ଅଧ୍ୟାପକ ପଦବୀ ପୂରଣ କରାଯାଉଛି ଓ ବାକି ୮୩୩ଟି ପଦବୀ ପୂରଣ ନିମନ୍ତେ ଚଳିତବର୍ଷ ପରୀକ୍ଷା କରାଯିବ। ଏହା ବ୍ୟତୀତ ଯେଉଁ ସବୁ କଲେଜରେ କ୍ରୀଡ଼ା ପାଇଁ ଭିତ୍ତିଭୂମି ରହିଛି ସେଠାରେ ଅଗ୍ରାଧିକାର ଭିତ୍ତିରେ କ୍ରୀଡ଼ା ଶିକ୍ଷକ ମଧ୍ୟ ନିଯୁକ୍ତି ଦିଆଯିବ। ତେବେ କଲେଜଗୁଡ଼ିକରେ ବାଧ୍ୟତାମୂଳକ ଟ୍ୟୁଟୋରିଆଲ କ୍ଲାସ୍ ଓ ମାସିକ ଟେଷ୍ଟ୍ କରାଯିବା ପ୍ରସ୍ତାବକୁ ସରକାର ବିଚାର କରିବେ ବୋଲି ଦେଖିବେ ବୋଲି ସେ କହିଛନ୍ତି। ରାଜ୍ୟରେ ଏବେ ମୋଟ ୫୨ଟି ସରକାରୀ କଲେଜ ରହିଛି। ଏହି ସରକାରୀ କଲେଜ ସଂଖ୍ୟା ବୃଦ୍ଧି କରିବାର ଏବେ କୌଣସି ପ୍ରସ୍ତାବ ନାହିଁ। ଯେଉଁ ସବୁ କଲେଜଗୁଡ଼ିକ ସରକାରୀ ଅନୁଦାନ ପାଉଛନ୍ତି ସେଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ସରକାର ପଦକ୍ଷେପ ନେଉଛନ୍ତି। ଏହା ବ୍ୟତୀତ ରାଜ୍ୟରେ କେତେ କଲେଜର ନିଜସ୍ୱ ଖେଳପଡ଼ିଆ ନାହିଁ ଓ ନିଜସ୍ୱ ଜମି ନାହିଁ ସେ ନେଇ ଆଞ୍ଚଳିକ ନିର୍ଦ୍ଦେଶକମାନଙ୍କୁ ଏକ ରିପୋର୍ଟ ମଗାଯିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେବା ସହ ଉକ୍ତ ରିପୋର୍ଟ ଆଧାରରେ କଲେଜରେ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି କହିଛନ୍ତି। ଉଚ୍ଚଶିକ୍ଷାର ମାନବୃଦ୍ଧି ପାଇଁ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି। ନାକ୍ ମାନ୍ୟତାପ୍ରାପ୍ତ କଲେଜ ସଂଖ୍ୟା ୧୬୪, ବିଶ୍ୱବିଦ୍ୟାଳୟ ସଂଖ୍ୟା ୧୧ ଓ ନାକ୍ ବୈଧତା ପାଇଁ ନାକ୍ ଆବେଦନ କରିଥିବା କଲେଜ ସଂଖ୍ୟା ୨୩୦କୁ ବୃଦ୍ଧି ପାଇଛି। ୨୦୧୭ ମସିହାରୁ ରାଜ୍ୟ ସରକାର ଯୁକ୍ତ ଦୁଇ ଓ ଯୁକ୍ତ ତିନି କଲେଜକୁ ପୃଥକୀକରଣ କରିଛନ୍ତି। ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ଓ ୟୁନିର୍ଭସିଟିରେ ସିବିଏସ୍‌ଇ ପାଠ୍ୟକ୍ରମ ଲାଗୁ କରାଯାଇଛି। ସରକାରୀ ଡିଗ୍ରୀ କଲେଜରେ ୫୧୩ଜଣ ଶିକ୍ଷକ ପଦବୀ ପୂରଣ ପାଇଁ ଓପିଏସ୍‌ସିଙ୍କୁ ଅନୁରୋଧ କରାଯାଇଥିଲା। ସେଥିରୁ ୨୭୨ଜଣଙ୍କୁ ନିଯୁକ୍ତି ମିଳିଛି। ଏହା ବ୍ୟତୀତ ୩୨୦ଟି ନୂଆ ଅଧ୍ୟାପକ ପଦବୀ ମଧ୍ୟ ସୃଷ୍ଟି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି।

# ରାଜ୍ୟର ସମସ୍ତ ବ୍ଲକ୍‌ରେ ସ୍ଥାପନ ହେବ ଜେଏମ୍‌ଏଫ୍‌ସି କୋର୍ଟ

**ଭୁବନେଶ୍ୱର :** ୨୦୧୯-୨୦ ମସିହା ସୁଦ୍ଧା ରାଜ୍ୟର ସମସ୍ତ ବ୍ଲକ୍‌ରେ ପର୍ଯ୍ୟାୟକ୍ରମେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ କରାଯିବ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଏବେ ସମଗ୍ର ରାଜ୍ୟରେ ମୋଟ ୩୧୪ଟି ବ୍ଲକ୍ ମଧ୍ୟରୁ ୧୧୫ଟି ବ୍ଲକ୍‌ରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ହେବା ବାକି ରହିଛି। ଚଳିତ ଆର୍ଥିକ ବର୍ଷ ଓ ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ଆଜି ପ୍ରଶ୍ନକାଳରେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମୂଳପ୍ରଶ୍ନ ଓ ଯୋଗେନ୍ଦ୍ର ବେହେରା, ପ୍ରମୋଦ ମଲ୍ଲିକ, କନକବର୍ଦ୍ଧନ ସିଂହଦେଓ, ଡମ୍ବୁର ସିସା, ପ୍ରିୟାଂଶୁ ପ୍ରଧାନ ଆଦିଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜେନା କହିଥିଲେ ଯେ, ସମସ୍ତ ବ୍ଲକ୍‌ରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ହାଇକୋର୍ଟଙ୍କ ସୁପାରିସ୍ ମିଳିଛି। ଗତ ୩ବର୍ଷ ମଧ୍ୟରେ ଅନେକ ବ୍ଲକ୍‌ରେ ଏହି କୋର୍ଟ ଖୋଲାଯାଇଛି ଓ ଆସନ୍ତା ୨ବର୍ଷ ମଧ୍ୟରେ ଯେଉଁ ବ୍ଲକ୍‌ରେ ଜେଏମ୍‌ଏଫ୍‌ସି କୋର୍ଟ ନାହିଁ ସେଠାରେ ତାହା ସ୍ଥାପନ କରାଯିବ। ମାଲକାନଗିରିର ସମସ୍ତ ବ୍ଲକ୍‌ରେ କୋର୍ଟ ଖୋଲାଯିବ ଓ ଏବେ ସରକାର ଅଗ୍ରାଧିକାର ଭିତ୍ତିରେ ମାଲକାନଗିରିରେ ବହୁ କୋର୍ଟ ସ୍ଥାପନ କରିଛନ୍ତି।

# 'ବିଜୁବାବୁ ଓଡ଼ିଆ ଜାତିର ଗୌରବ'

**ଭୁବନେଶ୍ୱର :** ପ୍ରବାଦ ପୁରୁଷ ବିଜୁ ବାବୁ ଅନେକ କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛନ୍ତି। ନେତା ଓ ଜନତାଙ୍କ ମଧ୍ୟରେ ସମ୍ପର୍କକୁ ନୂଆ ଦିଗ ଦେଇଛନ୍ତି। ବିଜୁ ବାବୁ ବିଶ୍ୱରେ ଓଡ଼ିଆ ଜାତିର ଗୌରବ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ କହିଛନ୍ତି। ଜୟଦେବ ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୧ତମ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବିଜୁ ବାବୁ ଥିଲେ ଓଡ଼ିଶାବାସୀଙ୍କର ଅତି ନିଜର। ତାଙ୍କର ସବୁ ସ୍ୱପ୍ନ, ସବୁ ସଂଗ୍ରାମ ଥିଲା ଓଡ଼ିଆ ସ୍ୱାଭିମାନ ପାଇଁ, ଓଡ଼ିଆ ଜାତିର ଗୌରବ ପାଇଁ। ଓଡ଼ିଶା ମା'ର ସ୍ୱତନ୍ତ୍ର ପରିଚୟ ପାଇଁ ତାଙ୍କର ଜୀବନ ଥିଲା ସମର୍ପିତ। ବିଜୁ ବାବୁ ଥିଲେ ଇତିହାସ ପୁରୁଷ, ବିକାଶ ପୁରୁଷ ଓ ସ୍ୱାଭିମାନୀ ପୁରୁଷ। ୧୯୯୭ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁର ଏତେ ଦିନ ପରେ ମଧ୍ୟ ଓଡ଼ିଶାବାସୀଙ୍କ ସହ ତାଙ୍କର ସମ୍ପର୍କ ମଜବୁତ ରହିଛି। ଚାରି କୋଟି ଓଡ଼ିଆଙ୍କ ଅନ୍ତରରେ ବିଜୁ ବାବୁ ଆଜି ମଧ ରହିଛନ୍ତି। ବିକାଶର ରାସ୍ତାରେ ଆଗେଇ ଯିବା ପାଇଁ ତଥା ଓଡ଼ିଶାବାସୀଙ୍କ ସେବା ପାଇଁ ଆମକୁ ପ୍ରେରଣା ଦେଇଛନ୍ତି। ତାଙ୍କର ଶ୍ରାଦ୍ଧ ଦିବସରେ ଓଡ଼ିଶାର ଗୌରବକୁ ଉଚ୍ଚା କରିବାକୁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜୟ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଜୁ ବାବୁଙ୍କ ଉପରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ।



# ଇମାମୀ ନଗରରେ ଶ୍ରୀଜଗନ୍ନାଥ ମନ୍ଦିର ରଥ ଅନୁକୂଳ

**ବାଲେଶ୍ୱର :** ବାଲେଶ୍ୱର ଜିଲ୍ଲା ଉପଖଣ୍ଡ ବାଳଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗର ଶ୍ରୀ ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟା ଅବସରରେ ପବିତ୍ର ଘୋଷଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହୋଇଛି। ଶ୍ରୀଜୀଉଙ୍କ ମଧ୍ୟାହ୍ନ ଧୂପ ଓ ଦ୍ୱାଦଶ ଯାତ୍ରା ବନ୍ଦାପନା ପରେ ମଦନମୋହନ ଭୂଦେବୀ ଓ ଶ୍ରୀଦେବୀ ବିରାଟ ପାଟୁଆରରେ ବିମାନକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ସେବକ ପ୍ରଭୁ ଶ୍ରୀ ବଳଭଦ୍ର, ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଧରି ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, କାହାଳୀ ଓ ହରିବୋଲ, ହୁଳହୁଳି ଧ୍ୱନିରେ ରଥଖଳାକୁ ଯାଇଥିଲା। ସେଠାରେ ଦେଉଳ ପୁରୋହିତ ୩ଖଣ୍ଡ ଧଉରା କାଠରେ କୁରାଢ଼ି ସ୍ପର୍ଶ କରୀ ନିର୍ମାଣ କାର୍ଯ୍ୟରେ ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସହିତ ମନ୍ଦିରର ପ୍ରଶାସନିକ ଅଧିକାରୀ, ବହୁ କର୍ମକର୍ତ୍ତା ଓ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଜୀଉମାନଙ୍କୁ ପୂଜା ଅର୍ଚ୍ଚନା କରାଯିବା ପରେ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ କୃତ୍ରିମ ପୁଷ୍କରିଣୀରେ ସୁସଜ୍ଜିତ ଅବସ୍ଥାରେ ମହାପ୍ରଭୁଙ୍କର ନାବଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିରକୁ ସୁସଜ୍ଜିତ ଆଲୋକମାଳାରେ ଓ ସୁଦୂର କଲିକତାରୁ ଅଣାଯାଇଥିବା ପୁଷ୍ପଗୁଚ୍ଛରେ ମଣ୍ଡିତ ହୋଇଥିବା ଅତ୍ୟାଧୁନିକ ବ୍ୟବସ୍ଥା, ଉପସ୍ଥିତ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମଧ୍ୟରେ ଇମାମି ନଗର ଜଗନ୍ନାଥ ଭାବନାମୟରେ ପରିଣତ ହୋଇଥିଲା। ଏହି ଚନ୍ଦନଯାତ୍ରା ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶେଷଦିନରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନସନ୍ଧ୍ୟା ଅନୁଷ୍ଠିତ ହେବବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମକୁ ଲକ୍ଷ୍ୟରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସ୍ୱାସ୍ଥ୍ୟସେବା ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଏମ୍.ବି.ଏସ୍. ନାୟାର, ଖୈତାନଜୀ, ମନୋଜ କୁମାର ପାଢ଼ୀ, ଇମାମୀ ଗ୍ରୁପ୍‌ର ଅଧକ୍ଷ ସୁଶିଲ କୁମାର ଗୟଲ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ ହେଉ


**କେନ୍ଦ୍ରାପଡ଼ା :** ଉତ୍କଳ ଦିବସ ଠାରୁ ଓଡ଼ିଆ ଭାଷାକୁ ନିଶ୍ଚିତ ରୂପେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଲେ। ହେଲେ ଓଡ଼ିଆ ଭାଷା ଏ ଯାଏ କାର୍ଯ୍ୟକାରୀ ହେଲା ନାହିଁ। ତେବେ ଏହିଭାଷା ସରକାରୀ ସ୍ତରରେ ଉପଯୁକ୍ତ ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହୋଇଛି। ସୂଚନାଯୋଗ୍ୟ, ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ମନ୍ତ୍ରୀ ପରିଷଦ ବୈଠକରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବାସହ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ନିମନ୍ତେ ଗୁରୁତ୍ୱ ଦିଆଯିବାପାଇଁ ନିଷ୍ପତି ନିଆଯାଇଥିଲା। ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର କୌଣସି ଗୋଟିଏ ହେଲେ ସରକାରୀ କାର୍ଯ୍ୟାଳୟରେ ଏପର୍ଯ୍ୟନ୍ତ ଓଡ଼ିଆରେ ଲେଖାଲେଖି ଆରମ୍ଭ ହୋଇନାହିଁ। ସେହିପରି ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ସରକାରୀ ଚିଠି ମଧ୍ୟ ଇଂରାଜିରେ ଆସୁଥିବାବେଳେ ଉତ୍ତର ମଧ୍ୟ ସେହି ଇଂରାଜିରେ ଦିଆଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ତହସିଲ ଗୁଡ଼ିକରେ ଓଡ଼ିଆରେ ନଥିପତ୍ର ଲେଖା ଯାଇ ନ ଥିବାର ସୂଚନା ମିଳୁଛି। ସେହିପରି ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆରେ କାଗଜ ପତ୍ର ନ ହେବା ଦୁଃଖ ଦାୟକ ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି।

# 'ବିହନ କିଣାରେ କୋଟି କୋଟି ଟଙ୍କା ଚଳୁ'

**ଭୁବନେଶ୍ୱର :** ରାଜ୍ୟ ସରକାର ଗତ ୪ ବର୍ଷ ଧରି କୃଷି କର୍ମଣ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ଦର୍ଶାଉଛି କି ରାଜ୍ୟରେ ଫସଲ ଅମଳ ପରିମାଣ ବୃଦ୍ଧି ଘଟିଛି। କିନ୍ତୁ ଏହା ସତ୍ତ୍ୱେ ବି ରାଜ୍ୟର ଚାଷୀଙ୍କ ଠାରୁ ରାଜ୍ୟ ସରକାର ବିହନ ନକିଣି ଟେଣ୍ଡର୍ କରି ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ରାଜ୍ୟର ଚାଷୀମାନଙ୍କଠାରୁ ବିହନ କର୍ପୋରେସନ ଦ୍ୱାରା ବିହନ କିଣାଯାଏ। ଏହାଦ୍ୱାରା ରାଜ୍ୟର ଚାଷୀ ଲାଭବାନ ହେବା ସହ କେନ୍ଦ୍ର ସରକାରଙ୍କ ସବ୍‌ସିଡି ପାଇଥାଏ । କିନ୍ତୁ ଏବେ ବିହନ କିଣିବା ପାଇଁ ଅନ୍ୟ ରାଜ୍ୟର ବେପାରୀଙ୍କଠାରୁ ଟେଣ୍ଡର୍ ଆହ୍ୱାନ କରାଯାଇଛି। ଏହି ପକ୍ରିୟା ଦ୍ୱାରା ବେପାରୀମାନେ ଲାଭବାନ ହେବେ ଏବଂ ସବ୍‌ସିଡିର ଅର୍ଥ ଚାଷୀର ଆକାଉଣ୍ଟକୁ ନଯାଇ ସିଧାସଳଖ ଭାବରେ ବେପାରୀଙ୍କ ଆକାଉଣ୍ଟ୍‌କୁ ଯିବ। ରାଜ୍ୟ ସରକାରଙ୍କ ଏପରି ଟେଣ୍ଡର୍ ଦ୍ୱାରା ବେପାରୀମାନଙ୍କ ଦ୍ୱାରା ଚାଷୀମାନେ ଶୋଷିତ ହେବେ ବୋଲି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି, ପୂର୍ବରୁ ରାଜ୍ୟ ସରକାର ଚାଷୀମାନଙ୍କୁ ୭ ଲକ୍ଷ କୁଇଣ୍ଟାଲ ବିହନ ଯୋଗାଇବା ନାଁରେ ବାଟମାରଣା କରିଆସୁଥିଲେ। ଡିବିଟି ଲାଗୁ ହେବା ପରେ ତାହା ୨ ଲକ୍ଷ କୁଇଣ୍ଟାଲକୁ ଖସି ଆସିଲା। ସେହିପରି ରାଜ୍ୟ ସରକାର ପୂର୍ବରୁ ୧ ଲକ୍ଷ କୁଇଣ୍ଟାଲ ଚିନାବାଦାମ ବିହନ ଯୋଗାଇ ଦେବାର ଦାବି କରୁଥିବାବେଳେ ତାହା ଏବେ ୧୮ ହଜାର କୁଇଣ୍ଟାଲ୍‌ରେ ପହଞ୍ଚିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି କି ରାଜ୍ୟ ସରକାର ଭୂତଚାଷୀଙ୍କ ନାମରେ କୋଟିକୋଟି ଟଙ୍କାର ଘୋଟାଲା କରି ଆସିଛନ୍ତି। ଡିବିଟି ଲାଗୁ ହେବା ପୂର୍ବରୁ ରାଜ୍ୟ ସରକାର ଧାନ ବିହନ କିଣିବା ନେଇ ୭୦ କୋଟି ଏବଂ ଚିନାବାଦାମ ବିହନ କିଣାରେ ୩୦ କୋଟି ଟଙ୍କା ବାଟମାରଣା କରିଛନ୍ତି। ରାଜ୍ୟ ସରକାର ତଞ୍ଚକତା କରି ଚାଷୀଙ୍କ ସଂଖ୍ୟା ଅଧିକା ଦେଖାଇ ରିହାତିକୁ ହଡ଼ପ କରୁଥିଲେ ବୋଲି ବିଜେପି ଅଭିଯୋଗ କରିଛି। ଥରେ ସିଧାସଳଖ ଚାଷୀଙ୍କ ଆକାଉଣ୍ଟ୍‌ରେ ରିହାତି ପହଞ୍ଚିବା ପରେ ରାଜ୍ୟ ସରକାର କାହିଁକି ଏବେ ଡିବିଟି ଲାଗୁ ନକରି ପ୍ରାଇଭେଟ ଏଜେନ୍ସିକୁ ଦେଉଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି, ରାଜ୍ୟ ସରକାର ୨୦୧୨ ମସିହାରେ କୃଷି କମିଶନ ବସାଇଥିଲେ ବି ଏପର୍ଯ୍ୟନ୍ତ ତାହାର ରିପୋର୍ଟ ଆସିନାହିଁ। ପୂର୍ବରୁ ବିହନ କିଣା ନେଇ କେନ୍ଦ୍ର ସରକାର ଡିବିଟି ଲାଗୁ କରିଥିଲେ ମଧ ଗତ ଦୁଇ ବର୍ଷ ଧରି ରାଜ୍ୟ ସରକାର ଏହାକୁ ଲାଗୁ କରିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ବିହନ କିଣିବା ନେଇ ଚାଷୀର ଆକାଉଣ୍ଟକୁ ଧାନ ପାଇଁ ୧୧୦୦ ଟଙ୍କା ଏବଂ ଚିନବାଦାମ ପାଇଁ ୨୫୦୦ ଟଙ୍କା ସବ୍‌ସିଡି ମିଳୁଥିଲା । ଏଥିରେ ରାଜ୍ୟ ସରକାରଙ୍କୁ କୌଣସି ମୁନାଫା ମିଳୁନଥିବାରୁ ଏବେ ଡିବିଟିକୁ ବନ୍ଦ କରି ଚଳିତ ବର୍ଷଠାରୁ ବିଭିନ୍ନ ଏଜେନ୍ସି ଏବଂ ମଧ୍ୟସ୍ଥିମାନଙ୍କ ଦ୍ୱାରା ବିହନ ଯୋଗାଇ ଦେବାର ପ୍ରସ୍ତାବ ରଖିଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ଏଗ୍ରୋ ଇଣ୍ଡଷ୍ଟ୍ରି, ସିଡ୍ କର୍ପୋରେସନ ମାଧ୍ୟମରେ ବିହନରେ କିଣୁଥିଲେ। ଡିବିଟି ଉଠାଇ ଦିଆଗଲେ ବେପାରୀ ଓ ମଧ୍ୟସ୍ଥିମାନେ ରିହାତି ଅର୍ଥ ପାଇବେ। ରାଜ୍ୟ ସରକାର ଧାନ ଓ ଚିନାବାଦାମ ବିହନ କିଣିବାରେ ଡିବିଟି ଲାଗୁ କରିଥିଲେ । ବିହନ କିଣାରେ ଚାଷୀମାନେ ଯେଉଁ ରିହାତି ପାଉଥିଲେ ତାହା ଏବେ ପାଇବେ ନାହିଁ। ଧାନର ଉତ୍ପାଦନ ବଢିବା ସତ୍ତ୍ୱେ କ'ଣ ପାଆଁ ବାହାର ରାଜ୍ୟରୁ ବିହନ କିଣିବା ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ଏଥିରେ ମୁଖପାତ୍ର ସଜ୍ଜନ୍ନ ଶର୍ମା ଓ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଅମରେଶ୍ୱର ବିଶ୍ୱାଳ ଉପସ୍ଥିତ ଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ ଏପ୍ରିଲ - ୨୯ ଏପ୍ରିଲ, ୨୦୧୮

# ତ୍ୱରିତ ପଦକ୍ଷେପ ଦ୍ୱାରା ସମାଧାନ ସମ୍ଭବ

ସମ୍ପାଦକୀୟ

ତାରକ ମହାନ୍ତି



ବିମୁଦ୍ରୀକରଣ ବେଳେ ଦେଶରେ ଯେଉଁଭଳି ନଗଦ ଟଙ୍କା ପାଇଁ ସଙ୍କଟ ଉପୁଜିଥିଲା ଗତ କିଛିଦିନ ଧରି ପୁଣି ଥରେ ସେପରି ସମସ୍ୟା ଦେଖାଦେଇଛି। ବିଭିନ୍ନ ରାଜ୍ୟରେ ଥିବା ବ୍ୟାଙ୍କ ଏଟିଏମ୍ ଗୁଡିକରେ ଟଙ୍କା ନଥିବାରୁ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଆଉ କେତେକ ରାଜ୍ୟରେ ଖୁଚୁରା ଟଙ୍କାର ଘୋର ଅଭାବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ୧୦୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ଭଳି ବଡ ନୋଟ କାରବାର ଯୋଗୁଁ ଭାରତରେ କଳାଧନ ବଢୁଥିବା ନେଇ ସନ୍ଦେହ ବଢ଼ିବାରୁ ସରକାର ୨୦୧୬ ନଭେମ୍ବର ୨୪ ତାରିଖରେ ଏସବୁ ନୋଟ୍‌କୁ ପ୍ରଚଳନ ଧାରାରୁ ବାଦ ଦେବାକୁ ନିଷ୍ପତ୍ତି ନେଲେ। ଯାହାଫଳରେ ସାରା ଦେଶରେ ନୋଟ୍‌ବନ୍ଦୀ ଭଳି ଅବସ୍ଥା ସୃଷ୍ଟି ହେଲା ଓ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସେତେବେଳେ ଏହାକୁ ନେଇ ବିରୋଧୀ ରାଜନୈତିକ ଦଳମାନେ କେନ୍ଦ୍ରର ଏନ୍‌ଡିଏ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଠୋର ସମାଲୋଚନା କରିବାକୁ ପଛାଇ ନଥିଲେ। କେହି କେହି ଅର୍ଥମନ୍ତ୍ରୀଙ୍କ ବଡ ବିଫଳତା ବୋଲି ଆଖ୍ୟା ଦେବା ସହିତ ନୋଟ୍‌ବନ୍ଦୀ ଦ୍ୱାରା ଦେଶବାସୀଙ୍କ କ୍ଷତି ସାଧନ ହେଲା ବୋଲି କହିଥିଲେ। କିନ୍ତୁ ସରକାର କଳା ଟଙ୍କା ଉପରେ ଅଙ୍କୁଶ ଲଗାଇବାକୁ ଏଭଳି ନିଷ୍ପତ୍ତି ନେଇଥିବା କହିବା ପରେ ସାଧାରଣ ଲୋକେ ଆଶ୍ୱସ୍ତ ହେଲେ ଯେ, ଏହା ଏକ ଭଲ ନିଷ୍ପତ୍ତି। କାରଣ ୧୦୦୦ ଟଙ୍କିଆ ୫୦୦ ଟଙ୍କା ନୋଟ୍‌କୁ ବନ୍ଦ କରାଗଲେ ଯଦି କଳା ଟଙ୍କାକୁ ରୋକି ହେବ ତେବେ ଏହା ଦେଶ ପାଇଁ ଭଲ। ଏଭଳି ଆଶ୍ୱସ୍ତି ପ୍ରକାଶ କରି ବ୍ୟାଙ୍କ ଉପରେ ଅସନ୍ତୋଷ ପ୍ରକଟ କରୁଥିବା ଗ୍ରାହକମାନେ ମଧ୍ୟ ନିରବ ରହିଥିଲେ। ଯଦିଓ ବିରୋଧୀ କଂଗ୍ରେସ ଏହାକୁ ନେଇ ସାରା ଦେଶରେ ଏକପ୍ରକାର ଅସନ୍ତୋଷର ବାତାବରଣ ଖେଳାଇ ଦେଇଥିଲା।

ପରେ ଧିରେ ଧିରେ ଅବସ୍ଥା ସୁଧୁରିଗଲା ଏବଂ ସରକାର ନୂଆ ୫୦୦ ଟଙ୍କିଆ ଓ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ଆରମ୍ଭ କରିଦେଲେ। କଳାଟଙ୍କା ମହଜୁଦକାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କର ଆଶାଥିଲା ଯେ, ନୂଆ ନୋଟ୍ ଆସିବା ଫଳରେ କଳାଟଙ୍କା ମହଜୁଦକାରୀ ସାବାଡ ହୋଇଯିବେ ଓ ବଜାର ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଘଟି ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବ। ତେଣୁ ନୋଟବନ୍ଦୀ ସମୟ ଅତିକ୍ରାନ୍ତ ହୋଇଯିବା ପରେ ପୁଣି ଥରେ ସବୁ ବ୍ୟାଙ୍କ ଗ୍ରାହକମାନଙ୍କୁ ଉପଯୁକ୍ତ ଟଙ୍କା ଦେଣନେଣରେ ସହଯୋଗ କଲେ ଏବଂ ଏଟିଏମ୍ ଗୁଡିକରେ ଆଉ ଟଙ୍କାର ଅଭାବ ଦେଖାଗଲାନାହିଁ। କିନ୍ତୁ ଅଚାନକ ଗତ ୨ ମାସ ମଧ୍ୟରେ ଏଟିଏମ୍ ଗୁଡିକରୁ ଯେତିକି ଟଙ୍କା ଉଠାଯାଉଥିଲା ସେତିକି ପରିମାଣର ଟଙ୍କା ମାତ୍ର ୨ ସପ୍ତାହ ମଧ୍ୟରେ ଉଠାଇ ନିଆଯିବାରୁ ପୁଣିଥରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ସରକାର କହିଛନ୍ତି ଯେ, ଟଙ୍କାର ଅଭାବ ନାହିଁ। ଏ ସମ୍ବନ୍ଧରେ ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ନିଜର ସଫେଇ ଦେଇଛନ୍ତି। ନଗଦ ଅର୍ଥର ସମସ୍ୟା ନଥିବା କଥା ଆର୍‌ବିଆଇ ସ୍ପଷ୍ଟ କରିଥିଲେ ବି ଏଟିଏମ୍‌ରେ ଟଙ୍କା ଅଭାବକୁ ନେଇ ପୁଣିଥରେ ମୋଦି ସରକାରଙ୍କୁ ସମାଲୋଚନା କଲାଭଳି ପରିସ୍ଥିତି ସୃଷ୍ଟି କରାଯାଇଛି। ସରକାରଙ୍କ ଅନୁସାରେ ସବୁ ଯଦି ଠିକ୍‌ଠାକ୍ ରହିଛି, ତେବେ ଟଙ୍କା ଅଭାବ ଦେଖାଗଲା କାହିଁକି? ଏହାପଛର କାରଣ କ'ଣ ତାକୁ ନେଇ ସାଧାରଣରେ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଅର୍ଥ ବିଶାରଦମାନେ ମଧ୍ୟ ଏଟିଏମ୍‌ରେ ଟଙ୍କା ଅଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। କେତେକଙ୍କ ମତରେ କଳାଟଙ୍କା ରୋକିବାକୁ ସରକାର ନେଇଥିବା ପଦକ୍ଷେପ ଆର୍ଥିକ ବ୍ୟବସ୍ଥାକୁ ସୁଧାରିବା ବଦଳରେ ବିଗାଡି ଦେଇଛି। କାରଣ ନୂଆକରି ୨୦୦୦ ଟଙ୍କିଆ ଭଳି ବଡ ନୋଟ ପ୍ରଚଳନ ଯୋଗୁଁ କଳା ଟଙ୍କା କାରବାର ବା ଏହାକୁ ଗଚ୍ଛିତ ରଖୁଥିବା ବ୍ୟକ୍ତିଙ୍କୁ ଏହା ସହଜ ଓ ସରଳ ହେଉଛି। ତେଣୁ କଳାଟଙ୍କା ଉପରେ ରୋକ୍ ଲାଗିବା ବଦଳରେ ଏହା କଳାବଜାରୀଙ୍କୁ ଅଧିକ ସହାୟକ ହୋଇପାରୁଛି ବୋଲି ମଧ୍ୟ କିଛି ଲୋକ କହୁଛନ୍ତି। କାରଣ ୧୦୦୦ ଟଙ୍କିଆ ନୋଟ୍‌କୁ କଳାଟଙ୍କାରେ ପରିଣତ କରୁଥିବା ବ୍ୟକ୍ତିଙ୍କ ନିମନ୍ତେ ପୂର୍ବାପେକ୍ଷା ଅଧିକ ସୁଯୋଗ ମିଳିଛି। ଏଇଥିପାଇଁ ଯେ, ୨୦୦୦ ଟଙ୍କିଆ ନୋଟ୍ କାରବାର ଫଳରେ ଏହାକୁ ଲୁଚାଇ ରଖିବା ବା ଗଚ୍ଛିତ କରିବା ପରିମାଣ ଦୃଷ୍ଟିରୁ ଅତ୍ୟନ୍ତ ଆରାମଦାୟକ ଓ ସୁବିଧାଜନକ ମନେହେଉଛି। ଯଦିଓ ୨୦୦ ଟଙ୍କିଆ ୫୦୦ ଟଙ୍କିଆ ନୋଟ୍‌ର ବଜାର ଚାହିଦା ଅଧିକ ସେ କ୍ଷେତ୍ରରେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଯୋଗୁଁ ବ୍ୟାଙ୍କିଂ ବ୍ୟବସ୍ଥାରେ ସଙ୍କଟ ସୃଷ୍ଟି ହେବା କଥାକୁ ମଧ୍ୟ ଅଣଦେଖା କରିହେବନାହିଁ। ସୂଚନା ଅନୁସାରେ ଯେଉଁ ପରିମାଣରେ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କ ଗୁଡିକରୁ ଉଠାଯାଉଛି, ସେତିକି ପରିମାଣର ଟଙ୍କା ଆଉ ବ୍ୟାଙ୍କକୁ ଫେରୁନାହିଁ। ତେଣୁ ଏହା ହୁଏତ କଳାଟଙ୍କା ମହଜୁଦକାରୀଙ୍କ ପାଖକୁ ଚାଲିଯାଉଥିବା ଭଳି ସନ୍ଦେହ ମଧ୍ୟ ସୃଷ୍ଟି ହୋଇଛି। ଆମ ଦେଶର ଜନସଂଖ୍ୟା ଓ ବଜାର ବ୍ୟବସ୍ଥା ଅନୁସାରେ କାରବାର ଦୃଷ୍ଟିରୁ କ୍ଷୁଦ୍ର ନୋଟ ଯେଭଳି ସୁବିଧାଜନକ ୨୦୦୦ ଟଙ୍କିଆ ନୋଟ୍ ସେଭଳି ସହଜ ନୁହେଁ। ଆବଶ୍ୟକ ସମୟରେ ଏହାକୁ ଧରି ଛୋଟ ଛୋଟ କାରବାର କରିବା ଏବଂ ସବୁ କ୍ଷେତ୍ରରେ ଏହାର ବ୍ୟବହାର ମଧ୍ୟ ସମ୍ଭବପର ନୁହେଁ। ତେଣୁ କେଉଁ ଦୃଷ୍ଟିକୋଣକୁ ନେଇ ସରକାର ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ବନ୍ଦ କରି ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଆରମ୍ଭ କଲେ ତାହା ଏବେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବ୍ୟାଙ୍କରୁ ନିୟମିତ ବ୍ୟବଧାନରେ ଟଙ୍କା ଉଠାଯିବା ଏବଂ ଏହା ଠିକ୍ ସମୟରେ ବ୍ୟାଙ୍କକୁ ଫେରି ଆସିବାର ଯେଉଁ ସମୟ ଧାର୍ଯ୍ୟ କରାଯାଇଛି ତାହା ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ କିଭଳି ଦୃଷ୍ଟି ରଖିଛି ତାହାକୁ ନେଇ ମଧ୍ୟ କିଛି କିଛି ଚର୍ଚ୍ଚା ହୁଏ। ତେଣୁ ଦେଶର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଓ କଳାଟଙ୍କା ଉପରେ ରୋକ୍ ଲଗାଇବା ଭଳି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ ତଦାରଖ କରିବା ଦାୟିତ୍ୱ ହେଉଛି ସରକାରଙ୍କର। ତେଣୁ ଯେଉଁ ଉଦ୍ଦେଶ୍ୟ ନେଇ ବିମୁଦ୍ରୀକରଣ ଭଳି କଠୋର ନିଷ୍ପତ୍ତି ନିଆଗଲା ତାହାକୁ ସଫଳ କରିବା ଦିଗରେ ସରକାର ଜାଗ୍ରତ ରହିବାର ଆବଶ୍ୟକତା ରହିଛି। କ୍ୟାସ୍‌ଲେସ୍ କାରବାର ନ ବଢ଼ିଲେ ନଗଦ ଟଙ୍କା କାରବାର କ୍ଷେତ୍ରରେ ଭବିଷ୍ୟତରେ ମଧ୍ୟ ଏହାଠାରୁ ଅଧିକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। କାରଣ ଆଗକୁ ସାଧାରଣ ନିର୍ବାଚନ ଆସୁଛି। ତେଣୁ ଏହା ପୂର୍ବରୁ ଅବସ୍ଥା ନସୁଧୁରିଲେ ବ୍ୟବସ୍ଥା ପ୍ରତି ସଙ୍କଟ ବଢ଼ାଇବା ଅସମ୍ଭବ ନୁହେଁ।

# ରାଜନୈତିକ କାଦୁଅ ଫିଙ୍ଗାରେ ମେକ୍ ଇନ୍ ଓଡ଼ିଶା ବିବାଦ



ବାଦଲ ଭୂୟାଁ

ମେକ୍ ଇନ୍ ଓଡ଼ିଶା କନକ୍ଲେଭରୁ ଭାରତୀୟ ଶିଳ୍ପ ମହାସଂଘ ବା ସିଆଇଆଇ ଓହରି ଯିବା ପ୍ରସଙ୍ଗକୁ ନେଇ କେବଳ ବିବାଦ ବଢୁନାହିଁ ବରଂ ଏହା ରାଜ୍ୟ ରାଜନୀତିକୁ ବେଶ ଗରମ କରୁଛି। ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ସିଆଇଆଇ ସହଯୋଗ କରିବନି ବୋଲି ଖବର ମିଳିବା ପରେ ବିଜେଡ଼ି ଏହାକୁ ନିନ୍ଦା କରିବା ସହ ଏହି ପ୍ରସଙ୍ଗକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ନେଇ ରାଜନୈତିକ ସମୀକ୍ଷକ ମତ ଦିଅନ୍ତି। ବିଜେଡ଼ିର ଅଭିଯୋଗ ଯେ ସିଆଇଆଇର ପୂର୍ବାଞ୍ଚଳ ଅଧକ୍ଷା ଭାବେ ଜଗିମଙ୍ଗତ ପଣ୍ଡା ଦାୟିତ୍ୱ ନେବା ପରେ ଭାରତୀୟ ଶିଳ୍ପ ମହାସଂଘ ତାଙ୍କ ଚାପରେ ପଡ଼ି ବଡ଼ ନିଷ୍ପତ୍ତି ନେଇଛି। ଓଡ଼ିଶାର ପ୍ରଗତି ଓ ସ୍ୱାର୍ଥ ଭିତରେ ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ଆଣି ବିଜେଡ଼ି ରାଜ୍ୟ ରାଜନୀତିକୁ ବର୍ତ୍ତମାନର ଅସ୍ୱସ୍ତିକର ଖରା ଠାରୁ ଆହୁରି ରାଜନୀତିକ ଖରାକୁ ଉଖୁରେଇଛନ୍ତି। କେନ୍ଦ୍ରରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ୨୦୧୬ ଫେବୃଆରୀରେ ମୁମ୍ବାଇରେ ଅନୁଷ୍ଠିତ ମେକ୍ ଇନ ଇଣ୍ଡିଆରେ ପ୍ରଥମ ଥର ଓ ସେହିବର୍ଷ ଅଗଷ୍ଟମାସରେ ବାଙ୍ଗାଲୋରରେ ହୋଇଥିବା ମେକ୍ ଇନ୍ ଇଣ୍ଡିଆରେ ଦ୍ୱିତୀୟ ଥର ଓଡ଼ିଶା ଭାଗ ନେବା ପରେ ୨୦୧୬ ଡିସେମ୍ବରରେ ଭୁବନେଶ୍ୱରରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ତିନୋଟି ମେଗା କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାରେ ୩ଲକ୍ଷ ୬୪ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିଲା ଏହା ସହ ୧୨୪ଟି ନିବେଶ ପାଇଁ ଆବେଦନ ପହଞ୍ଚିଥିଲା। ତାହା ଭିତରୁ ୭୬ଟି ପୂର୍ଣ୍ଣାଙ୍ଗ ପ୍ରସ୍ତାବ ବିଧିବଦ୍ଧ ଭାବେ ହସ୍ତଗତ ହେବା ପରେ ତା ଭିତରୁ ୬୦ଟି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଜଣାଇବା ପରେ ପ୍ରକଳ୍ପ କାର୍ଯ୍ୟ ବେଶ ଜୋରଦାର ଭାବେ ଆରମ୍ଭ ହୋଇଯାଇଛି। ଏହା ବ୍ୟତୀତ ୧୬ଟି ପ୍ରସ୍ତାବ ଇପିକଲ୍ ଓ ଇଡ଼କଂଲ ମାଧ୍ୟମରେ ଅନୁଧ୍ୟାନ କରାଯାଉଛି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଦ୍ୱାରା ସମ୍ପୂର୍ଣ୍ଣ ପ୍ରସ୍ତାବ ମଧ୍ୟରୁ ୨ଲକ୍ଷ ୨ହଜାର କୋଟି ଟଙ୍କାର ପୁଞ୍ଜିନିବେଶକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି। ୨୦୧୬ ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ନିଷ୍ପତ୍ତି ହୋଇଥିଲା ପ୍ରତି ଦୁଇ ବର୍ଷରେ ଏହି କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହେବ। ଗତ ବର୍ଷ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ୨୦୧୮ ନଭେମ୍ବର ୧୧ରୁ ୧୫ ପର୍ଯ୍ୟନ୍ତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ ହେବ। ୧୬ ଜାନୁଆରୀ ୨୦୧୮ରେ ରାଜ୍ୟ ସରକାରଙ୍କ ଏକ ପ୍ରସ୍ତୁତି ବୈଠକରେ ସିଆଇଆଇ ଭାଗ ନେଇ କନକ୍ଲେଭ ଆୟୋଜନ ବିଷୟରେ ପୂର୍ଣ୍ଣାଙ୍ଗ ଆଲୋଚନା କରିଥିଲେ।

ଏହା ଭିତରେ ଚଳିତ ଏପ୍ରିଲ ୪ ତାରିଖରେ ହଠାତ୍ ସିଆଇଆଇ ଷ୍ଟେଟ କାଉନ୍‌ସିଲ ରାଜ୍ୟ ସରକାରଙ୍କୁ ଚିଠିରେ ଜଣାଇଲେ ଯେ ଏହି କନକ୍ଲେଭରେ ଆଉ କୌଣସି ସହଯୋଗ ସେମାନେ କରିପାରିବେ ନାହିଁ। ଫେବୃଆରୀ ମାସ ପର୍ଯ୍ୟନ୍ତ ସହଯୋଗର ସୂଚନା ଦେଉଥିବା ସିଆଇଆଇ ହଠାତ୍ ଏମିତି କ'ଣ ହେଲା ଯେ ଅସହଯୋଗର ବାତାବରଣ ସୃଷ୍ଟି ହେଲା? ରାଜ୍ୟ ବିଜେଡ଼ି ନିଲମ୍ବିତ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପତ୍ନୀ ଜଗିମଙ୍ଗତଙ୍କୁ ଦାୟୀ କରି ସେମାନେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏହା ଏକ ନିନ୍ଦନୀୟ ଘଟଣା ଭାବେ ମନ୍ତବ୍ୟ ଦେବା ସହ ଓଡ଼ିଶାର ଯୁବକ/ଯୁବତୀଙ୍କ ସହ ଏକ ବିଶ୍ୱାସଘାତକତା ବୋଲି ମନ୍ତବ୍ୟ ଦେଇଛି। ଗୋପାଳପୁରସ୍ଥିତ ଟାଟା ଷ୍ଟିଲ ପ୍ରକଳ୍ପର ମୁଖ୍ୟ ଅରୁଣ ମିଶ୍ର ଓ ଧାମରା ପୋର୍ଟର ମୁଖ୍ୟ ସୁବ୍ରତ ତ୍ରିପାଠୀ ସିଆଇଆଇର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ ସମ୍ଭବତଃ ସେମାନେ କୌଣସି ଅଦୃଶ୍ୟ ଚାପରେ କ୍ଷୋଭ ପ୍ରକାଶ କରି ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ବିଜେଡ଼ିର ଅଭିଯୋଗକୁ ସିଆଇଆଇର ପୂର୍ବାଞ୍ଚଳ ଯୋନ୍ ଅଧ୍ୟକ୍ଷା ଜଗିମଙ୍ଗତ ପଣ୍ଡା ସୂଚୀତ କରିଛନ୍ତି ଯେ ତାଙ୍କୁ ଅଯଥାରେ ରାଜନୀତିକୁ ନ ଟଣାଯାଉ। ତାଙ୍କ ସୂଚନା ମୁତାବକ ତାଙ୍କ ଦ୍ୱାରା ପ୍ରତିଷ୍ଠିତ କମ୍ପାନୀ ଏଯାବତ୍ ରାଜ୍ୟରେ ୩ହଜାର ଠାରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇଛି। ତେବେ ସତରେ କ'ଣ ଜଗିମଙ୍ଗତ ପଣ୍ଡା ଓଡ଼ିଶାର ସ୍ୱାର୍ଥବିରୋଧୀ କାର୍ଯ୍ୟ କରୁଛନ୍ତି? ଏହା ଭିତରେ ଅନେକ ରାଜନୈତିକ ବିବାଦୀୟ ଘଟଣା ଭିତରକୁ ଜଣେ ନିର୍ବିବାଦୀୟ ବ୍ୟକ୍ତିଙ୍କୁ ଜବରଦସ୍ତ ଟଣାଯାଇ ତାଙ୍କୁ ଭୁଲ ଭାବେ ଚିତ୍ରିତ କରାଯାଉଛି। ଓଡ଼ିଶାରେ ଏହି ବ୍ୟାଧି ଦିନକୁ ଦିନ ବଢ଼ି ଚାଲୁଛି। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ କର୍ତ୍ତବ୍ୟନିଷ୍ଠ ସୁଦକ୍ଷ ଓ ଅଭିଜ୍ଞ ସମ୍ପନ୍ନ ବରିଷ୍ଠ ଆଇଏଏସ୍ ଅଧିକାରୀ ପାଣ୍ଡିଆନ ମହୋଦୟଙ୍କୁ ମଧ୍ୟ ବିଜେପି ରାଜନୀତି ଭିତରକୁ ଟାଣି ଆଣିବାର ଅପଚେଷ୍ଟା କରିଥିଲା। ପ୍ରତିବାଦ ନାମରେ ରାଜ୍ୟ ବିଜେପି ବାରମ୍ବାର ତୃତୀୟ ମହଲା ଶବ୍ଦକୁ ଘୋଷା ଶୁଆ ପରି ଜପି ନିଜ ଉନ୍ମତ ଯୁବକର୍ମୀଙ୍କ ଦ୍ୱାରା ତାଙ୍କ ବାସଭବନ ଉପରେ ଆକ୍ରମଣ କରାଯାଇଥିଲା। ଯେକୌଣସି ପ୍ରଶାସନିକ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବା ପ୍ରମୁଖ ସଚିବ ଭାବେ କାର୍ଯ୍ୟକରିଥାନ୍ତି ସେ ସ୍ୱାଭାବିକ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ତମ ପରାମର୍ଶ ଦେବା ସ୍ୱାଭାବିକ। ଅନେକ ହୁଏତ ଜାଣିନଥିବେ ଓଡ଼ିଶା ପ୍ରଗତି, ବିକାଶ ଓ ଅଭିବୃଦ୍ଧିରେ ପାଣ୍ଡିଆନ ମହୋଦୟଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିଃସ୍ୱାର୍ଥପର ସେବା ଅବଦାନର ଯଥେଷ୍ଟ ଗୁରୁତ୍ୱ ରହିଛି। ପାଣ୍ଡିଆନ ମହୋଦୟ ଓଡ଼ିଶା କ୍ୟାଡ଼ର ଭାବରେ ତାଙ୍କ କର୍ମମୟ ସମୟ ଭିତରେ ଯେଉଁଠି ଯେଉଁ କ୍ଷେତ୍ରରେ, ଯେଉଁ ପଦବୀରେ ରହିଛନ୍ତି ଓଡ଼ିଶାର ପ୍ରଗତିକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ରାଜ୍ୟବାସୀଙ୍କ ସେବା କରିବାର ସୁଯୋଗ ପାଇଛନ୍ତି। ଜିଲ୍ଲାପାଳ ଦାୟିତ୍ୱରେ ଥିବାବେଳେ ଜିଲ୍ଲାର ବିକାଶ, ପ୍ରଗତି ଓ ଅନେକ ଉନ୍ନୟନ ଯୋଜନାର ସେ ହିଁ ସୂତ୍ରଧର ଥିଲେ। ଆଜି ଓଡ଼ିଶା ବିକଶିତ ରାଜ୍ୟର ମର୍ଯ୍ୟାଦା ପାଇବା ସହ ପ୍ରିୟମ ମୁଖ୍ୟମନ୍ତ୍ରୀ ଆଦର୍ଶ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ପାଇବାର ଶ୍ରେୟ ମଧ୍ୟ ପାଣ୍ଡିଆନ ମହୋଦୟ ପାଇବେ। ତେବେ ତାଙ୍କ ବିକାଶର ମନ୍ତ୍ର ଓ ପରାମର୍ଶ ରାଜ୍ୟର ବିକାଶକୁ ଆଗେଇ ନେଉଥିବାବେଳେ ଅନ୍ୟ ଦଳମାନେ କ'ଣ ପାଇଁ ଅସୂୟା ପ୍ରକାଶ କରି ତାଙ୍କୁ ନିନ୍ଦିତ କରିବାର ଅପଚେଷ୍ଟା କରୁଛନ୍ତି? ଜଣେ ତାମିଲନାଡୁର ପୁଅ ହୋଇ ଓଡ଼ିଶାର କର୍ମମୟ ବୃତ୍ତିଗତ କ୍ଷେତ୍ର ଭିତରେ ନିଜ ମାଟି ମଆର ସେବା ପରି ପାଣ୍ଡିଆନ ମହୋଦୟ ଏହି ରାଜ୍ୟର ବିକାଶକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାକୁ ସଫଳ ହୋଇଛନ୍ତି। ଆଜି ଓଡ଼ିଶା ପ୍ରଶାସନ ଚଳଚଞ୍ଚଳ ହେବା ସହ କେନ୍ଦ୍ରୀୟ ଅସହଯୋଗ ସତ୍ତ୍ୱେ ଯେଉଁ ଯେଉଁ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ତାର ଅନେକ ଶ୍ରେୟ ପାଣ୍ଡିଆନ ମହୋଦୟ ପାଇବେ। ଏଯାବତ୍ ଗଣମାଧ୍ୟମରେ ନିଜର ପ୍ରଶସ୍ତି ଖବର ହେଉ ବା ବାହାରକୁ ଆସି ନିଜ ବଡ଼ିମା ପ୍ରଦର୍ଶନ କରିବା ଏ ସବୁଠାରୁ ନିଜକୁ ଯଥେଷ୍ଟ ଦୂରରେ ରଖିଛନ୍ତି ଏହି ସୁଦକ୍ଷ କର୍ମପ୍ରିୟ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ। ଜାଗିମଙ୍ଗତ ପଣ୍ଡା ନିଜକୁ ଓଡ଼ିଶାର ବୋହୂ ଭାବେ ପରିଚୟ ଦେଇ ରାଜ୍ୟର ସେବା କରୁଛନ୍ତି ବୋଲି ଢ଼ୋଲ ପିଟୁଥିବାବେଳେ ଅନେକ ହୁଏତ ଜାଣି ନାହାଁନ୍ତି ଯେ ପାଣ୍ଡିଆନ ମହୋଦୟ ଓଡ଼ିଶାର ଜ୍ୱାଇଁ। ଜଣେ ଲୋକପ୍ରିୟ କର୍ତ୍ତବ୍ୟନିଷ୍ଠ ଓ ସରଳ ଜୀବନକୁ ଭଲ ପାଉଥିବା ଆମ ଓଡ଼ିଆ ଝିଅ ସୁଜାତା ରାଉତ ଯିଏ କି ଜଣେ ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀ, ଓ ଓଡ଼ିଶା ମହିଳା ଓ ଶିଶୁ ବିକାଶର ସଚିବ ତାଙ୍କୁ ବିବାହ କରିଛନ୍ତି ପାଣ୍ଡିଆନ ମହୋଦୟ। ଓଡ଼ିଶାର ବିକାଶରେ ଜଣେ ଅଭିଜ୍ଞ ଓ ବିଶାଳ ହୃଦୟର ପ୍ରତୀକ ଥିବା ପାଣ୍ଡିଆନ ମହୋଦୟଙ୍କ ସହଯୋଗ ନେଇ ସବୁ ଦଳ ଓଡ଼ିଶାର ଅଭିବୃଦ୍ଧିକୁ କ'ଣ ପାଇଁ ଯେ ଆଗେଇ ନେଉନାହାଁନ୍ତି ତାହା ନିଶ୍ଚିନ୍ତ ଭାବରେ ଏକ ବିରାଟ୍ ବଡ଼ ପ୍ରଶ୍ନ। ମେକ୍ ଇନ୍ ଓଡ଼ିଶା କନକ୍ଲେଭକୁ ସଫଳତାର ଶୀର୍ଷରେ ପହଞ୍ଚାଇବାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପାଣ୍ଡିଆନ ମହୋଦୟଙ୍କର। ତେବେ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଇ ପ୍ରଗତିର ରଥକୁ ଆଗେଇ ନେବାର ଦାୟିତ୍ୱ କେବଳ ସରକାର, କୌଣସି ରାଜନୈତିକ ଦଳର ନୁହେଁ ବରଂ ଆମ ସମସ୍ତଙ୍କର।

ପୁରୁଣା ସୋନାରୀ, ଜାମସେଦପୁର
ଦୂରଭାଷ : ୭୪୮୮୯୯୮୫୩୨

# ଯୁଗ ଜ୍ୟୋତି ମଧୁସୂଦନ



ଡ. ଅକ୍ଷୟ କୁମାର ବାରିକ

ଜନ୍ମ ମାତ୍ରେ ମୃତ୍ୟୁ ସୁନିଶ୍ଚିତ। ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ମାତ୍ର ଏମିତି କିଛି ଲୋକ ଅଛନ୍ତି ଯାହାଙ୍କ କର୍ତ୍ତବ୍ୟ, କାର୍ଯ୍ୟଶୈଳୀ ସେମାନଙ୍କୁ ଜନମାନସରେ ସବୁଦିନ ପାଇଁ ବଞ୍ଚାଇ ରଖେ। ଉନବିଂଶ ଶତାବ୍ଦୀର ଅର୍ଦ୍ଧ ଭାଗକୁ ଏମିତି ଭଲ ସମୟ ଆସିଥିଲା। ଓଡ଼ିଆ ଜାତିକୁ ସମୃଦ୍ଧ କରିବାରେ ପ୍ରଥମ ନେତୃତ୍ୱ ନେଇଥିଲେ ଆମର ପ୍ରିୟ ଉତ୍କଳ ଗୌରବ କୂଳବୃଦ୍ଧ ମଧୁସୂଦନ। ଏହି ମହାନ ବ୍ୟକ୍ତି କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ରଘୁନାଥ ଦାସ ଓ ପାର୍ବତୀ ଦେବୀଙ୍କ ଗର୍ଭସ୍ଥ ସନ୍ତାନ ଭାବେ ୧୮୪୮ ମସିହା ଅପ୍ରେଲ ୨୮ ତାରିଖରେ ଜନ୍ମ। ଓଡ଼ିଆରେ ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ମଙ୍ଗଳବାର। ଜନ୍ମ ସମୟର ନାମ ତାଙ୍କର ଗୋବିନ୍ଦ ବଲ୍ଲଭ। ଆଜିକାଲି ଛତୁ ଫୁଟିବା ଭଳି ସ୍କୁଲ କଲେଜ ଚାରିଆଡେ ଦେଖିବାକୁ ମିଳୁଛି। ସମସ୍ତେ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି। ସେ ସମୟରେ କେଉଁଠି କେମିତି ପ୍ରାଇମେରୀ ସ୍କୁଲଟିଏ ଥିଲା। ପିଲାମାନେ ଘରୋଇ ଚାହାଳୀରେ ପଢୁଥିଲେ। ସେ ସମୟରେ ଏତେ ବହିପତ୍ର ନଥିଲା। ଲେଖିବାକୁ ତାଳପତ୍ର ପୋଥି ଓ ଲେଖନୀ ଦରକାର ହେଉଥିଲା। ହସ୍ତାକ୍ଷର ପାଠ ନଥିଲା। ତଳେ ମଡାଇ ମଡାଇ ଅକ୍ଷର ଶିକ୍ଷା ଯାଉଥିଲା। ଆଜିର ପିଲାଙ୍କୁ ଦୁଇତିନି ବର୍ଷରେ ପଢ଼ାଇବା ଆରମ୍ଭ ହୋଇଯାଉଛି। ସେ ସମୟରେ ଆଠଦଶବର୍ଷ ପର୍ଯ୍ୟନ୍ତ ପିଲା ଲଙ୍ଗଳା ହୋଇ ଡେଉଁଥିଲେ। ଚାହାଳୀ ପାଠକୁ ଗୋବିନ୍ଦ ବଲ୍ଲଭ ଖୁବ୍ ଭଲଭାବେ ପଢୁଥିଲେ। ଦୁଷ୍ଟାମୀରେ ଯେତେ ଧୂରନ୍ଧର ଗାଁ ଦାଣ୍ଡ ସଫା ପାଣି ଜମିବା ପାଖରୁ ନାଳ କାଟୁଥିଲେ। ପିଲା ଦିନରୁ ଗୁରୁଭକ୍ତି କମ୍ ନଥିଲା। ଗାଁରେ ଚାହାଳୀ ପାଠପଢ଼ା ଶେଷ କରି ଉର୍ଦ୍ଧ୍ୱକୁ ଲାଭ ପର୍ଯ୍ୟନ୍ତ ପଢ଼ି ପାରିଥିଲେ। ବାପା କିନ୍ତୁ ଉଚ୍ଚାଭିଳାଷୀ, ମନ ତାଙ୍କର ପୁଅ ଇଂରାଜୀ ପଢ଼ିବ, ବଡ ହାକିମ ହେବ। ଜେଜେ ମାଆ ପାଠ ଠାରୁ ଜାତି ଧର୍ମକୁ ବଡ ଭାବୁଥିଲେ। ଯଦି ଇଂରାଜୀ ପଢ଼ିଲେ ଖ୍ରୀଷ୍ଟିଆନ ହେବା ଭୟ ତାଙ୍କର ଥାଏ। ପ୍ରଥମେ ସେ ମନା କରୁଥିଲେ। ପୁଅକୁ ରଘୁନାଥ ସାଙ୍ଗରେ ଧରି କଟକ ଆସିଲେ। ସେତେବେଳେ କଟକରେ ଗୋଟିଏ ମାତ୍ର ଇଂରାଜୀ ସ୍କୁଲ ଥାଏ କଲେଜିଏଟ। ପୁଅର ନାମ ମଧୁସୂଦନ ରଖି ନାମ ଲେଖାଇ ଦେଲେ। ମାତ୍ର ସେ ସ୍କୁଲରେ କେହି ଓଡ଼ିଆ ପିଲା ନଥଲେ ସବୁତକ ବଙ୍ଗାଳୀ। ଦିନେ ହେଡମାଷ୍ଟର ଇଂଲିଶ ପଢ଼ାରେ ଭୁଲ ବୁଝାଇଲେ। ମଧୁବାବୁ ତତ୍‌କ୍ଷଣାତ ଶିକ୍ଷକଙ୍କ ଭୁଲ କହିଲେ। ହେଡମାଷ୍ଟଙ୍କ ଭୁଲ ଧରି ମୁହେଁ ମୁହେଁ କହିବା ଛୋଟ କଥା ନୁହେଁ। ସ୍କୁଲରୁ ବାହାର କରିବାର ଚିନ୍ତା କଲେ ଗୋରା କଲେକ୍ଟର ସାହେବଙ୍କୁ ଦେଖାକରି ସେ ଜାଣିଥିବା ଇଂରାଜୀ ଭାଷାରେ ସବୁ ବୁଝାଇଲେ। କଲେକ୍ଟର ମଧ୍ୟ ସବୁକଥାକୁ ବୁଝି ହେଡମାଷ୍ଟରଙ୍କୁ ଏଭଳି ନ କରିବାକୁ ପ୍ରବର୍ତ୍ତାଇଥିଲେ। ସାଙ୍ଗ ପିଲାଏ ମଧୁବାବୁଙ୍କର ସାହସ ଓ ଏତେ ବଡ କାମ ଦେଖି କୁଣ୍ଢାଇ ପକାଇଲେ। ଷୋହଳ ବର୍ଷ ବୟସରେ ଏଣ୍ଟ୍ରାନ୍ସ (ମାଟ୍ରିକ) ପାଶ୍ କଲେ। ଏତିକି ପାଠରେ ସନ୍ତୁଷ୍ଟ ନ ହୋଇ କଲେଜ ପଢ଼ିବାକୁ ମନସ୍ଥ କଲେ। କଟକରେ ଗୌରୀଶଙ୍କର ରାୟ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଲାଗିଥାନ୍ତି। ମଧୁବାବୁ ଗୌରୀଶଙ୍କରଙ୍କ ସହିତ ଆଲୋଚନା ପରେ ଅଧିକ ପଢ଼ିବାକୁ ପରାମର୍ଶ ପାଇଲେ। ୧୮୬୬ ମସିହାରେ ଏ ମହାନାୟକଙ୍କ ସମ୍ପାଦନରେ ଉତ୍କଳଦୀପିକା ପ୍ରକାଶିତ ହୋଇଥିଲା। ମଧୁବାବୁଙ୍କ ସମୟକୁ କଲେଜ କଲେଜ ସବୁ କଲିକତାରେ ଥିଲା। ପାଠ ମହତ୍ୱ ତାଙ୍କ ପାଇଁ ଢ଼େର ବେଶୀ। ସେ ଓଡ଼ିଆ ଜାତିକୁ ପ୍ରତିଷ୍ଠିତ କରିବା ସହ ନିଜ ଜ୍ଞାନ ପରିସୀମା ଆଗକୁ ବଢ଼ାଇଥିଲେ। ସେ କଲିକତାରେ ପ୍ରଥମ ବର୍ଷ ଏଫ୍.ଏ (ଆଇ.ଏ)ରେ ନାମ ଲେଖାଇଥିଲେ ଓ ଏଫ୍.ଏ ପାଶ୍ କଲେ। ଅଧିକ ପଢ଼ିବାରେ ତାଙ୍କ ମନ। ଜାତି ଧର୍ମଠାରୁ ଜ୍ଞାନକୁ ପ୍ରାଧାନ୍ୟ ଦେଲେ ମଧୁବାବୁ। ଏଣୁ ସେ ୧୮୬୯ ମସିହାରେ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷିତ ହେଲେ। ୧୮୭୦ ମସିହାରେ ବି.ଏ. ପାଶ୍ କଲେ। ସମୟ ଓ ପାଠର ମୂଲ୍ୟକୁ ସେ ହୃଦୟଙ୍ଗମ କରିଥିଲେ। ପରିଶ୍ରମରେ ସେ ଆନନ୍ଦ ପାଉଥିଲେ। ୧୮୭୩ ମସିହାରେ ଇଂରାଜୀରେ ଏମ୍.ଏ ପାଶ୍ କଲେ। ସେ ହେଉଛନ୍ତି ପ୍ରଥମ ଓଡ଼ିଆ। କଲିକତାରେ ମଧୁସୂଦନ ଜଣାଶୁଣା ହୋଇ ଗଲେ। ଖ୍ରୀଷ୍ଟିୟାନ ଝିଅ ସୌଦାମିନୀ ଚାଟାର୍ଜୀଙ୍କୁ ବିବାହ କରିଥିଲେ। ସୌଦାମିନୀ ମଧ୍ୟ ଶିକ୍ଷିତା ଥିଲେ। ୧୮୭୮ ମସିହାରେ ଆଇନ୍ ପରୀକ୍ଷାରେ ପାଶ୍ କଲେ। ସେ ଓଡ଼ିଶାର ପ୍ରଥମ ଏମ୍.ଏ ବି.ଏଲ୍. ଡିଗ୍ରୀଧାରୀ ବ୍ୟକ୍ତି।

୧୭୫୭ ମସିହାରେ ବଙ୍ଗଳା ଖଣ୍ଡରେ କମ୍ପାନୀ ରାଜ୍ୟ ବିସ୍ତାରର ଶୁଭ ଦେଲେ। ୧୮୦୩ ମସିହାରେ ଓଡ଼ିଶା ଇଂରେଜ ଶାସନାଧୀନ ହେଲା। ୧୮୪୯ ମସିହାରେ ପଞ୍ଜାବ ୧୮୫୬ ମସିହାରେ ଅଯୋଧ୍ୟା ଇଂରେଜ ଶାସନରେ ରହିଲା। ୧୮୫୭ ମସିହା ବେଳକୁ ଭାରତ ଖଣ୍ଡରେ ଇଂରେଜ ଶାସନ ସାମ୍ରାଜ୍ୟ ବିସ୍ତାର କରିଥିଲେ। ମଧୁବାବୁ ପ୍ରଥମେ କଲିକାତା ହାଇକୋର୍ଟରେ ଆଇନ୍ ବ୍ୟବସାୟ କରିଥିଲେ। ସେ ସମୟରେ ବହୁ ବିଜ୍ଞ ବିଚାରପତି ଓ ବଡ ବଡ ବାରିଷ୍ଟର ଥିଲେ। ମଧୁବାବୁ କୋର୍ଟରେ ବହୁ ପ୍ରକାର ଯୁକ୍ତି ଉପସ୍ଥାପନ ସହ ଆଇନର ତର୍ଜମା କରୁଥିଲେ। ଯେଉଁଥିପାଇଁ ଅନ୍ୟ ବିଚାରପତି ବାରିଷ୍ଟରମାନେ ତାଙ୍କ ପ୍ରଶଂସାରେ ଶତମୁଖର କରୁଥିଲେ। ସେ ୧୮୮୦ ମସିହାରେ କଲିକତା ଛାଡି କଟକ ଆସିଥିଲେ। ସେ ଖୁବ୍ ନୀତିନିଷ୍ଠ ଭାବେ ମକଦ୍ଦମାକୁ ସତ୍‌ମାର୍ଗରେ ପରିଚାଳିତ କରି ଆଇନ୍ ଅର୍ଥ କାଢ଼ି ପଢ଼ିବା ତାଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା। ପ୍ରାୟତଃ ତାଙ୍କ ହାତକୁ ଆସୁଥିବା ସମସ୍ତ ମକଦ୍ଦମାରେ ବିଜୟୀ ହେଉଥିଲେ। ୧୮୮୫ ମସିହାରେ ରାଜା ନଥିବା ହେତୁ ଶ୍ରୀମନ୍ଦିର ପରିଚାଳନା ଠିକ୍ ହେଉନଥିବା ବ୍ରିଟିଶ ସରକାର ଉପସ୍ଥାପନ କଲେ। ରାଜାଙ୍କ ପକ୍ଷରୁ ତାଙ୍କ ନାଁ ବାଳକ ପୁତ୍ର ମୁକୁନ୍ଦ ଦେବଙ୍କ ଅଭିଭାବକ ଭାବେ ସୂର୍ଯ୍ୟମଣୀ ପାଟମହାଦେଇ ସରକାରଙ୍କ ଠାରୁ ହାରିଗଲେ। ରାଣୀଙ୍କ ପକ୍ଷରୁ ଓକିଲ ଭାବେ ମଧୁବାବୁ କଲିକତା ହାଇକୋର୍ଟରେ ଅପିଲ କଲେ। ନିଶ୍ଚୟ ଜିତିବେ ବୋଲି ଦୃଢ଼ତା ପ୍ରକଟ କଲେ। ସେ ରାଣୀଙ୍କୁ ଜିତାଇ ମନ୍ଦିର ଦାୟିତ୍ୱ ପୂର୍ବଭଳି ରାଣୀଙ୍କ ହାତକୁ ଆଣିଲେ। ତାଙ୍କ ବୁଦ୍ଧି ବିଷୟରେ ବହୁ ତଥ୍ୟ ଲୋକ ଲୋଚନରେ ଆଦ୍ୟାବଧି ବିଦ୍ୟମାନ। ବିଲାତରେ ଦୈର୍ଘ୍ୟପ୍ରସ୍ଥ ଉଚ୍ଚତା ଅନୁସାରେ ଜମି କ୍ରୟ କରାଯାଉଥିଲା। ସେଥିରୁ ଖଣ୍ଡିଏ ମଧୁବାବୁ କିଣିଲେ। ବଡ ଚାଲାକ୍ ସେ ସେତିକି ଉଚ୍ଚତାର ସେତିକି ପର୍ଯ୍ୟନ୍ତ ଦୂରତା ନକରି ଅଧାରେ ରଖିଦେଲେ। ଅନ୍ୟ ଜଣେ ତାର ଉପର ଉଚ୍ଚତାର ଅଧିକାରୀ ଥିଲେ। ମାତ୍ର ଶୂନ୍ୟରେ ଘର ବୁଲି ପାରିବ ନାହିଁ। ଶୀଘ୍ର ପୂରଣ ପାଇଁ ମୋକଦ୍ଦମା ହେଲା। କିନ୍ତୁ ନିଜର ଅସମର୍ଥ ଦୃଷ୍ଟେ ଯୁକ୍ତି ଉପସ୍ଥାପନ କଲେ। ଯାହାକୁ ବିଚାରପତି ହୃଦୟଙ୍ଗମ ପୂର୍ବକ ଆଇନ ବଦଳାଇବାକୁ ବାଧ୍ୟ ହେଲେ।

କେନ୍ଦୁଝରରେ ପ୍ରଜାମେଳି ହୋଇଥାଏ। ଆନନ୍ଦପୁର ଭାଗର ଦେୱାନ ଫକୀର ମୋହନ ସେନାପତିଙ୍କୁ ଅଟକ ରଖିଥାନ୍ତି। ରାଜା ଭୟବଶତଃ କେନ୍ଦୁଝରରୁ ଆସି କଟକରେ ଆତ୍ମଗୋପନ କରିଥାନ୍ତି। ଫକୀର ମୋହନ ଖଣ୍ଡିଏ ଚିଠି ଘରକୁ ପଠାଇଲେ। ମେଳିର ସର୍ଦ୍ଦାରଙ୍କୁ ବୁଝାଇ ପାନ, ଗୁଆ ମଗାଇ ଚିଠି ଲେଖିଛନ୍ତି। ଫକୀର ମୋହନଙ୍କ ଘରେ ସେ ଚିଠିରେ ଅର୍ଥ ବୁଝି ପାରିଲେ ନାହିଁ। ଚିଠିର ଅର୍ଥ ବୁଝିବାକୁ ମଧୁବାବୁଙ୍କ ପରାମର୍ଶ ନିଆଗଲା। କେନ୍ଦୁଝରର ସମସ୍ତ ଘଟଣା ତାଙ୍କୁ ଅବଗତ ଥିଲା। ସେ ଚିଠି ଅର୍ଥ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କରିଦେଲେ। ପାନ ଅର୍ଥ ସିପାହୀ ଗୁଆ ଅର୍ଥ ଗୁଳି ଆଖୁବାଡି ଅର୍ଥ ରାଜନଅର ଉତ୍ତର ପୂର୍ବରୁ ମାହାରା ଅର୍ଥ ସୈନ୍ୟ। ଫକୀର ମୋହନଙ୍କ ଭାଷାର ସମସ୍ତ ଠାରକୁ ଧନ୍ୟ ତାଙ୍କ ଓକିଲ ଅର୍ଥ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିପାରିଥିଲା। ବହୁ ମୋକଦ୍ଦମାରେ ସବୁ କାର୍ଯ୍ୟରେ ମଧୁବାବୁଙ୍କ ବୁଦ୍ଧି ଓ ଆଇନ୍ ଜ୍ଞାନର ପରିଚୟ ମିଳୁଥିଲା।

ମଧୁବାବୁ, ଗୌରୀଶଙ୍କର ପ୍ରଭୃତି ଏକତ୍ର ହୋଇ ୧୮୮୨ ମସିହାରେ ଉତ୍କଳ ସଭା ଗଠନ କଲେ। କାଶୀନାଥ ଦାସ ତାର ସଭାପତି ଏବଂ ମଧୁସୂଦନ ଦାସ ଉପସଭାପତି ରହିଲେ। 'ଉତ୍କଳ ଦୀପିକା' ନାରେ ସଭା କାର୍ଯ୍ୟ ଚାଲିଲା। 'ଉତ୍କଳ ସଭା'ରେ ଓଡ଼ିଶା ଓ ଓଡ଼ିଆଙ୍କ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ଯୁବକମାନେ ଆଇନ୍ ପଢ଼ି ଏସବୁ କାମରେ ସହଯୋଗ କଲେ ଭଲକାମ କରିପାରିବେ। ଓଡ଼ିଶାରେ ସେତେବେଳେ ଆଇନ କଲେଜ ନଥିଲା। ଆଇନ କଲେଜ ପାଇଁ ଉତ୍କଳ ସଭାରେ ପ୍ରସ୍ତାବ ଆଗତ ହେଲା। ଫଳସ୍ୱରୂପ ୧୮୮୩ ମସିହାରେ ରେଭେନ୍ସା ମହାବିଦ୍ୟାଳୟ ପରିସରରେ ଆଇନ କଲେଜ ଆରମ୍ଭ ହେଲା। ମଧୁବାବୁ ଦୀର୍ଘ ସାତବର୍ଷ ପର୍ଯ୍ୟନ୍ତ ଅଧ୍ୟାପକ ଭାବେ କାର୍ଯ୍ୟ ତୁଲାଇଥିଲେ। ଓଡ଼ିଆ ଯୁବକମାନଙ୍କୁ ଆଇନ ପଢ଼ାଇ ଦେଶ ଜାତି ପାଇଁ ମହତ କାର୍ଯ୍ୟ କରିବାକୁ ପରାମର୍ଶ ଦେଲେ। ୧୮୮୭ ମସିହାରେ ମଧୁବାବୁ କଟକ ଜିଲ୍ଲା ବୋର୍ଡର ଭାଇସ୍ ଚେୟାରମ୍ୟାନ୍ ହୋଇଥିଲେ। କଟକ ଜିଲ୍ଲାରେ ଶିକ୍ଷାର ପ୍ରସାର ପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ପରବର୍ତ୍ତୀ ସମୟରେ ଜିଲ୍ଲା ବୋର୍ଡର ଚେୟାରମ୍ୟାନ୍ ହୋଇ ଶିକ୍ଷାର ପ୍ରସାରରେ ବହୁସୁଦୂର ପ୍ରସାରୀ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲେ। ବଙ୍ଗ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ ଥିଲେ ମଧୁବାବୁ। ଏହି ପଦବୀରେ ଦୀର୍ଘ ପନ୍ଦର ବର୍ଷ ଧରି ୧୮୯୧ ମସିହା ପର୍ଯ୍ୟନ୍ତ ବହୁବାର ପ୍ରତିନିଧିତ୍ୱ କରିଥିଲେ। ସେ ସମୟରେ ଓଡ଼ିଶା ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁବିଦ୍ଧ ପ୍ରସ୍ତାବ ଗୃହୀତ କରିଥିଲେ। ୧୮୯୪ ମସିହା ବେଳକୁ ମଧୁବାବୁ ଉତ୍କଳଟ୍ୟାନେରୀ ଚମଡା କାରଖାନା କରି ଓଡ଼ିଆଙ୍କୁ କାମ ଯୋଗାଇବାର ସ୍ୱପ୍ନ ଥିଲା। ରୋଜଗାର ସହିତ ଉତ୍କଳର କଳାକୌଶଳର ଗୌରବ ପଣ୍ଡିତଙ୍କର ଲକ୍ଷ୍ୟ ଥିଲା। ପୂର୍ବ ଗୌରବ ଫେରାଇ ଆଣିବା ଲକ୍ଷ୍ୟରେ ୧୮୯୭ ମସିହାରେ ଆର୍ଟ, କାରଖାନା ପ୍ରତିଷ୍ଠା କରିଥିଲେ।

ଚିକିତ୍ସା ପାଇଁ ମଧୁବାବୁ ବିଲାତ ଗଲେ। ସେ ବିଲାତ ଯିବାରେ ପ୍ରଥମ ଓଡ଼ିଆ। ସେହିବର୍ଷ ଲଣ୍ଡନ ଓ ମାଞ୍ଚେଷ୍ଟରରେ ଓଡ଼ିଆ ତିଆରି କାରୁକାର୍ଯ୍ୟର ପ୍ରଦର୍ଶନୀ କରିଥିଲେ। ସେଠାରେ ଦୀକ୍ଷାନ୍ତ ଅଭିଭାଷଣ ଭାରତ ଓ ଓଡ଼ିଶାର କାରୁକାର୍ଯ୍ୟ ସମ୍ପର୍କରେ ଜନମାନସକୁ ଆଣିଥିଲେ। ବିଲାତରେ ଓଡ଼ିଶାର ଗୌରବ କାହାଣୀ ଶୁଣାଇ ଥିବାରୁ 'ଉତ୍କଳ ଦୀପିକା' ଏହି ସମ୍ବାଦକୁ ପ୍ରଚାର କରି ମଧୁବାବୁଙ୍କ 'ଉତ୍କଳ ଗୌରବ' ଆସନରେ ଭୂଷିତ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେ ମହାରାଜା ରାମଚନ୍ଦ୍ର ଭଞ୍ଜ, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଭୃତିଙ୍କ ସହିତ ପରାମର୍ଶ କରିଥିଲେ।

କୃଷ୍ଣଚନ୍ଦ୍ର ଗଜପତି ଲଣ୍ଡନରେ ଯାଇ ଟେବୁଲ ବୈଠକରେ ଓଡ଼ିଶା ପ୍ରଦେଶ ଗଠନର ଦାବି ଉପସ୍ଥାପନ କରିଥିଲେ। ୧୯୦୫ ମସିହାରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା ହେଲା। ଏଠାରେ ଶିଙ୍ଗ ଓ ଚମଡା ଶିଳ୍ପର କାରୁକାର୍ଯ୍ୟ ପ୍ରସ୍ତୁତ ହେଲା। ଉତ୍କଳ ଟ୍ୟାନେରୀରେ ପ୍ରସ୍ତୁତି ଜୋତା ବିଦେଶୀ ଜୋତା ଠାରୁ ସରସ ଥିଲା। କମ୍ ଖର୍ଚ୍ଚରେ ଉତ୍ତମ ଜୋତା ପ୍ରସ୍ତୁତ କରି ଓଡ଼ିଶାର ଗୌରବ ପ୍ରମାଣ କରିବା ମଧୁବାବୁଙ୍କର ଇଚ୍ଛା ଥିଲା। ୧୯୧୩ ମସିହା ଠାରୁ ଦଶବର୍ଷ ଧରି ମଧୁବାବୁ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ଥିଲେ। ସେ ହେଉଛନ୍ତି ଏ ସଭ୍ୟ ପଦର ପ୍ରଥମ ଓଡ଼ିଆ। ୧୯୧୮ ମସିହାରେ ସେ ଉତ୍କଳ ସମ୍ମିଳନୀରେ ସଭାପତି ଦାୟିତ୍ୱରେ ରହିଲେ। ଦେଶ ପାଇଁ କାର୍ଯ୍ୟ ନକରିପାରିଲେ ମନ୍ତ୍ରୀପଦ ଛାଡିବେ ବୋଲି କହିଥିଲେ।

ପ୍ରାୟତଃ ସବୁଥିରେ ସେ ଥିଲେ ପ୍ରଥମ ଓଡ଼ିଆ। ମହାତ୍ମା ଗାନ୍ଧି ମଧୁବାବୁଙ୍କ ପରିଚୟ ତାଙ୍କ କାର୍ଯ୍ୟଧାରାରୁ ଜାଣିଥିଲେ। ୧୯୨୫ ମସିହା ବେଳକୁ ବହୁ ପ୍ରଶଂସାପୂର୍ବକ ଖଣ୍ଡିଏ ଚିଠି ଲେଖିଥିଲେ। ସବୁ ଓଡ଼ିଆ ଭାଷା ଅଞ୍ଚଳକୁ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ। ବଞ୍ଚିବା ଅବସ୍ଥାରେ ସ୍ୱତନ୍ତ୍ର ଓଡ଼ିଶାକୁ ଦେଖି ପାରିଲେ ନାହିଁ। ମଧୁବାବୁଙ୍କ ମୃତ୍ୟୁର ତିନିବର୍ଷ ପରେ ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। ଏହି ମହାନ ଆତ୍ମା ୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖ ଦିନ ୮୬ ବର୍ଷରେ ଇହଲୀଳା ସମ୍ବରଣ କଲେ। ଏଜାତି ସବୁଦିନ ପାଇଁ ମଧୁବାବୁଙ୍କୁ ନିଶ୍ଚୟ ମନେ ରଖିବ।

ଭୁବନେଶ୍ୱର

## ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

(ଭାଗ-୧)

(ପୂର୍ବ ପ୍ରକାଶ ଉତ୍ତାରୁ...)

ଯଥାର୍ଥ ଗୁରୁକୃପା ପ୍ରାପ୍ତ ହେଲେ ଆତ୍ମା ପରମାତ୍ମା ଏକତ୍ର ହୋଇ ସତ୍ୟରେ ମିଳିତ ହୁଅନ୍ତି। ଏହି ରହସ୍ୟମୟ ତତ୍ତ୍ୱର ଜ୍ଞାତା ହେଉଛନ୍ତି ଶ୍ରୀଗୁରୁଦେବ। ପୁତ୍ରର ଆସନ୍ନ ମୃତ୍ୟୁ କଥା ଚିନ୍ତା କରି ଗୋବିନ୍ଦଙ୍କ ଶୋକାକୁଳ ବିଧବା ମାତା ମୁକ୍ତା ଦେଇ ପୁତ୍ରକୁ ମରଣ ମୁହଁରୁ ରକ୍ଷା କରିବା ପାଇଁ ଯଥା ସାଧ୍ୟ ଉଦ୍ୟମ କରିଛନ୍ତି। ମହାମାୟା ରୂପରେ ଜୀବ ଗୋବିନ୍ଦଙ୍କୁ ଗୁରୁଙ୍କ ଶରଣାପନ୍ନ ହେବା ପାଇଁ ପ୍ରବର୍ତ୍ତାଇଛନ୍ତି। ସର୍ତ୍ତ ଥିଲା ଯେ ଭଗବତ ପ୍ରାପ୍ତି ପରେ ଗୋବିନ୍ଦଙ୍କ ଅକାଳ ମୃତ୍ୟୁରେ ଯମଦେବ ହସ୍ତକ୍ଷେପ କରି ପାରିବେ ନାହିଁ। ସେ ଗୁରୁଙ୍କ ତତ୍ତ୍ୱାବଧାନରେ ରହି ଯମାଳୟର ଉର୍ଦ୍ଧ୍ୱକୁ ଚାଲି ଯାଇଥିବେ। ହରି ଓଁ ତତ୍ ସତ୍।

ଦୂରଭାଷ-୯୬୬୮୬୩୧୨୫୭

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୯୪୩୭୧୩୩୭୭୭




**ନା**। କିନ୍ତୁ ମନେ ମନେ ଭାବୁଥିଲା ଦେବା ସତେଯେମିତି ଗାଁ ତାକୁ ଟେକିଧରିଥିଲା। ଆଉ ସାଙ୍ଗମାନେ ତା ଦୁଃଖରେ ତାକୁ ଯେପରି ଘେରି ରହିଥିଲେ ସାହାଯ୍ୟ କରିବାକୁ! ଏଠି କେହି କାହାର ନୁହଁ। ସମସ୍ତେ ନିଜ ନିଜ ଧନ୍ଦାରେ। ଆଜିଯାଏଁ ବାପଛେଉଣ୍ଡ ହୋଇ କେତେ ଉପେକ୍ଷିତ ହୋଇଛି। ତା ସହିତ ଅନାଥ ହୋଇ କେତେ ଦୟା ପାଇ ଆସିଛି! ଆଉ ନୁହଁ ସେ ଦୟା ଏବେ ବିଷଧର ସର୍ପ ପରି ତାକୁ ଦଂଶନ କରିବାକୁ ଗୋଡାଉଛି ଯେପରି! ସେଠୁ ସେ ମୁକୁଳି ଯିବାକୁ ଚାହେଁ। ନିଜ ସ୍ୱାଧୀନତା ସହିତ ସେ ଆକାଶରେ ଉଡିବାକୁ ଚାହେଁ। କିନ୍ତୁ ତାର ସେ ଡେଣା ଦୁଇଟାରେ ଆଉ କାହାର ସାମର୍ଥ୍ୟ କି ଦୟା ନଥାଉ।

କଣ ଭାବୁଛୁ ଦେବା। ସତରେ ଭୁଲିଯିବୁନି ତ? ଆଉଥରେ ଓଜନିଆ ସ୍ୱରରେ ପଚାରିଲା ପାରୋ।

ନାଇଁ । ଭୁଲିବି କେମିତି। ଏ କଷ୍ଟମାନେ ମୋତେ ଆଲୋକ ବର୍ତିକା ହୋଇ ଆଗକୁ ବାଟ କଢେଇବେ ପରା!

ତୁ ବ୍ୟସ୍ତ ହନି ଦେବା। ସବୁ ଠିକ୍ ହୋଇଯିବ। ମୁଁ ସବୁଦିନ ତୋ ପାଇଁ ଗ୍ରାମ ଦେବୀଙ୍କ ପାଖେ ଗୁହାରି ଜଣାଉଥିବି।

ହଉ..ଘର ଜଗିଥିବୁ।

ହଁ..ଆଉ ଗୋଟେ କଥା ରହିଗଲା।

କଣଟା..? ପଚାରିଲା ଦେବଦାସ।

ତୁ ସେଠିକୁ ଯାଇ ଚିଠି ଲେଖିବୁ ନହେଲେ ମୋ ବାପାଙ୍କ ମୋବାଇଲକୁ ଫୋନ୍ କରିବୁ।

ଆଗ ସେଠି ମୋତେ ପହଂଚିବାକୁ ଦେ। ବିରକ୍ତିଭରା ସ୍ୱରରେ କହିଲା ଦେବା।

ତୁ କଣ ଜାଣିନୁ..କେତେ ବ୍ୟସ୍ତ ଲାଗୁଛି ତୋ ପାଇଁ? ଅଭିମାନରେ ଥମ୍ ଥମ୍ ହୋଇ କହିଲା ପାରୋ।

ହଁ ଜାଣିଛି ତୋ ବ୍ୟସ୍ତତାର କାରଣ। ତାଚ୍ଛଲ୍ୟ କଲା ଦେବା।

କଣ କହିଲୁ ଦେଖିବା?

ସେଇ ଟଙ୍କା କଥା..। ଠିକ୍ ସମୟରେ ଫେରାଇ ଦେବାକୁ ତାଗିଦ୍ କରିବାର ନୂଆ ନୂଆ ପେଖେନା। ବାପ ପରି ଝିଅ। ନଜରଟା ସେଇ ଟଙ୍କା ପାଖେ। ହେଲା ତୋ କଥା ମନେରଖିଲି। ଆଉ ପଛେପଛେ ଗୋଡାନି। ନିଶ୍ଚୟ ଫେରାଇଦେବି ସୁଧ ସହିତ। ଭରସା ରଖ। ତୋଠୁ ଧାରୁଆ ହୋଇ କେବେ ବି ସଂସାରରୁ ଯିବିନି।

ଏମିତି କଣ କହୁଚୁ ଦେବା? ମୁଁ କଣ ଏତେ ନିଚ! ତୁମ ସମସ୍ତଙ୍କ ଆଖିରେ ଆମେ ବାପଝିଅ ଖାଲି କଂସେଇ ପରି? ହଉ ଯାହା ଭାବୁଛୁ ଭାବ..କଣ ଆଉ କହିବି ତୋତେ। ତୋ ଜୀବନରେ ମୋର ସ୍ଥାନ ଏତିକି! ଦୁଃଖରେ ଜରଜର ହୋଇ କହିଲା ପାର୍ବତୀ ଓରଫ ପାରୋ।

ଆଉକୁ ନିଘା ନଦେଇ ଦେବା କହିଲା-ଏଥର ଯାଉଛି।

ଦେବା..ଆଉ ଟିକେ ରହ..ଅନେକ ଡେରି ଅଛି ବସ୍ ଆସିବାରେ। ଅନୁରୋଧ କଲା ପାରୋ।

ରହିକି କଣ କରିବି? ଏମିତିରେ କେତେ ବ୍ୟସ୍ତ ଲାଗୁଛି ମୋତେ। ଯେତେ ଶୀଘ୍ର ଏଠୁ ପଳାଇଲେ ମୁକ୍ତି।

ତୁ ଏ ଗାଁ ଓ ଆମସମସ୍ତଙ୍କୁ ଏତେ ଘୃଣା କରୁ? କିନ୍ତୁ ଭୁଲିଯାଉଛୁ ତୁ ଏଇ ମାଟି ପବନରେ ତୁ ମଣିଷ ହୋଇଛୁ। ଏଇଠି ଆଣ୍ଠେଇ ପେଟେଇ ଚାଲିଶିଖିଚୁ।

ଯେଉଁ ଗାଁ ମୋ ମାଆକୁ ଗଞ୍ଜଣା ଦେଇଛି,ପରଘରେ କାମ କରାଇ ବାହାବା ଲୁଟିଛି,ମୋତେ ବାପଛେଉଣ୍ଡ କରି ମୋ ଅସହାୟତା ଦେଖିଛି,ସେ ଗାଁକୁ ଭଲପାଇବି କେମିତି କହ? ମାନୁଛି ଏ ଗାଁ ଦୟା କରିଛି ମୋ ପରି ସାହାରାହୀନ ପିଲାଟି ଉପରେ। ହେଲେ ମୋ ହାତମୁଠା ଦେଖ୍..କେତେ ଖାଲି। କିଛି ବି ତ ନାହିଁ! ମୋତେ ତ ଏ ଆଞ୍ଜୁଳା ଭର୍ତି କରିବାକୁ ପଡିବ। ମୋତେ ମୋ ପାଇଁ କିଛି କରିବାକୁ ହେବ। ନହେଲେ ନିତିଦିନ ମଜୁରିଆରେ ପରିଣତ କରି ଖୁବ୍ ଆତ୍ମସନ୍ତୋଷ ପାଇବେ ଏମାନେ।

ମାନୁଛି ତୋ କଥା। ହେଲେ ଏ ଗାଁର ଅସହ୍ୟପଣ ତୋ ଆଖିରେ ଛପି ଯାଇଛି ଦେବା। ସେଥିପାଇଁ ତୁ ଭଲକଥା କିଛି ଦେଖିପାରୁନୁ। ଭୁଲିଯାଉଛୁ ଆମ କବାଡି, ଡାବରପୁଆ ଖେଳ। ବେଳେବେଳେ ଝିଅମାନଙ୍କ ସହିତ ମିଶି ବୋହୂଚୋରି ଆଉ ଦଉଡି ଡିଆଁ ..କେତେ ମଜ୍ଜା ହୁଏ ନା?

ନା..ମୋର ସେଥିରେ ସେମିତି କିଛି ଖୁସି ନଥାଏ। ଖାଲି ସାମୟିକ ଆନନ୍ଦର ମୁହୂର୍ତ୍ତରୁ ଟିକେ। ତା ବାଦ୍ ଆଉ କିଛି ନାହିଁ। ସ୍ୱାଭିମାନର ସହିତ ବଂଚିବାକୁ ମୋତେ କେହି ବାଧ୍ୟ କରେ..ହୁଏତ ମୋ ବିବେକ ନହେଲେ ମାଆ। ତେଣୁ ତୋର ସେସବୁକୁ କଥା ବୁଝିବାକୁ ମୋତେ ସମୟ ଲାଗିବ। ଏବେ କିନ୍ତୁ ମୋ ମାଆର କାନ୍ଦୁରା ମୁହଁ ମୋତେ ବିବ୍ରତ କରୁଛି। ମୋତେ ଯିବାକୁ ହେବ ଗୋଟେ ସ୍ୱର୍ଗକୁ..! ମୋତେ ସବୁ କୁହେଳି କାଟି ଆଗକୁ ବଢିବାକୁ ହେବ।

ଠିକ୍ ଅଛି। ଯାହା ତୋ ଇଚ୍ଛା। ଦେବଦାସ ଆଉ କାଳବିଳମ୍ବ ନକରି ଆଗକୁ ଚାଲିଲା। ଆଉ ତାକୁ ଅଟକାଇବାକୁ ପାରୋ ବି ତା ପଛେପଛେ ଚାଲିଲା। ବାରବାର ମନେପକେଇ ଦେଉଥିଲା ତା କର୍ତବ୍ୟକୁ। ଆଉ ଦେବଦାସ ପାହୁଣ୍ଡ ପରେ ପାହୁଣ୍ଡ ପକାଇ ଚାଲିଥିଲା ଆଗକୁ ଗୋଟେ ଅନ୍ଧ ନିଶାରେ। ଗୋଟେ ଶିକୁଳିହୀନ ବନ୍ଧନ ଜୀଇଁବାକୁ। ଆକାଶର ସୀମାକୁ ମାପିବାକୁ। ଜହ୍ନ ରାଇଜରେ ଆତ୍ମହରା ହେବାକୁ। ଆଉ ସେଇ ଗାଁଲୋକମାନଙ୍କୁ ଦେଖାଇ ଦେବାକୁ ଯେ ଦେବଦାସ ବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରେ। ସେ ଚାଲିଥିଲା ନିଜ ଅଭିମାନ ନେଇ। ଛୋଟିଆ ନଈଟେ ପରି ତା ପଛେ ପଛେ ପାରୋ ବି ଧାଇଁଥିଲା ନିଧଡକ ଭାବେ।

ଏଥର ସେ କଟକରେ ପହଂଚି ଟ୍ରେନ୍‌ରେ ବସିଲାଣି। ଦୁଇଦିନ ଦୁଇରାତି ଏମିତି ବସିବାକୁ ହେବ। ତଥାପି ଆଖି ଆଗରେ ଗୋଟେ ନିଶା..! ଆଗକୁ ବଢିବାକୁ..! ପାରୋ ଓ ତା ବାପର ଋଣ ପରିଶୋଧ କରିବାକୁ..। ପେଟପୋଟଣା ପାଇଁ ଚା’,ବୁଟ ବାଦାମ୍, କିଛି ହିନ୍ଦୁ ଦେବାଦେବୀଙ୍କ ମୂର୍ତି ବିକ୍ରୀ କରୁଥିବା ଲୋକଙ୍କୁ ଚାହିଁଲା ସେ। କେତେ ମ୍ଲାନ ଓ କ୍ଲାନ୍ତକାତର ମଣିଷ ସେମାନେ। ଆଖିରେ ସାମାନ୍ୟତମ ଆଶ୍ୱାସନା କି ସଂଭାବନା ନାହିଁ। ବିନା ସଂଭାବନାରେ ମଣିଷ ବଂଚେ କିପରି? ଏଠି ଅସଂଭବ ପ୍ରକାରର ଭିଡ। କିନ୍ତୁ ଲାଗୁଥାଏ ଯେପରି ଏ ଧାଁ ଦୌଡ ଭିତରେ ସମସ୍ତେ କ୍ଲାନ୍ତ,ମୂର୍ଚ୍ଛିତ। ସେମାନଙ୍କ ଭିତରେ ଏ ବୁଲା ବିକାଳିମାନେ ଆହୁରି ଅସହାୟ। ବିକ୍ରୀହେଲେ ଠିକ୍ ଅଛି ନହେଲେ ଆଗକୁ ବଢ। ପଛରେ ଆସୁଥିବା ଟ୍ରେନ୍‌କୁ ଚାହିଁ। ତା ଭିତରେ ମଣିଷର ଇଚ୍ଛା କେମିତି ମିଳେଇଯାଉଥାଏ..ତଥାପି ତାକୁ ବଂଚାଇ ରଖିବାର ଗଭିର ପ୍ରଚେଷ୍ଟା ଜାରି ରହିଥାଏ। ନିଜ ଇଚ୍ଛାମାନଙ୍କୁ ସଂଭାଳି ଗୋଟେ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଚାହିଁ ରହିବାରେ କେତେ ଯେ ଯନ୍ତ୍ରଣା! ଆଶାମାନଙ୍କ ଦିହୁଡି ଜାଳି ଚାଲିବାର ପ୍ରଚେଷ୍ଟା ଭିତରେ ପାଦ ଓ ମନ ଯେତେ କ୍ଲାନ୍ତ ହେଲେ ବି ଆଶାମାନେ କିନ୍ତୁ ଠେଲିନିଅନ୍ତି ଆଗକୁ..କୋଉ ଗୋଟେ ମୁକ୍ତା ସଂଧାନିବାକୁ ବୋଧେ। **(କ୍ରମଶଃ...)**



## କିଶୋର କବିତା

# ଶବ୍ଦଙ୍କର ମାୟା





**କ୍ଷୀରୋଦିନୀ ବେହେରା**

**ସେ** ଆସେ ଥିରି ଥିରି
ପାଦ ଚାପି ଚାପି
ପାଦରୁ ତା’ ପାଉଁଜୀ ଫିଟେଇ
କେତେବେଳେ ଆସେ ପୁଣି
ବେଫିକର ...
ମୋ ମେନ୍ ଗେଟ୍ ଦେଇ।

କେତେବେଳେ ତୁନି ହୋଇ ବସିପଡେ
ରାସ୍ତା କରେ ବସିଥିବା ଭିକାରୀଙ୍କ ପରି
କେତେବେଳେ ପୁଣି ଚାହିଁ ରହେ
ତାରା, ଜହ୍ନ ଦୂର ଆକାଶକୁ
ଦାର୍ଶନିକ ପରି।
ଶୀତ, ରାତି
ଶିଶିର ଓ ଶବ୍ଦର ମାୟାରେ
ମତେ ସିଏ ବାନ୍ଧେ
ମହାଭାରତର ଶପ୍ତରଥି ପରି।



ମୁଁ ତ ଅବାଧ ଅଭିମନ୍ୟୁ
ତା’ଚକ୍ରାନ୍ତର ଚକ୍ରବ୍ୟୁହରେ
ସାରାରାତି ଛନ୍ଦି ହୋଇଥାଏ
ହାତରେ ମୋ କଲମଟେ ଧରି।

ସେ ଭାବ ଖାଏ
ଭାବନାକୁ ମୋତେ ସେ ଖୁଆଇ
ସେ ଅଭାବରେ ହସେ
ମୋତେ ସେ କନ୍ଦେଇ...
କିନ୍ତୁ କାହିଁକି ?
ମୁଁ ପ୍ରଶ୍ନ କରିବା ପୂର୍ବରୁ
ସେ ଚାଲିଯାଏ
ମୋ ମନକୁ ଭଣ୍ଡେଇ।
ମୁଁ ତା’ପାଇଁ ପାଗଳ ଓ ସେ
ଠିକଣାହୀନ ଏକ ଚିଠିର ଅକ୍ଷର...
ସେ ତୁନି ରହେ
ମୁଁ କିନ୍ତୁ ଖୋଜୁଥାଏ ପାଦଚିହ୍ନ ତା’ର
ଓଦା ଓଦା ସମୁଦ୍ର ବାଲିରେ
ଅଙ୍କାବଙ୍କା ଗାରଟେ ପକେଇ...
ଖୋଜୁଥାଏ ପୁଣି ତା’କୁ
ବସ୍‌ଷ୍ଟାଣ୍ଡ, ରେଷ୍ଟୁରାଣ୍ଟ, ଏୟାରପୋର୍ଟରେ
ଓ ନୀଳ ନୀଳ ଦୂର ସହରରେ
ମୋ ଦେହର କ୍ଷତକୁ ଲୁଚେଇ।

*ପାଇକମାଳ, ବରଗଡ଼*

# ବଜା ଟିକେ

**ଉପାଳୀ ଦାଶ**



**ଖାଲି** ବଂଶୀ ଟା ଧରିଛୁ ଯେ ତୁ;
ବଜା ଟିକେ, ଶୁଣିବେ ସମସ୍ତେ
ପବିତ୍ର ହେଉ ବାୟୁ ମଣ୍ଡଳ
ଆଉ ତା ଭିତର ସମସ୍ତ ଜୀବଜଗତ।



ଯେମିତି ବଜାଇ ଥିଲୁ
ଦ୍ୱାପର ଯୁଗରେ,
ମୋହିତ କରୁଥିଲୁ ଗୋପ ଗୋପୀଙ୍କୁ
ଏତେ ମଧୁର ଥିଲା ଯେ,
ସେ ବଂଶୀ ସ୍ୱର,
ବ୍ରଜବାସୀ ଭାବୁଥିଲେ,
ତୁ ପରା କୁଆଡେ ତାଙ୍କ ହୃଦୟ ଚନ୍ଦନ
ହେ ନନ୍ଦ ନନ୍ଦନ!
ପୁଣିଥରେ ଶୁଣାଇ ଦେ ନା;
ଗଛଲତା, ପାହାଡ, ନଦୀ, ସମୁଦ୍ର, ଆକାଶକୁ
ଖେଳେଇ ଦେ ଶୀତଳତା,
କେତେଦିନୁ ଶୋଇ ନାହାନ୍ତି ପରା ସେମାନେ
ଶୁଣାଇ ଦେ,
ଏ ଉନ୍ମତ୍ତ ମଣିଷମାନଙ୍କୁ
ଦିବ୍ୟତା ଟିକେ ଖେଳିଯାଉ
ନିର୍ମଳ, ଉଜ୍ଜ୍ୱଳ, ସୁନ୍ଦର କରିଦେ ପୃଥିବୀକୁ।

*ଅହମ୍ମଦାବାଦ, ଗୁଜୁରାଟ*




**ପ**ଣା ସଂକ୍ରାନ୍ତିରୁ ଆରମ୍ଭ ହେଲା ଆମ ନୂଆବର୍ଷ। କେତେ ଭୋଜିଭାତ, ପଣାପିଆ, ବିଷୁବ ମିଳନ ଆସର ଜମିଲା ରାଜ୍ୟ ଭିତରେ ବି ଆଉ ବାହାରେ ବି। ତା’ପରେ ପୁଣି ଅକ୍ଷୟ ତୃତୀୟାରୁ ବଡ ଠାକୁରଙ୍କ ରଥକାଠ ଅନୁକୂଳ, ଚାଷ ଅନୁକୂଳ ଆହୁରି କେତେ କ’ଣ। ସବୁ ଉତ୍ସବକୁ ପାଣିଚିଆ କରିଦେଲା ଦୁଇଟା ଘଟଣଶ। ଗୋଟିଏ ହେଲା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ନୀତି ବିଳମ୍ବ, ଆଉ ଗୋଟିଏ ହେଲା ଏଟିଏମ୍‌ରୁ ଟଙ୍କା ଗାଏବ। ଦୁଇଟାଯାକ ଘଟଣା ରାଜ୍ୟସାରା ଆଲୋଡନ ସୃଷ୍ଟିକଲା। ଟିଭି, ଖବର କାଗଜଠୁ ଆରମ୍ଭକରି ହାଣ୍ଡିଶାଳଠୁ ଛକ ବଜାର, ଏ ଦୁଇ ଘଟଣାର ଚର୍ଚ୍ଚା। ଯେହେତୁ ଘଟଣାଟି ହାଣ୍ଡିଶାଳକୁ ପ୍ରଭାବିତ କଲା, ତେଣୁ ଘରଣୀମାନେ ମଧ୍ୟ ନିଜ ପାଣ୍ଡିତ୍ୟ ପ୍ରଦର୍ଶନ କରିଲେ। କୁନାବୋଉ, ଘରକୁ ଫେରିବା ବେଳେ ପରିବାର ଆଣିବାକୁ କହିଥିଲେ କୁନାବାପାଙ୍କୁ। ହେଲେ କୁନାବାପା କେବଳ ଆଳୁ ପିଆଜ ନେଇ ଫେରିବାର ଦେଖି କୁନାବୋଉ କାରଣ ପଚାରନ୍ତେ, କୁନାବାପା ଅସୁବିଧାଟି କହିଲେ। ଘରକୁ ଫେରିବା ବେଳକୁ ରାସ୍ତାରେ ଏଟିଏମ୍‌ରରୁ ଟଙ୍କା ଉଠେଇ ପରିବା କିଣିବାର ଚିନ୍ତା କରିଥିଲି। ହେଲେ ବାଟରେ ଥିବା ଦୁଇଟିଯାକ ଏଟିଏମ୍ ଅଚଳବ। ତେଣୁ ଛକପାଖ ତେଜରାତି ଦୋକାନରୁ ବାକିରେ ଆଳୁ ପିଆଜ ଆଣିଲି। ଭାଗ୍ୟଭଲ ତେଲଟାଙ୍କିରେ ଏଟିଏମ୍ ସ୍ୱାଇପ କରି ତେଲ ପକେଇଲି। ନହେଲେ ଗାଡି ଗଡେଇକି ଫେରିଥାନ୍ତି। ଏସବୁ ଶୁଣି କୁନାବୋଉ କହିଲେ, ଯାହାହେଉ ଆଳୁ ପିଆଜ ଆଣିଲ। ନହେଲେ ତୁକମୁ ମଧ୍ୟ ଜଗନ୍ନାଥଙ୍କ ଭଳିଆ ଉପାସରେ ରହିବାକୁ ପଡିଥାନ୍ତା। ଯାହାବି ହେଉ ରାତି ଖାଇବା ଆଉ ସକାଳ ଖାଇବା ହେଇଯିବ।

ସେଇ ଘଟଣାଟା ତା’ପରଦିନ ମଧ୍ୟ ଦେଖିବାକୁ ମିଳିଲା। ଏଟିଏମ୍ କିଛି ଅଚଳ, ଆଉ କିଛି ଆଗରେ ଆହାର କେନ୍ଦ୍ରଭଳି ଗହଳି। ସେମିତିଆ ଗୋଟେ ଏଟିଏମ୍ ଆଗରେ ଠିଆହୋଇ କୁନାବାପା ଦେଖିଲେ, ତାଙ୍କ ଆଗରେ ପନ୍ଦର ଜଣ। ଆଉ ତାଙ୍କ ନମ୍ବର ତେର ହେଲା ବେଳକୁ ତାଙ୍କ ପଛରେ ପାଞ୍ଚଜଣ। ମାନେ ପାଖାପାଖି ବିମୁଦ୍ରୀକରଣ ବେଳର ଦୃଶ୍ୟ। ତେବେ ଗହଳିଟା ଯୋଉଠି, ସେଇଠି ପଲ୍ଲୀରୁ ଦିଲ୍ଲୀଯାଏଁ ଚର୍ଚ୍ଚା। ଜଣେ ଟେଙ୍ଗେରା ମୁଣ୍ଡିଆ ବାବୁ ତାଙ୍କ ସାଙ୍ଗରେ ଆସିଥିବା ଧେଡିଆ ବାବୁ ଜଣଙ୍କୁ ବୁଝେଇ କହୁଥାନ୍ତି। ଆହେ ଓଡ଼ିଶା ଉପରେ ଲକ୍ଷ୍ମୀ କୋପ କରିଛନ୍ତି। ଦେଖୁନା, ଜଗନ୍ନାଥ ଦି’ଦିନ ହେଲା ଅବେଳାରେ ଖାଉଛନ୍ତି। ଆମ ମାନଙ୍କର ଆକାଉଣ୍ଟରେ ପଇସା ଅଛି, ହେଲେ ବାହାର କରିବାକୁ ଏଟିଏମ୍ କାମ କରୁନି, ଘୋର କଳି। ଦୁଇଜଣଙ୍କ ଆଗରେ ଠିଆ ହୋଇଥିବା ଗେଡ୍ଡୁ ଲୋକ ଜଣେ ଉପରେ ପଡି କହିଲେ, ନାଇଁମ, ଆଜିକାଲି ଯୋଉ ଗରମ ହଉଛି, ପାହାନ୍ତି ନିଦରେ ସୋଇ ଯାଉଛନ୍ତି ସେବକ। ଜଗନ୍ନାଥଙ୍କର ତ ମୁଳରୁ ଆଖିପତା ନାହିଁ, ତେଣୁ ସେ କୋଉ ଶୋଇ ପାରିବେ ଯେ, ତାଙ୍କ ଶୋଇବା କଥା ଚିନ୍ତା କରିବା, କିନ୍ତୁ ବ୍ୟାଙ୍କ ଗୁଡାକ ତ ଏଇ ପାଖାପାଖି ରାଜ୍ୟରେ ନିର୍ବାଚନୀ ଖର୍ଚ୍ଚ ମେଣ୍ଟେଇବାକୁ ସବୁ ଫଣ୍ଡ ସିଆଡେ ପଠେଇଥିବେ। ଫତେଇ ପିନ୍ଧା ବାବୁ ଜଣେ କହିଲେ ହଁ, ନିଜ ରାଜ୍ୟରୁ ପଇସା ଉଠେଇଲେ ଧରା ପଡିବାର ଚାନ୍ସ ଅଛି। ତେଣୁ ତା’ବି ହୋଇପାରେ। କୁନାବାପା ଭାବିଲେ, ଜଗନ୍ନାଥଙ୍କର ବାକିଖାତା ନାହିଁ, ତେଣୁ ସିଏ ଉପାସରେ ରହିଗଲେ। ଯା ହେଉ, ଏଇ ବାକିଖାତା ସମସ୍ତଙ୍କର ଥାଉ, ଆଉ ପେଟ୍ରୋଲ ଟାଙ୍କିର କାର୍ଡ ରିଡର କାମ କରୁଥାଉ। ନ ହେଲେ, ସବୁ ଶେଷ। ଏଇ କଥା ଭାବିଲା ବେଳକୁ ତାଙ୍କ ନମ୍ବର ତିନି ହେଲାଣି। ହେଲେ, ସେଇ ଆଗ ଲୋକ ପାଖରେ ଏଟିଏମ୍ ପଇସା ଶେଷ। କୁନାବାପା ପୁଣି ବାହାରିଲେ ନୂଆ ଏଟିଏମ୍ ସନ୍ଧାନରେ। ଆଉ ମନକୁ ପଦେ କଥା ଆସିଲା, ତୁ ଏକା ତୋତେ ରକ୍ଷାକର। ସର୍ବେ ଭବନ୍ତୁ ସୁଖୀନଃ

**- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪**

# ଅଣ୍ଡିରିପୁଅ ଉଦ୍ଧବ

## ଅମିନୀଲୁ ରାୟ



**ଗ୍ରୀ**ଷ୍ମ ଦିନ । ସକାଳୁ ସକାଳୁ ଅନାମ ଉପରେ ହେଉଥିଲା ଭିଷଣ ଗାଳି । ବ୍ରଜବାବୁ ରାଗରେ ଅତି କ୍ରୋଧାନ୍ୱିତ ହୋଇ ଦାନ୍ତ କଡମଡ କରି କହୁଥିଲେ – “ଦେଖୁନ, ଆସି ଭେଣ୍ଡିଆଟା ହେଲାଣି, ଅଥଚ କାମଧନ୍ଦା କରିବାର ନାଁ ଧରୁନି କେମିତି ? ଖାଲିଟାରେ ବସି ବସି ବାପ ଅନ୍ନ ଧ୍ୱଂସ କରୁଛି । ନିହାତି ନିର୍ଲଜଟା । ଯେତେ କହିଲେ ବୋଇଲେ କୋଉଠି ପୁରଉଛି କେଜାଣି “ ? ତାଙ୍କ ପାଟିରୁ କଥା ସରିଛି କି ନାହିଁ, ବୀଣା ଦେବୀ ସଙ୍ଗେ ସଙ୍ଗେ ରକ୍ତ ଚାଉଳ ଚୋବାଇ, ଝାଡୁଟାକୁ ଟିକେ ସାମାନ୍ୟ ଦୂରକୁ ଫିଙ୍ଗି କହିଲେ- “ତମେ ଠିକ୍ କହିଛ । ଆଉ କେଇଟା ଦିନେ ହାତକୁ ଦି’ହାତ ହେବ, ଘର ସଂସାର କରିବ, ହେଲେ ସେକଥା କ’ଣ ତା’ର ଚିନ୍ତା ଅଛି ? ଖାଲି ଗେମ୍ପା ମାରି ଛକରେ ଟହଲ ମାରୁଛି । ତାକୁ କହି କହି ମୁଁ ଥକ୍‌କି ପଡିଲିଣି । ନିହାତି କୁଳାଙ୍ଗାରଟା ଜନ୍ମ ହେଲା ମୋ ପେଟରୁ” । ସେ ବିରକ୍ତ ହୋଇ ବିଷର୍ଣ୍ଣ ବଦନରେ ରୋଷେଇ ଘରକୁ ଚାଲିଯିବା ପରେ ସାନ ଭଉଣୀ ରୀମା ଏଥିରୁ ବାଦ୍ ନପଡି ସଙ୍ଗେ ସଙ୍ଗେ ମୁହଁଟାକୁ ଲେଫଡାଇ ସମାଲୋଚନାପୂର୍ଣ୍ଣ ଭଙ୍ଗୀରେ କହିଲା – “ଇଏ କାଳେ ମୋତେ ବାହା ତୋଳା କରାଇ ଶାଶୁଘରକୁ ପଠାଇବ । ପଇସାଟିଏ ରୋଜଗାର କରିବା କ୍ଷମତା ନାହିଁ, ଫୁଟାଣି କାହିଁରେ କ’ଣ ? ଯା’ରି ସାଙ୍ଗର ପିଲାମାନେ ପଞ୍ଜାବ, ସୁରାଟ, ମୁମ୍ବାଇ ଯାଇ ଘରକୁ ହଜାର ହଜାର ଟଙ୍କା ପଠାଉଛନ୍ତି । ହେଲେ ଇଏ କୋଉ କୁଳର ନୁହେଁ ଲୋ ବୋଉ” । ବାରଣ୍ଡାରେ ଖୁଂଟଟା ପରି ଠିଆ ହୋଇ ଚୁପ୍‌ଚାପ୍ ସବୁ ଶୁଣୁଥିଲା ସେ । ନିଜକୁ ଖରାପ ଲାଗୁଥିଲେ ବି କିଛି କହିପାରୁ ନଥିଲା କାହାକୁ । ରୀତିମତ ଏଇ କଥା ଶୁଣି ଶୁଣି ତା’ର ଏସବୁ ଦେହସୁହା ହୋଇଯାଇଥିଲା ଯେମିତି ।

ଗାଁ’ରେ ଅନାମର ବେଶୀ ଫୁଟାଣି । ସେ କାହାକୁ ଖାତିର୍ କରେନି । ଗୁରୁ ଗୁରୁଜନଙ୍କ କଥାକୁ ହେୟଜ୍ଞାନ କରେ । ନିଜେ ଭୂଲ୍ କରିଥିଲେ ବି ମାନିବାକୁ ନାରାଜ୍ । ଗାଁ ଲୋକେ କ’ଣ, ଘର ଲୋକଙ୍କ କଥାକୁ ବି ଆଡେଇ ଦିଏ, ଶୁଣେନି । ପ୍ରତିଦିନ ସକାଳୁ ଉଠି ଗାଧୋଇପଡି, ପେଟେ ପଖାଳ ଠୁଙ୍କି ଦେଇ, ଚଇନି ଚିକ୍କଣ ହୋଇ, ଛକକୁ ବାହାରି ଯାଏ କେତେ ଜଣ ବାଲୁଙ୍ଗା ଟୋକାଙ୍କ ସହ ମିଶି ଖଟି କରିବାକୁ ।

ସଂଧ୍ୟା ସମୟ । ଅନାମ ବ୍ୟତୀତ ପରିବାରର ସମସ୍ତେ ଏକତ୍ର ବସି ଚା’ ପିଉଥିବା ସମୟରେ ବୀଣା ଦେବୀ ନିରସ ମନରେ ତାଙ୍କ ସ୍ୱାମୀଙ୍କୁ ଲକ୍ଷ୍ୟକରି କହିଲେ –

-ବୁଝିଲ, ତାକୁ ଆଉ ପାରି ହେବନି । ମୁଁ ଭାବୁଛି ହାତକୁ ଦିହାତ କରିଦେଲେ କାଳେ ସେ ସୁଧୁରି ଯିବ ? ନା’ କ’ଣ କହୁଛ ?

-ହଁ, ମୁଁ ବି ଠିକ୍ ସେଇଆ ଭାବୁଥିଲି । ହେଲେ ସେ ଏଥିରେ ରାଜି ହେବ ତ ?

-ସେକଥା ମୁଁ ବୁଝିବି । ତମେ ଆଗେ ପ୍ରସ୍ତାବ ଦେଖ ।

ତାଙ୍କ ଗାଁ ଠାରୁ କିଛି ଦୂରରେ ଅବସ୍ଥିତ ଆନନ୍ଦପୁର ଗ୍ରାମର ଶ୍ୟାମବନ୍ଧୁ ସାହୁଙ୍କ ସାନ ଝିଅ ଅନୀତା ସହିତ ଅନାମର ବିବାହ ବୈଦିକ ରୀତିରେ ସଂପନ୍ନ ହୁଏ । ମାଟ୍ରିକ୍ ପାସ୍ କରିଛି ସେ ଏଇ ତିନି ବର୍ଷ ହେବ । ଦେଖିବାକୁ ଗୋରୀ, ତନୁପାତେଳୀ ଆଉ ସୁନ୍ଦରୀ । ଚାଲିଚଳନ, ଆଚାର ବ୍ୟବହାର, ଅତିଥୀ ଚର୍ଚ୍ଚା, ପରୋପକାର ଇତ୍ୟାଦି କେଉଁଥିରେ ତାକୁ କେହି ବାରିବେନି । ବଡିଭୋ’ରୁ ସେ ନିତ୍ୟକର୍ମ ଶେଷ କରି ଲାଲ୍ ଟୁକୁଟୁକୁ ବେଶରେ, ଡ୍ରେସିଂ ମିରର୍ ସାମ୍ନାରେ ସିନ୍ଦୂର ପିନ୍ଧୁଥିବା ସମୟରେ, ଆଇଶାଶୁ ଅତି ଶ୍ରଦ୍ଧାରେ ତା’ ପାଖକୁ ଆସି କହିଲେ –

-ମା’ରେ, ମୋ କଥା ଟିକେ ଶୁଣିବୁ ?

-ହଁ ଜେଜେମା’ କୁହ ।

-ଆମ ଅନାମ ବିଷୟରେ କହିବି । ବାଣୀ ତ ତୋ ଆଗରେ ସେ ଅକାଳକୁଷ୍ମାଣ୍ଡ କଥା ପୂର୍ବରୁ ସବୁ ବଖାଣିଥିବ । ହେଲେ ମୁଁ ଚାହେଁ ତୁ ତାକୁ ଟିକେ ବାଟକୁ ଆଣିବୁ । ସେ ପିଲାଟିଦିନୁ ଆମରିମାନଙ୍କ ଗେହ୍ଲା ଆଉ ଏଇ ଗାଁ’ର କେତେଟା ବେକାର ଟୋକାଙ୍କ ସହ ମିଶି ଅମଣିଷ ପାଲଟି ଯାଇଛି । ତଥାପି ତା’ର ଗୋଟେ ଭଲ ଗୁଣ, ସେ କେଉଁ ଝିଅ ବୋହୂଙ୍କୁ ଆଖି ଟେକି ଚାହେଁନି ।

-ହଁ, ବୋଉ ମୋତେ ତାଙ୍କ ବିଷୟରେ ପୂର୍ବରୁ ସବୁ କଥା କହିଛନ୍ତି ।

-ମୋର ବିଶ୍ୱାସ, ତୁ ହିଁ ପାରିବୁ । ଆଜି ରାତିରେ ତାକୁ ସବୁ କଥା ଭଲକରି କାନେ କାନେ ବୁଝେଇ ଦେବୁ ।

ଜହ୍ନର ତୋଫା ଶୀତଳ ଆଲୋକ ଚାରିଆଡେ ବିଛାଡି ହୋଇ ପଡିଲାଣି । ଆଜି ବାସର ରାତି । ହେବ ଦୁଇଟି ଅଚିହ୍ନା ଦେହ ଓ ମନର ମିଳନ । ଯୌବନର ମାଦକତା ମଧ୍ୟରେ କିଛି ମୂହୁର୍ତ ଦୁହେଁ ଦୁହିଁଙ୍କୁ ହଜାଇ ଦେବା ପୁ’ଣି ଜୀବନର ଚଲାପଥକୁ ସଠିକ୍ ରାସ୍ତାରେ ଆଗକୁ ବଢିବା ପାଇଁ ଦୃଢ ସଂକଳ୍ପର ମଧୁ ରାତି । ମନ ମଧ୍ୟରେ ଅନେକ ସାଇତା ସ୍ୱପ୍ନକୁ ଜାବୁଡି ଧରି କେତେବେଳୁ ତା ପ୍ରିୟତମର ପ୍ରତୀକ୍ଷାରେ ବସିଥାଏ ଅନୀତା । ଅନାମର ବିଳମ୍ବ ଦେଖି ଘରେ ସମସ୍ତେ ବ୍ୟସ୍ତ ହୋଇ ପଡିଲେଣି । ଲୁହ ଓ କୋହକୁ ହୃଦୟ ଭିତରେ ଚାପି ରଖି ସେ ମନେ ମନେ କେତେ କ’ଣ ଭାବିଚାଲିଥିବା ସମୟରେ ହଠାତ୍ ଅନାମ ଢଳି ଢଳି ଆସି ଭିତର ପଟୁ କବାଟ ବନ୍ଦ କରି, ଅନୀତାକୁ ଟିକେ ସାମାନ୍ୟ ଚାହାଣୀରେ ଚାହିଁ ସ୍ମିତ ହସି, ନରମ ଗଳାରେ କହିଲା-

-କାହିଁକି କାନ୍ଦୁଛ ? କ’ଣ ହେଇଛି ? ଶୋଇପଡ ।

-ମୋ ଆଖିକୁ ନିଦ ଆସୁନି ।

-ମାନେ ?

-କ’ଣ କିଛି ବୁଝି ପାରୁନ ? ପୁ’ଣି ଆଜି ପରା ଦିନରେ ତମେ ମଦ ପିଇଛ ?

-ମୋ ପାଇଁ ସବୁ ସମାନ । ଆଜି କ’ଣ, କାଲି କ’ଣ ? ଓକେ, ଆଇ ଆମ୍ ସରି । ପ୍ଲିଜ୍ ଏଥର ଶୋଇପଡ ।

-ନା । ତମେ ମୋ ମୁଣ୍ଡ ଛୁଇଁ କୁହ, ଆଜିଠାରୁ ଆଉ କେବେହେଲେ ମଦ ପିଇବନି । ସତ କହୁଛି ସେମିତି ହେଲେ ମୁଁ ଆମ ଘରକୁ ଚାଲିଯିବି । ତମେ ଆଉ ମୋତେ ଦେଖିବାକୁ ପାଇବନି ।

ତା’ର ଏଇ କେଇପଦ କଥାରେ ହଠାତ୍ ଅନାମର ନିଶାଟା ଧିରେ ଧିରେ ଉତୁରିବାକୁ ଲାଗିଲା । ସେ ବିକଳରେ ଛୋଟ ପିଲାଟି ପରି ଲୁହ ଛଳଛଳ ଆଖିରେ ଅନୀତାକୁ କିଛି ସମୟ ଚାହିଁ, ମନକୁ ମନ କ’ଣ ସବୁ ଭାବି, ହଠାତ୍ ତାକୁ ଛାତି ଉପରକୁ ଭିଡିଆଣି, ସଙ୍ଗେ ସଙ୍ଗେ ତା ଗୋଲାପି ଓଠରେ ପ୍ରେମର ଚୁମାଟିଏ ଆଙ୍କିଦେଇ ନମ୍ରଭାବେ କହିଲା- “ଏହାକୁ ମୁଁ ଛାଡିପାରିବି । ହେଲେ ତୁମକୁ ଛାଡି ମୁଁ ବଂଚି ପାରିବିନି । ଜାଣିଛ, ତମେ ହେଉଛ ଆମ ଘରର ଲକ୍ଷ୍ମୀ । ଆମ ପରିବାର ପାଇଁ ସମ୍ମାନ । ଯେତେ ଝଡଝଞ୍ଜା ଆସିଲେ ପଛେ ଆମକୁ ଛାଡି କେବେ ଆଉ ଚାଲିଯିବା କଥା ତୁଣ୍ଡରେ ଧରିବନି, ବୁଝିଲ ?” ସେଦିନ ପ୍ରଥମ ଦେଖାରେ, ତା’ର ଏଇ କେଇପଦ ହୃଦୟସ୍ପର୍ଶୀ କଥାରେ ସେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଖୁସିରେ ଏହାକୁ ଜୀବନର ପ୍ରଥମ ଉପହାର ସ୍ୱରୂପ ଭାବି ମନେ ମନେ ଆତ୍ମସନ୍ତୋଷ ପାଇବା ସହ ତା’ର ବୁଦ୍ଧିକୁ ତାରିଫ୍ କରିଥିଲା ।

ପ୍ରତ୍ୟୁଷରୁ ଅନୀତା ସ୍ନାନ ସାରି ହସ ହସ ମୁଁହରେ ସମସ୍ତଙ୍କୁ ଚା’ ପରସି, ଗୋଟେ କପ୍ ଚା’ ନେଇ ବେଡ୍ ଉପରେ ଅନାମ ହାତକୁ ବଢାଇ ଦେଉଦେଉ, ସେ ପ୍ରେମର ସରାଗରେ ତାର କୋମଳ ହାତକୁ ଟିକେ ଚିମୁଟି ଦେଇ କହିଲା- ସତରେ କ’ଣ ରାତି ପାହିଲାଣି ? ଉତରରେ ଅନୀତା ଟିକେ ଲାଜେଇଯାଇ କହିଲା- ଛାଡ ନା... । ତମେ ଭାରି ଦୁଷ୍ଟ ।

ଦିନକୁ ଦିନ ତା’ର ଭଲ ପାଇବା ବଢିଯାଇଥିଲା ଅନୀତା ପ୍ରତି । ତାକୁ ଛାଡି କୁଆଡେ ସେ ଯାଉନଥିଲା । ସାଙ୍ଗମାନେ ଫୋନ୍ କଲେ ରିସିଭ୍ କରୁନଥିଲା । କାମରେ ବ୍ୟସ୍ତ ଅଛି କହି ସେମାନଙ୍କ ସହ ମିଳାମିଶା ଓ କଥାବାର୍ତା ବନ୍ଦ କରିଦେଇଥିଲା ଧିରେ ଧିରେ । ଅନାମର ସ୍ୱଭାବ ସମୟକ୍ରମେ ପରିବର୍ତନ ହେଉଥିବାର ଜାଣି, ପରିବାରର ସମସ୍ତେ ନିଜକୁ ଖୁସି ଅନୁଭବ କରୁଥିବା ସହ ବୋହୂର ବୁଦ୍ଧିକୁ ଭୂରି ଭୂରି ପ୍ରଶଂସା କରୁଥିଲେ । ଅନୀତା ସଦାବେଳେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲା ଅନାମ ଉପରେ । କୁଆଡେ ଗଲେ କ’ଣ କଲେ ୟାକୁ ତାକୁ ସଦାବେଳେ ପଚାରି ବୁଝୁଥିଲା । ବାହାରେ ଅଧିକ ସମୟ ନ ରହିବା ତଥା ଖରାପ ସାଙ୍ଗମାନଙ୍କ ସହ ମିଳାମିଶା ନ କରିବାକୁ ସେ କାନେ କାନେ ବୁଝାଉଥିଲା ତାଙ୍କୁ ।

ଦିନେ ରାତିରେ ଦୁହେଁ ମନ ଖୁସିରେ ଗପସପ ହେଉଥିଲାବେଳେ, ଅନୀତା ପ୍ରେମର ଚାହାଣୀରେ ଅନାମର ପ୍ରଶସ୍ତ ବକ୍ଷ ଉପରେ ମଥା ରଖି ବୁଝେଇ କହିଲା-

-ଶୁଣ । ତମେ ତ ଦେଖୁଛ, ବାପାଙ୍କ ଦେହପା’ ଆଉ ଭଲ ରହୁନି । ଏମିତି ବି ଏ ବୟସରେ ସେ କ’ଣ ଆଉ କାମଧନ୍ଦା ଠିକ୍ ଭାବରେ କରିପାରିବେ ? ତା ଛଡା କାମ ନକଲେ ଆମେ ଖାଇବା କ’ଣ ? ବଂଚିବା କେମିତି ? ପୁଣି ଆଗକୁ ଆମର ଲମ୍ବା ଭବିଷ୍ୟତ ପଡିଛି । ବୁଝିପାରୁଛ ତ ?

-ତା ହେଲେ କ’ଣ କରିବି କୁହ ?

-କାଲିଠାରୁ ବିଲବାଡିସବୁ ତମେ ବୁଝିବ । ଏ ବୟସରେ ବାପା ଆଉ କାମକୁ ଯିବେନି । ତୁମ ପରିଶ୍ରମରେ କ୍ଷେତରେ ସୁନା ଫଳିଲେ ପ୍ରଥମେ ବେଶୀ ଖୁସି ହେବି ମୁଁ । ଆମ ପେଟ କେବେ ବି ଉପାସ ରହିବନି । କ’ଣ କହୁଛ ?

-ଠିକ୍ ଅଛି । ତୁମ ରାଣ ଖାଇ କହୁଛି ମୁଁ କାଲିଠାରୁ ସବୁ କଥା ବୁଝିବି । ଏଥର ତମେ ଖୁସି ତ ?

ସତକୁ ସତ, ସକାଳ ନ ହେଉଣୁ ଅନାମ ମୂଲିଆମାନଙ୍କ ସହ ମିଶି ବିଲରେ କାମ କରୁଥିବାର ବ୍ରଜବାବୁ ଟିକେ ଦୂରରୁ ଦେଖି, ଖୁସି ମନରେ ଯଲ୍‌ଦି ଯଲ୍‌ଦି ଘରକୁ ଫେରିଆସି, ତାଙ୍କର ସୁନାନାକୀ ବୋହୂକୁ ପାଖକୁ ଡାକି ଗଦ୍‌ଗଦ୍ ହୋଇ କହିଲେ-

-ଗୋଟେ କଥା ଜାଣିଛୁ ମା’, ଆମ ଅନାମ ବିଲରେ କାମ କରୁଥିବାର ନିଜ ଆଖିରେ ଏବେ ଦେଖିକି ଆସିଲି । ମୁଁ ଆଜି ବହୁତ ଖୁସି । ଖୁସିରେ ମୋ ପାଦ ତଳେ ଲାଗୁନି ।

ଅନୀତା ସବୁ ଶୁଣି ଖୁସିରେ ଝରିପଡୁଥିବା ଲୁହକୁ ପଣତକାନିରେ ପୋଛି ସ୍ମିତ ହସି କହିଲା- ବାପା, ତମେ ଆଉ ବିଲକୁ ଯିବନି । ଆଜିଠାରୁ ବିଲବାଡି କଥା ସେ ସବୁ ବୁଝିବେ । ତମେ ଏଥର ବିଶ୍ରମ ନେବ । ଆସନ୍ତା ବର୍ଷ ଆମେ ରୀମାର ବାହାଘର ବଡ ଧୁମ୍‌ଧାମ୍‌ରେ କରିବା । ଧୋଇହୋଇ ବସ, ମୁଁ ଚା’ ଜଳଖିଆ ଆଣୁଛି ।

ଅନୀତାର ବିଚକ୍ଷଣ ବୁଦ୍ଧି ଓ ଅନାମର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ କ୍ଷେତରେ ସୁନା ଫଳିଲା । ନିଜେ ଖୁସି ହେବା ସହ ପରିଶ୍ରମର ଅତୁଳନୀୟ ମୂଲ୍ୟ ହୃଦୟଙ୍ଗମ କଲା ସେ । ପ୍ରତ୍ୟେକ ସଫଳ ପୁରୁଷ ପଛରେ ହିଁ ନାରୀର ହାତ ଥାଏ, ଏହାକୁ ବୁଝିବାକୁ ତାକୁ ବେଶୀ ସମୟ ଲାଗିଲାନି । ସୌଭାଗ୍ୟବଶତଃ ସେହି ବର୍ଷ ପ୍ରଚୁର ଧାନ ଅମଳ ହେବା ସାଙ୍ଗକୁ ବାଡିରେ ଲଗାଯାଇଥିବା ପନିପରିବାରୁ ମଧ୍ୟ ହଜାର ହଜାର ଟଙ୍କା ରୋଜଗାର ହେଲା । ରୀମାର ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ଗାଁ ପାଖ ଲୋକେ, ସାହିପଡିଶା, ବନ୍ଧୁବାନ୍ଧବ, ସାଙ୍ଗସାଥୀ ସମସ୍ତେ ତା’ର ଏଭଳି ଅଦ୍ଭୁତ ପରିବର୍ତନ ଦେଖି ଖୁସିରେ ପରସ୍ପର କୁହାକୁହି ହେଉଥିଲେ – କିଏ କହିଲା ଅନାମ ଗୋଟେ “ଅଣ୍ଡିରିପୁଅ ଉଦ୍ଧବ” ? ସେ’ ତ ଏ ଗାଁ’ର ଖାଂଟି ହୀରା ।

*ଜଗତ୍‌ସିଂହପୁର / ମୋ - ୯୯୩୭୪୧୨୫୧୫*



# ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟାଳୟରେ ବାବୁ ନାହାନ୍ତି

**କେନ୍ଦ୍ରାପଡ଼ା :** ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଥିବା ହେତୁ, ସାରା ରାଜ୍ୟରେ ସ୍କୁଲ, କଲେଜ, ସରକାରୀ ଅଫିସ୍ ସକାଳୁଆ ହେଇଯାଇଛି। ହେଲେ ଉକ୍ତ ସମୟରେ ସରକାରୀ କର୍ମଚାରୀଗଣ ଅଫିସରେ ଅନୁପସ୍ଥିତ ଥିବାର ଦେଖାଯାଉଛି। ସଖାଳ ୭ରୁ ଅଫିସରେ ଯୋଗ ଦେବା ବଦଳରେ ୧୦ଟାରୁ ୧୧ଟା ଭିତରେ ଆସୁଛନ୍ତି। ଯଦି ଡ଼େରିର ପ୍ରଶ୍ନ କରାଯାଏ ଉତ୍ତର ମିଳୁଛି 'ଆମର ସେସବୁ ଆମ ଉପରେ ନିର୍ଭର କରେ, ଏତେ କଏଫତ ଦେଇହେବ ନାହିଁ। ସକାଳୁ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ଅଫିସ୍ କାର୍ଯ୍ୟ ନ ହେବା ଯୋଗୁଁ



ନିରାସ ହୋଇ ଫେରି ଯାଉଛନ୍ତି ବୋଲି ଯାଣିବାକୁ ମିଳିଛି। ଏହା ଦ୍ୱାରା ଅଫିସ୍ କାମ ୮ଘଣ୍ଟା ହେବା ବଦଳରେ ୨ରୁ ୩ଘଣ୍ଟା ହେଉଛି। ତେବେ କାମଚୋର ଅଫିସରଙ୍କ ଯୋଗୁଁ ସରକାରୀ ଅର୍ଥର ଅପବ୍ୟବହାର ହେଉ ନାହିଁ କି ? ମାସ ପୁରିଲେ ଦରମା ପକେଟରେ ପଶିଲା, ହେଲେ ସାଧାରଣ ଜନତାଙ୍କ ଅସୁବିଧା ବୁଝୁଛି କିଏ। ସୂଚନାଯୋଗ୍ୟ ତିନିମୁହାଣୀସ୍ଥିତ ପୂର୍ତ୍ତ ବିଭାଗ। ଅଫିସ୍ ଗୃହ ଖୋଲା ହେଲେ ବାବୁମାନଙ୍କର ଦେଖାନାହିଁ। ଖୋଦ୍ ନିର୍ବାହୀ ଯନ୍ତ୍ରୀ ପ୍ରଦିପ କୁମାର ମହାନ୍ତିଙ୍କ ଚ୍ୟାମ୍ବରରେ ସବୁବେଳେ ତାଲା ପଡ଼ିଥିବାର ଦେଖିବାକୁ ମିଳୁଛି। ଅନ୍ୟାନ ଗୃହରେ କର୍ମଚାରୀଙ୍କ ଉପସ୍ଥାପନା ନକହିଲେ ଭଲ। ମୁଖ୍ୟଯନ୍ତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଶୁଣିବାକୁ ମିଳେ ଯେ- ମାର୍ଚ୍ଚ ମାସ ସରିଲା କମିଶନି ଆଦାୟରେ ଅଛୁ। ଏହି କମିଶନି ଆମ୍ଭର ବର୍ଷକର ଆୟ, ଦରମାରେ ହାତ ମରାଯାଏ ନାହିଁ। ଘରର ମୂରବୀ ଏ ଭଳି ଅନ୍ୟ ମାନଙ୍କ କଥା କହିବା ଅର୍ଥ କାଲ ଆଗରେ ମୂଳା ଚୋବାଇବା।

# ଦଳବେହେରା ସମ୍ମାନରେ ଜାଲିଆତି ଏବଂ ଅନିୟମିତତା ଅଭିଯୋଗ

**ଖୋରଧା :** ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ମାସ ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତିର ଉଦ୍‌ଯାପନି ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବ ପାଳନ ଅବ୍ୟହତ ପୂର୍ବରୁ ଖୋରଧା ଗଡ଼ର ଦଳେଦଳବେହେରାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସମ୍ମାନିତ କରିବା ନିମନ୍ତେ ଖୋରଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଏକ ଚୟନ କମିଟି ମାଧମରେ ଜିଲ୍ଲାରେ ଥିବା ଦଳେଇଦଳବେହେରାମାନଙ୍କୁ ଚିହ୍ନଟ କରାଯିବା ନିମନ୍ତେ ଏକ କମିଟି ଖୋରଧା କଳିଙ୍ଗ ପାଇକ ସଂଗଠନର ସଦସ୍ୟ ବୃନ୍ଦ ଯେଉଁଥିରେ ଖୋରଧା ଉପଜିଲ୍ଲାପାଳଙ୍କ ତତ୍ୱାବଧାନରେ ଗଠନ କରାଯାଇଥିଲା। କିନ୍ତୁ ଉକ୍ତ ଚୟନ କମିଟି କୌଣସି ତଥ୍ୟ ଯାଞ୍ଚ ନ କରି ଚାପର ବଶବର୍ତ୍ତୀ ହୋଇ ଯେଉଁ ପରିବାର ସଦସ୍ୟମାନଙ୍କୁ ଖୋରଧା ଦଳବେହେରା ସମ୍ମାନରେ ସମ୍ମାନିତ କଲେ ସେ ପ୍ରକୃତରେ ଶ୍ରେଷ୍ଠ ଦଳବେହେରା ବଂଶର ନୁହଁନ୍ତି। ଖୋରଧା ଗଡ଼ରେ ଏହି ଉତ୍ସବ ପାଳନ କରାଯାଇ ପ୍ରକୃତ ଖୋରଧା ଦଳବେହେରା କିଏ ବୋଲି ଚିହ୍ନଟ ହୋଇ ପାରିନଥିବା ଏବଂ ସେମାନଙ୍କୁ ଏହି ସମ୍ମାନରୁ ବଞ୍ଚିତ କରାଯିବା ଯୋଗୁଁ ଖୋରଧା ବାସୀଙ୍କ ମନରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି ଅପରପକ୍ଷରେ ଚୟନ ପ୍ରକ୍ରିୟା ବେଳେ ଉକ୍ତ ଦଳବେହେରା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ କେଉଁ କାରଣରୁ ତାହା ଠିକ୍ ଭାବରେ ନିରୂପଣ କରାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖୋରଧା ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଥିଲେ ଯେ, ମୁଁ ଖୋରଧା ବାସିନ୍ଦା ନୁହେଁ ମୁଁ କ'ଣ ଦଳେଇ ଦଳବେହେରାଙ୍କୁ ଚିହ୍ନିଛି ନା ଜାଣିଛି ଏଣୁ ଏହାର ସୁଯୋଗ ନେଇ ଦଳେଇ ଦଳବେହେରା ମାନଙ୍କୁ ଚିହ୍ନଟ କରିବାରେ ଅନିୟମିତତା ହୋଇଥିବା ଜଣାପଡ଼ିଛି। ଏହି ଅନିୟମିତତା ସମ୍ପର୍କରେ ଲିଖିତ ଭାବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଏଣୁ ଦିଆଯାଇଥିବା ସମ୍ମାନକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ପ୍ରକୃତ ଦଳବେହେରା ପରିବାର ଆଇନର ଆଶ୍ରୟ ନେବେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ସମାରୋହ



**ଖୋରଧା :** ସରକାରୀ କୃଷି ଫାର୍ମ ଗୁରୁଜଙ୍ଗ ଠାରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ସମ୍ମାନିତ ଅତିଥି ଭାବରେ ଖୋରଧା ପୌରପରିଷଦର ଅଧକ୍ଷା ସଂଯୁକ୍ତା ସାହୁ ଯୋଗ ଦେଇଥିଲେ। ଖୋରଧା ଜିଲ୍ଲା କୃଷି ଅଧିକାରୀ ନାରାୟଣ ସେଠି ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା କୃଷକମାନଙ୍କୁ ସୂଚନା ଦେଇଥିଲେ। ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର କୃଷି ଓ କୃଷକମାନଙ୍କର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକାରୀ ଯୋଜନା ଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ତାଙ୍କ ବକ୍ତବ୍ୟରେ କୃଷିକୁ ଜୀବିକା ଭାବରେ ଗ୍ରହଣ କରିବାକୁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷିତ ବେକାର ଯୁବକ ଯୁବତୀମାନେ ଚାକିରୀ ପଛରେ ନ ଗୋଡ଼ାଇ କୃଷିକୁ ନିଜର ପେଷା ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଜିଲ୍ଲା ମତ୍ସ୍ୟ ଅଧିକାରୀଣି ବବିତା ମହନ୍ତ ଖୋରଧା ବ୍ଲକ୍ ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସୁବ୍ରତ ରଥ, ଉଦ୍ୟାନ, ପ୍ରାଣୀ, ମୃତ୍ତିକା ସଂରକ୍ଷଣ ସମବାୟ ବ୍ୟାଙ୍କ ଉଠାଜଳ ସେଚନ ଓ ରାଜ୍ୟ ବିହନ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରତିଷ୍ଠା ଦିବସରେ ପ୍ରତିଷ୍ଠିତଙ୍କ ଅଭାବ

**କେନ୍ଦ୍ରାପଡ଼ା :** ୧୯୮୦ ଏପ୍ରିଲ ୬ତାରିଖରେ ପ୍ରତିଷ୍ଠିତ ବିଜେପି ଗତ ଏପ୍ରିଲ ୬ ତାରିଖରେ ଦେଶର ୨୧ଟି ରାଜ୍ୟରେ ତାର ପ୍ରତିଷ୍ଠା ଦିବସ ପାଳନ କରିଛି। ସେହିପରି କେନ୍ଦ୍ରପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜେପି ତାର ୩୮ତମ ପ୍ରତିଷ୍ଠା ପାଳନ କରିଛି। ସ୍ଥାନୀୟ ଟାଉନହଲ ଠାରେ ଆୟୋଜିତ ଉକ୍ତ ଦିବସର ପାଳନ ଅବସରରେ ବିଜେପି ଛମୁଆ ନେତାଙ୍କ ଉପସ୍ଥିତିରେ ଶତାଧିକ ବିଜେପି କର୍ମୀ ଯୋଗଦେଇଥିଲେ। ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧକ୍ଷତାରେ ଅଧ୍ୟାପକ ଭୂବନ ମୋହନ ଜେନା, ବୈଦ୍ୟନାଥ ଚାଟାର୍ଜୀ, ସୁନାକର ବେହେରା, ଜ୍ଞ୍ୟାନରଜଂନ ବେହୁରା;, ଗୀତାଞ୍ଜଳୀ ସେଠୀ, ଗଗନ ବିହାରୀ ସେଠୀ, ଉର୍ମୀଳା ସେଠୀ, ମାନସ ରଂଜନ ମହାନ୍ତି, ଶ୍ରୀଧର ପରିଡ଼ା, ଅଶୋକ କୁମାର ତ୍ରପାଠୀ ପ୍ରମୁଖ ଯୋଗଦେଇ କେନ୍ଦ୍ରର ବିଜେପି ସରକାରଙ୍କ




ଜନହିତକାରୀ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ପାଇଁ କେନ୍ଦ୍ର ଦେଉଥିବା ବିପୁଳ ଧନରାଶୀ ନବୀନ ସରକାର ସଠିକ୍ ଭାବରେ ଖର୍ଚ୍ଚ ନକରି ପାରିବାହେତୁ କେନ୍ଦ୍ରକୁ ଫେରିଯାଉଛି ବୋଲି ବିଶେଦଗାର କରିଥିଲେ। ଓଡ଼ିଶାର ସ୍ଥାଣୁ ଅପରାଗ ସରକାର ବହୁତ ଶିଘ୍ର ଅସ୍ତ ହେବାକୁ ଯାଉଛି ବେଲି ମତ ଦେଇଥିଲେ। ଏଥିପାଇଁ ଆମକୁ ଏକଜୁଟ ହୋଇ କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ। କଂଗ୍ରେସ ଓ ବିଜେଡ଼ି ଦଳକୁ କଡ଼ା ସମାଲୋଚନା କରାଯାଇଥିଲା। ଏହି ଅବସରରେ ଏସିଆନ ଚେସ୍ ପ୍ରତିଯୋଗିତାରେ ୩ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ମାରକୀ ମହାନ୍ତି, ଅର୍ନ୍ତଜାତୀୟ ତାଇକୋଣ୍ଡ ଚମ୍ପିଆନସିପରେ ବ୍ରେଞ୍ଜ ପଦକ ପ୍ରାପ୍ତ ସନ୍ଦୀପ କୁମାର ସିଂ ଓ ଆଇଆଇଟି ପରିକ୍ଷାରେ କୃତକାର୍ଯ୍ୟ ହୋଇଥିବା ଢୋଲନଳପାରୀ ଗ୍ରାମର ମନିଷା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓସ୍ତପୁର ପଚଂାୟତର ପୁର୍ବତନ ସରପଂଚ ଧୋବଣୀ ସାମଲ, ପ୍ରମିଳା ଦାସ, ଉମାକାନ୍ତ ନାୟକ ଓ ବରିଷ୍ଠ ସାମ୍ବାଦିକ ଅମରବର ବିଶ୍ୱାଳ ବିଜେପିରେ ଯୋଗଦେଇଥିଲେ। ଏହି ସଭାକୁ ନେହୁରୁ କୁମାର ସାହୁ, ଭୂବନ ମୋହନ ସିଂ, ପୁର୍ବତନ ବିଜେପିର ପୂର୍ବତନ କାଉନ୍‌ସିଲର୍ ଜୟୀରାମ ବେହେରା, ମନୋଜ କୁମାର ଦାସ, ପ୍ରଦୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହେଲେ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିଷ୍ଠିତ ନେତାଙ୍କ ଅଭାବ ଦେଖାଯାଇଥିଲା। ବରିଷ୍ଠ ନେତା ବିଜୟ ମହାପାତ୍ର, ଦେବଦାସ ମହାନ୍ତି, ବିଜୟକୃଷ୍ଣ ସାହୁ, ପ୍ରମୁଖଙ୍କ ଅନୁପସ୍ଥିତି ଆଲୋଚନାର ବିଷୟ ହୋଇଥିଲା। ଏହି ପ୍ରତିଷ୍ଠିତ ନେତାଙ୍କୁ ଅଣଦେଖା କରିବା ବିଜେପି ପାଇଁ ମହଙ୍ଗା ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଶୁଣିବାକୁ ମିଳେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘାତକ ଡ୍ରୋନ୍ ...

ଭାରତ ସି ଗାର୍ଡିଆନ୍ ଧରଣର ଡ୍ରୋନ୍ କିଣିବାକୁ ଚାହୁଁଥିବାରୁ ଆମେରିକା ସହ ଏଥିନେଇ ୨୦୦ କୋଟି ଡଲାରର ଡିଲ୍ କରିବାକୁ ଲକ୍ଷ୍ୟ ରଖିଛି। ଏବେ ଭାରତୀୟ ସ୍ଥଳସେନା ଇସ୍ରାଏଲ୍ ନିର୍ମିତ ଡ୍ରୋନ୍ ବ୍ୟବହାର କରୁଛି। ସେଥିପାଇଁ ଆମେରିକାର ନୂଆ ଡ୍ରୋନ୍ ବିକ୍ରି ନୀତିକୁ ନୂଆଦିଲ୍ଲୀ ପକ୍ଷରୁ ସ୍ୱାଗତ କରାଯାଇଛି। ଭାରତ ଯେଉଁ ଡ୍ରୋନ୍ କିଣିବାକୁ ଆଗ୍ରହ ପ୍ରକାଶ କରୁଛି, ସେଗୁଡ଼ିକ ବଡ଼, ଅଧିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଓ ଅଧିକ କ୍ଷମତାସମ୍ପନ୍ନ ହେବା ଚାହୁଁଛି। ଆମେରିକୀୟ କମ୍ପାନୀ ଜେନେରାଲ ଆଟମିକ୍ସ ସହିତ ସିଧାସଳଖ ଖର୍ଦ୍ଦି ସମ୍ପର୍କରେ ଭାରତକୁ ଆଲୋଚନା କରିବାକୁ ପଡ଼ିବ। ଇତିମଧ୍ୟରେ ଜେନେରାଲ ଆଟମିକ୍ସ କମ୍ପାନୀ ଭାରତୀୟ ନୌସେନା ସହ ଆଲୋଚନା ଜାରି ରଖିଛି।

### ସିଜେଆଇଙ୍କ ...

ତାଙ୍କର ଅକାଳ ବିୟୋଗ ଏକ ସ୍ୱାଭାବିକ ମୃତ୍ୟୁ ହୋଇଥିବାରୁ ଏହାର ସାନି ତଦନ୍ତ ଆବେଦନକୁ ସୁପ୍ରିମ୍‌କୋର୍ଟ ଗୁରୁବାର ଦିନ ଖାରଜ କରିଦେଇଥିଲେ। ଉପରାଷ୍ଟ୍ରପତି ନାଇଡୁଙ୍କୁ ମହାଭିଯୋଗ ନୋଟିସ୍ ପ୍ରଦାନ କରିସାରିବା ପରେ କଂଗ୍ରେସ ନେତାମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କଂଗ୍ରେସ ନେତା ତଥା ବରିଷ୍ଠ ଆଡ୍‌ଭୋକେଟ୍ କପିଲ ଶିବଲ୍ ସାମ୍ବାଦିକମାନଙ୍କୁ କହିଛନ୍ତି, ନ୍ୟାୟପାଳିକାର ସ୍ୱାଧୀନତା ବଜାୟ ରଖିବା ପାଇଁ ଆମେ ଅତି କଷ୍ଟର ସହ ଏଭଳି ପଦକ୍ଷେପ ନେଉଛୁ। ସିଜେଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକୁ ଅଣଦେଖା କରାଯାଇ ପାରିବ ନାହିଁ, ଯଦି ଅଣାଯାଇଥିବା ମହାଭିଯୋଗ ନୋଟିସ୍ ଗୃହୀତ ହୁଏ, ତାହାହେଲେ ପରମ୍ପରା ମୁତାବକ ସେ (ସିଜେଆଇ) ସୁପ୍ରିମ୍‌କୋର୍ଟର ବିଚାର ପ୍ରକ୍ରିୟାରେ ଆଉ ଅଂଶ ଗ୍ରହଣ କରି ପାରିବେ ନାହିଁ। ରାଜ୍ୟସଭାରେ ବିରୋଧୀଦଳ ନେତା ଗୁଲାମ୍‌ନବୀ ଆଜାଦ କହିଛନ୍ତି, ଆମେ ୫ଟି କାରଣରୁ ସିଜେଆଇଙ୍କୁ ବହିଷ୍କାର କରିବା ପାଇଁ ପ୍ରସ୍ତାବ ଆଣିଛୁ। ଆମେ ଦୃଢ଼ ନିଶ୍ଚିତ ଯେ, ରାଜ୍ୟସଭାର ଅଧକ୍ଷ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଆମେ ତାଙ୍କ ଠାରୁ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ ଆଶା କରୁଛୁ। ମହାଭିଯୋଗ ନୋଟିସ୍‌ରେ କଂଗ୍ରେସ, ଏନ୍‌ସିପି, ସିପିଏମ୍, ସିପିଆଇ, ସମାଜବାଦୀ ପାର୍ଟି, ବିଏସ୍‌ପି ଓ ଭାରତୀୟ ମୁସ୍‌ଲିମ୍ ଲିଗ୍‌ର ସାଂସଦମାନେ ସ୍ୱାକ୍ଷର କରିଛନ୍ତି। ପୂର୍ବରୁ ଏହି ବିରୋଧୀ ଦଳଗୁଡ଼ିକର ନେତାମାନେ ପାର୍ଲାମେଣ୍ଟ ପରିସରରେ ବୈଠକ କରି ମହାଭିଯୋଗ ନୋଟିସ୍‌କୁ ଚୂଡ଼ାନ୍ତ ରୂପ ଦେଇଥିଲେ। କିନ୍ତୁ ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଆର୍‌ଜେଡି ତଥା ଅନ୍ୟ କେତେକ ଦଳ ଏହାକୁ ସମର୍ଥନ ଦେବାକୁ ପଛଘୁଞ୍ଚା ଦେଇଥିଲେ। ଅନ୍ୟ ବିରୋଧୀ ଦଳଗୁଡ଼ିକ କାହିଁକି ଏଥିରେ ସ୍ୱାକ୍ଷର କଲେ ନାହିଁ ବୋଲି ସାମ୍ବାଦିକମାନେ ପ୍ରଶ୍ନ କରିବାରୁ 'ସବୁ ଦଳ ମଧ୍ୟରେ ଏଥିନେଇ ସହମତି ସୃଷ୍ଟି ହୋଇଛି' ବୋଲି ଶିବଲ୍ କହିଥିଲେ। କଂଗ୍ରେସ ଦଳ ଭିତରେ ଏଥିନେଇ ଭିନ୍ନମତ ପ୍ରକାଶ ପାଇଥିବା ଅଭିଯୋଗକୁ ସେ ଅସ୍ୱୀକାର କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ କାହିଁକି ସ୍ୱାକ୍ଷର କଲେ ନାହିଁ ବୋଲି ପ୍ରଶ୍ନ ହେବାରୁ ଶିବଲ୍ କହିଲେ, ଡକ୍ଟର ସିଂହ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ। ତାଙ୍କୁ କାହିଁକି ଏଥିରେ ପୂରାଇବୁ ? ସେ କହିଲେ, ଗତ ଜାନୁଆରୀରେ ସିଜେଆଇଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟର ୪ ଜଣ ବରିଷ୍ଠ ବିଚାରପତି ଆଣିଥିବା ଗୁରୁତର ଅଭିଯୋଗ ପରିପ୍ରେକ୍ଷୀରେ ଏହି ମହାଭିଯୋଗ ଅଣାଯାଇଛି। ଇତିମଧ୍ୟରେ ୩ ମାସ ବିତିଗଲାଣି, କୌଣସି ପରିବର୍ତ୍ତନ ହେଲା ନାହିଁ। ଯେତେବେଳେ ସୁପ୍ରିମକୋର୍ଟର କେତେକ ବିଚାରପତି ନ୍ୟାୟପାଳିକାର ସ୍ୱାଧୀନତା ପ୍ରତି ବିପଦ ଦେଖା ଦେଇଛି ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି, ସେଭଳି କ୍ଷେତ୍ରରେ ସାରା ଦେଶ ନିରବ ରହିବା ଉଚିତ କି ବୋଲି ଶିବଲ୍ ଓଲଟା ପ୍ରଶ୍ନ କରିଥିଲେ।

### 'ଆଇନ୍‌ଶୃଙ୍ଖଳା ...

ପ୍ରଶ୍ନକାଳ ପରେ ଆରମ୍ଭ ହୋଇଥିବା ଏହି ଆଲୋଚନାରେ ଭାଗନେଇ ବିରୋଧୀଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, କଂଗ୍ରେସ ସଦସ୍ୟ ଜାକବ ପ୍ରଧାନ, ଦେବେନ୍ଦ୍ର ଶର୍ମା, ବିଜେପି ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ଏବଂ ରାଧାରାଣୀ ପଣ୍ଡା ମହିଳା ଅତ୍ୟାଚାର ଏବଂ ଶିଶୁ ଦୁଷ୍କର୍ମ ମାମଲାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଶଣ୍ଢୁଆସି ଆକ୍ରମଣ କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ମିଶ୍ର କହିଥିଲେ ଯେ ଏଭଳି ଦୁଷ୍କର୍ମ ଘଟଣାରେ ଅନ୍ୟ ରାଜ୍ୟ ସହିତ ପ୍ରତିଯୋଗିତା କରି ବୋଧହୁଏ ରାଜ୍ୟ ସରକାର ନମ୍ବର୍ ୱାନ୍ ହେବାକୁ ଚାହୁଁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ସମୟରେ ମୁଖ୍ୟମନ୍ତ୍ରୀ ଗୃହରେ ବସୁନାହାନ୍ତି। ଆଇନ୍‌ଶୃଙ୍ଖଳା ରକ୍ଷା କାର୍ଯ୍ୟଠାରୁ ତଦନ୍ତକୁ ଅଲଗା କରାଯାଉ ନାହିଁ। ଦୁଷ୍କର୍ମ ଅଭିଯୁକ୍ତ ପୁଲିସ୍ ଅଫିସରଙ୍କୁ ସରକାରୀ ସୁରକ୍ଷା ଯୋଗାଯାଉଛି। ଏଥିରୁ ରାଜ୍ୟ କେଉଁ ଆଡ଼କୁ ଗତି କରୁଛି ତାହା ଜଣାପଡୁଛି ବୋଲି ସେ କହିଥିଲେ। କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ପ୍ରତିଦିନ ୬ଟି ଦୁଷ୍କର୍ମ ଘଟଣା ଘଟୁଥିବା ବେଳେ ଦୋଷୀସାବ୍ୟସ୍ତ ହାର ହେଉଛି ମାତ୍ର ୬ ପ୍ରତିଶତ। ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ ଏକ ପ୍ରହସନ ପାଲଟିଛି। ପ୍ରତିଦିନ ନାବାଳିକା ଏବଂ ମହିଳାଙ୍କ ଭିଡିଓ ଭାଇରାଲ୍ ହେଉଛି। କିନ୍ତୁ ସରକାର ଆଖିବୁଜି ବସିଛନ୍ତି। କଂଗ୍ରେସ ସଦସ୍ୟ ଜାକବ୍ ପ୍ରଧାନ କହିଥିଲେ ଯେ ତାଙ୍କ ନିଜ ବଡ଼ ଭାଇଙ୍କ ଝିଅ ବେଆଇନ୍ ମାନବ ଚାଲାଣର ଶିକାର ହୋଇଛନ୍ତି। ଏଥିରୁ ସାଧାରଣ ଲୋକଙ୍କ ଅବସ୍ଥା କ'ଣ ହେଉଥିବ ତାହା ସହଜରେ ଅନୁମେୟ। ବିଜେପି ସଦସ୍ୟ ରାଧାରାଣୀ ପଣ୍ଡା ଏବଂ ବିଭୂତି ଭୂଷଣ ହରିଚନ୍ଦନ ଏନେଇ ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଥିଲେ। କୁନ୍ଦୁଲି ମାମାଲା, ଇତିଶ୍ରୀ ଏବଂ ବେବିନା ଘଟଣାର ଅଭିଯୁକ୍ତଙ୍କୁ ଦଣ୍ଡ ମିଳିନାହିଁ। ୨ରୁ ୭୦ ବର୍ଷ ପର୍ଯ୍ୟନ୍ତ ମହିଳା ଗଣଦୁଷ୍କର୍ମର ଶିକାର ହେଉଛନ୍ତି। ବିଜେଡିର ୧୮ ବର୍ଷ ଶାସନ ସମୟରେ ଏହା ଅଧିକ ହୋଇଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ତ ଦୂରର କଥା, ଓଲଟା ପୁଲିସ୍ ଏବଂ ଗଣମାଧ୍ୟମ ସେମାନଙ୍କୁ ଆହୁରି ଅଧିକ ଲଜ୍ଜିତ କରୁଛନ୍ତି। ବିଜେଡି ସଦସ୍ୟ ପ୍ରମିଳା ମଲ୍ଲିକ୍, ସମୀର ଦାଶ ଏବଂ ମହେଶ ସାହୁ ଏଭଳି ଘଟଣାକୁ ନିନ୍ଦା କରିଥିଲେ ହେଁ ଆଲୋଚନା ଛଳରେ ରାଜ୍ୟ ସରକାରଙ୍କୁ ସମର୍ଥନ କରିଥିଲେ। ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଏଭଳି ପ୍ରସଙ୍ଗ ଆଲୋଚନା କରିବା ପାଇଁ ମଧ ଘୃଣା ଲାଗୁଛି ବୋଲି କହିଥିଲେ। ତେବେ ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏଭଳି ଅଧିକ ଘଟୁଥିବା ସେ ତାଙ୍କ ବକ୍ତବ୍ୟରେ କହିଥିଲେ।

### ପାକ୍ ସମର୍ଥନରେ ...

ସମ୍ମୁଖୀନ ହେଉଛନ୍ତି। ଆମେ ଆଶା କରୁଛୁ ପାକିସ୍ତାନ ଆତଙ୍କବାଦ ବିରୋଧରେ ଯେଉଁ ଅଭିଯାନ ଆରମ୍ଭ କରିଛି, ବିଶ୍ୱ ସମୂହ ଏହାକୁ ସମର୍ଥନ କରିବେ। ଏଥିସହ ପାକିସ୍ତାନ ସହ ମିଶି ସମସ୍ତେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଆସନ୍ତାକାଲି ଭାରତର କେନ୍ଦ୍ର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ବେଜିଂଠାରେ ଅନୁଷ୍ଠିତ ହେବାକୁ ଥିବା ଏସ୍‌ସିଓ ବୈଠକରେ ଯୋଗଦେବା ପାଇଁ ଯାଉଥିବା ବେଳେ ଚୀନ୍‌ର ଏଭଳି ପାକିସ୍ତାନ ପ୍ରେମ ନୂଆ ବିବାଦ ସୃଷ୍ଟି କରିଛି।

### ଜଳ ବିଦ୍ୟୁତ୍ ...

୭୨୦୪. ୬୭ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥିବା ବେଳେ ତାହା କମି ୨୦୧୫-୧୬ ବର୍ଷ ବେଳକୁ ୪୫୪୨.୦୫ ନିୟୁତ ୟୁନିଟ୍‌ରେ ପହଞ୍ଚିଥିଲା। ତେବେ ୨୦୧୬-୧୭ ବର୍ଷରେ ରାଜ୍ୟର ଏହି ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରୁ ବିଦ୍ୟୁତ୍ ଉତ୍ପାଦନ ୪୭୭୪.୨୧ ନିୟୁତ ୟୁନିଟ୍ ଓ ୨୦୧୭-୧୮ ବର୍ଷରେ ୫୭୩୦. ୮୯ ନିୟୁତ ୟୁନିଟ୍‌କୁ ବୃଦ୍ଧି ପାଇଛି। ମହାନଦୀର ବୁର୍ଲାସ୍ଥିତ ହୀରାକୁଦ ଜଳବିଦ୍ୟୁତ୍ ପ୍ରକଳ୍ପରୁ ୨୦୧୩-୧୪ ବର୍ଷରେ ୭୦୨.୦୧ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥିବା ବେଳେ ୨୦୧୫-୧୬ ବେଳକୁ ଏହା ୪୫୭.୦୯ ନିୟୁତ ୟୁନିଟ୍‌କୁ କମିଥିଲା। ତେବେ ୨୦୧୬-୧୭ରେ ଏହା ୫୩୫.୮୮ ନିୟୁତ ୟୁନିଟ୍ ଓ ୨୦୧୭-୧୮ରେ ୬୧୪.୨୯ ନିୟୁତ ୟୁନିଟ୍‌କୁ ବୃଦ୍ଧି ପାଇଛି। ସେହିପରି ମହାନଦୀର ଚିପିଲିମା ଠାରେ ଥିବା ଜଳବିଦ୍ୟୁତ୍ ପ୍ରକଳ୍ପରୁ ୨୦୧୩-୧୪ ବର୍ଷରେ ୩୧୨. ୨୩ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥିବା ବେଳେ ୨୦୧୫-୧୬ ବେଳକୁ ଏହା ୨୧୬.୭୫ ନିୟୁତ ୟୁନିଟ୍‌କୁ କମିଥିଲା। ତେବେ ୨୦୧୭-୧୮ ବର୍ଷରେ ଏହା ୨୧୯.୨୩ ନିୟୁତ ୟୁନିଟ୍‌କୁ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ମାଛକୁଣ୍ଡ ପ୍ରକଳ୍ପରେ ବିଦ୍ୟୁତ୍ ଉତ୍ପାଦନ କମିଥିବା ବେଳେ ଅନ୍ୟ ସବୁ ପ୍ରକଳ୍ପରେ ଏହା ବୃଦ୍ଧି ପାଇଥିବା ଦର୍ଶାଯାଇଛି।

### ରାଜ୍ୟବାସୀଙ୍କ ...

ଆବାହକ ଭାବରେ ଶରତ ପଟ୍ଟନାୟକ ଏବଂ ଇସ୍ତାହାର କମିଟି ମୁଖ୍ୟ ଭାବରେ ଶ୍ରୀକାନ୍ତ ଜେନାଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ତେବେ ପ୍ରସାଦଙ୍କୁ ପିସିସି ସଭାପତି ପଦରୁ ହଟାଯାଇଥିଲେ ସୁଦ୍ଧା ତାଙ୍କୁ ଏହି ନୂଆ ଟିମ୍‌ରେ କୌଣସି ଦାୟିତ୍ୱ ଦିଆଯାଇ ନାହିଁ। ଗତ ପଞ୍ଚାୟତ ନିର୍ବାଚନ ପରେ କଂଗ୍ରେସ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିଥିବା ବେଳେ ଦଳର ପରସ୍ପର ବିରୋଧୀ ନେତାଙ୍କୁ ଏକାଠି କରି କଂଗ୍ରେସ ହାଇକମାଣ୍ଡ ଏକ ଭିନ୍ନ ବାର୍ତ୍ତା ଦେବାପାଇଁ ଚେଷ୍ଟା କରିଥିବା ରାଜନୀତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚନା ହେଉଛି। ଆଗାମୀ ୨୦୧୯ ସାଧାରଣ ନିର୍ବାଚନକୁ ଲକ୍ଷ୍ୟରେ ରଖି ଏହି ନୂଆ ଟିମ୍ ଗଠନ କରାଯାଇଛି। ପୂର୍ବରୁ ଏହି ସମସ୍ତ ନେତାଙ୍କୁ ଦିଲ୍ଲୀ ଡକାଯାଇଥିବା ବେଳେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧିଙ୍କ ସହିତ ନୂଆଦିଲ୍ଲୀରେ ଏ ସମସ୍ତ ନେତାଙ୍କ ଆଲୋଚନା ହୋଇଥିଲା। ଆଲୋଚନାବେଳେ ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂହଙ୍କ ସହ ନବନିଯୁକ୍ତ ରିଜିଓନାଲ୍ କୋଅର୍ଡିନେଟର୍‌ମାନେ ମଧ ଉପସ୍ଥିତ ଥିଲେ। କ'ଣ କରାଗଲେ ଦଳକୁ ମଜଭୁତ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ଏପରିକି ରାହୁଲ ଗାନ୍ଧି ଜଣଜଣ କରି କିଛି କଂଗ୍ରେସ ନେତାଙ୍କୁ ସାକ୍ଷାତ କରିଥିଲେ। ସାକ୍ଷାତ ବେଳେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ମଧ ଉପସ୍ଥିତ ଥିଲେ। କଂଗ୍ରେସ ଦଳର ନୂତନ ଟିମ୍ ଘୋଷଣା କରାଯିବା ପରେ କର୍ମୀଙ୍କ ମଧରେ ଏକ ନୂତନ ଉତ୍ସାହ ସୃଷ୍ଟି ହୋଇଛି। ସୋଶାଲ୍ ମିଡିଆ ଠାରୁ ଆରମ୍ଭ କରି ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଏକ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ତେବେ ପିସିସି ସଭାପତି ଭାବରେ ନିଜ ନାଁ ଘୋଷଣା ହେବାପରେ ଏନେଇ ନିରଞ୍ଜନ ପଟ୍ଟନାୟକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟକୁ ଉଭୟ ବିଜେଡି ଓ ବିଜେପି ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରି ନାହାନ୍ତି। ରାଜ୍ୟବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇପାରି ନାହିଁ। ଏବେ ଓଡ଼ିଶା ଏକ ସଙ୍କଟଜନକ ପରିସ୍ଥିତି ମଧ୍ୟରେ ଗତି କରୁଛି। ଏଥିସହ ନିରଞ୍ଜନ ଟ୍ୱିଟ୍ କରି କହିଛନ୍ତି ଯେ, କ୍ଷମତାରେ ଥିବା ବେଳେ ଆମେ ଅହଂକାରୀ ହୋଇଯାଇଥିଲୁ। ଦୁର୍ନୀତିର କଳାଦାଗ ମଧ ଆମ ଉପରେ ଲାଗିଛି। ବିଗତ ଦିନର ସମସ୍ତ ଦୋଷକୁ ବିନମ୍ରତାର ସହିତ ଗ୍ରହଣ କରି ଭବିଷ୍ୟତରେ ଯେଭଳି ଏଭଳି ଦୋଷର ପୁନରାବୃତ୍ତି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସେ ଆହ୍ୱାନ କରିଥିଲେ। ତେଣୁ ସେ ରାଜ୍ୟବାସୀଙ୍କ ପାଖକୁ ଯାଇ ବିକଳ୍ପ ଭାବେ କଂଗ୍ରେସ ଦଳକୁ ଉପସ୍ଥାପନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

### ୧୧ବର୍ଷ ଧରି ବସିନାହିଁ ...

ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷ ମୁଖ୍ୟମନ୍ତ୍ରୀ ଥିଲେ ମଧ ଏହାର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଆଦିଙ୍କ ଯେଉଁ ତାଲିକା ମନ୍ତ୍ରୀ ପ୍ରଦାନ କରିଛନ୍ତି ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନାମ ନାହିଁ। ତେବେ ଏହାର ଉପାଧକ୍ଷ ବିଷ୍ଣୁ ଚରଣ ଦାସ ଅଛନ୍ତି ବୋଲି ସେ ଦର୍ଶାଇଛନ୍ତି। ମନ୍ତ୍ରୀଙ୍କ ପ୍ରଦତ୍ତ ତାଲିକା ଅନୁଯାୟୀ ରାଜ୍ୟ ଯୋଜନା ବୋର୍ଡରେ ୨ ଜଣ ବିଧାୟକଙ୍କ ସମେତ ୯ ଜଣ ସଦସ୍ୟ ଅଛନ୍ତି। ଏମାନେ ହେଲେ ରାମଚନ୍ଦ୍ର ପଣ୍ଡା, ରବି ମଲ୍ଲିକ, ଗିରିଶ ଚନ୍ଦ୍ର ଦାସ, ଈଶ୍ୱର ପାଣିଗ୍ରାହୀ, କମଳା ପୂଜାରୀ, ସୁଧିର କୁମାର ଦାସ, ଡ. ଶରତ ମିଶ୍ର ଏବଂ ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଓ ଡ. ରାସେଶ୍ୱରୀ ପାଣିଗ୍ରାହୀ। ରାଜ୍ୟ ଯୋଜନା ବୋର୍ଡର ପରାମର୍ଶଦାତା ଭାବେ ରବି ନାରାୟଣ ଦାସ ଓ ଓଏସ୍‌ଡି ଭାବେ ସୁଜିତ୍ କୁମାର ରହିଛନ୍ତି ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି। ତେବେ ଏହି ବୋର୍ଡର ବୈଠକ ପ୍ରତିବର୍ଷ ନିୟମିତ ବ୍ୟବଧାନରେ ନ ବସିବାର କାରଣ କ'ଣ ସେ ସଂକ୍ରାନ୍ତରେ ମନ୍ତ୍ରୀ କିଛି ଉଲ୍ଲେଖ କରିନାହାନ୍ତି।

### ଚାଲିବ ୩୦୦ ...

ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍, କମନ୍ ପେମେଣ୍ଟ୍ କାର୍ଡ ଓ ରାଜଧାନୀରେ ଶତ ପ୍ରତିଶତ ୱାଇ- ଫାଇ ବ୍ୟବସ୍ଥା ଲାଗୁ କରିବାକୁ ଭୁବନେଶ୍ୱର ତିନିଟି ଯାକ ପୌର ବ୍ୟବସ୍ଥା ବିଏମ୍‌ସି, ବିଡିଏ ଓ 'ବିଏସସିଏଲ୍' ଜୋରଦାର୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେହିପରି ସିଟି ବସ୍ ପରିଚାଳନା କରୁଥିବା ବିପିଟିଏସ୍‌ଏଲ୍‌କୁ ମଧ ଏଥିରେ ସାମିଲ୍ କରାଯାଇଛି। ବିଶ୍ୱ କପ୍ ସମୟରେ ୩୦୦ ସିଟି ବସ୍ ଚଳାଚଳ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିରେ ୫୦ ଏସି ଓ ୫୦ ଅଣ-ଏସି ବସ୍ ଅନ୍ତର୍ଭୁକ୍ତ। ପାତ୍ରପଡ଼ା, ପଟିଆ ଓ ପୋଖରୀପୁଟରେ ସିଟି ବସ୍ ଡିପୋ ଖୋଲାଯିବ। ଚଳିତ ମାସ ଶେଷ ସୁଦ୍ଧା ଏଥିପାଇଁ ଟେଣ୍ଡର୍ ପ୍ରକ୍ରିୟା ଚୂଡ଼ାନ୍ତ ହେବ। ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ହକି ବିଶ୍ୱକପ୍ ପାଇଁ ସ୍ମାର୍ଟ ସିଟିର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରାଯାଇଛି। ବିଭିନ୍ନ ପ୍ରକଳ୍ପ ପାଇଁ ମୁଖ୍ୟ ସଚିବ ନିର୍ଦ୍ଧାରିତ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ସ୍ମାର୍ଟ ପାର୍କିଂ ମ୍ୟାନେଜମେଣ୍ଟ୍ ସିଷ୍ଟମ୍‌ରେ ରାଜଧାନୀ ବାସିନ୍ଦାଙ୍କ ଯାନବାହନ ପାର୍କିଂରେ ସୁବିଧା ହେବ। ରାସ୍ତା ଉପରେ ୫୫୦୦ ଗାଡ଼ି ପାଇଁ ପାର୍କିଂ ଉପଲବ୍ଧ ହେବ। ଜରୁରୀକାଳୀନ ପରିଚାଳନା ବ୍ୟବସ୍ଥାରେ ସହରରେ ୧୦୦୦ ସିସିଟିଭି ଲାଗିବ। ଜନସାଧାରଣଙ୍କ ସୁରକ୍ଷା ପାଇଁ ୩୦ଟି କଲ୍ ବକ୍ସ ରହିବ। ୧୧୨ଟି ଜରୁରୀକାଳୀନ ଫୋନ୍ ନମ୍ବର ନାଗରିକଙ୍କ ପାଇଁ ଉପଲବ୍ଧ ହେବ। ସହରରେ ସମୁଦାୟ ୩୦୦ ୱାଇ-ଫାଇ ପଏଣ୍ଟ୍ ରହିବ। ଆନ୍ତର୍ଜାତିକ ଖେଳାଳି ଯିବା ଆସିବା ପାଇଁ ୩ଟି ରୁଟ୍ ନିର୍ଦ୍ଧାରିତ କରାଯାଇଛି। କିଟ୍ ଛକରୁ ଲିଙ୍ଗରାଜ ମନ୍ଦିର ଛକ, ଜନତା ମଇଦାନରୁ କଳିଙ୍ଗ ଷ୍ଟାଡିୟମ୍ ଛକ ସହ ତୃତୀୟରେ ବାଣୀବିହାରରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ରାସ୍ତାକୁ ନିର୍ଦ୍ଧାରିତ କରାଯାଇଛି। ରାଜଧାନୀର ୨୦ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପର୍ଯ୍ୟଟନ ବିଭାଗକୁ ଚଳିତ ମାସ ୨୫ ସୁଦ୍ଧା ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ରାସ୍ତାକଡ଼ରେ ଅଧିକ ପରିମାଣରେ ପବ୍ଲିକ୍ ଟଏଲେଟ୍ ଖୋଲିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ୬୦ଟି ପବ୍ଲିକ୍ ଟଏଲେଟ୍ ଓ ୧୦୦ ୟୁରିନାଲ୍ ନିର୍ମାଣ କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ୩୫୦୦ ସେୟାରିଂ ବାଇ-ସାଇକେଲ୍ ଚଳାଚଳ କରିବାକୁ ଗୁରୁତ୍ୱ ଦିଆଯାଇଛି। ବିଶ୍ୱକପ୍ ସମୟରେ ପଥ ଉତ୍ସବ, ଏକାମ୍ର ଐତିହ୍ୟ ପଦଯାତ୍ରା, ଲୋକ ନୃତ୍ୟ, ଫିଲ୍ମ ଫେଷ୍ଟିଭାଲ୍ ଆଦି କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ଯାହା ଫଳରେ ବିଦେଶୀ ଅତିଥିମାନେ ଯେପରି ଓଡ଼ିଆ ସଂସ୍କୃତିର ପରିଚୟ ପାଇପାରିବେ। ଇଣ୍ଟରନେଟ୍ ଦ୍ୱାରା ସହରର ମୌଳିକ ପୌରସେବା ଉପଲବ୍ଧ ହେବ। ଇଣ୍ଟେଲିଜେଣ୍ଟ୍ ସିଟି ଅପରେସନ୍ ଆଣ୍ଡ୍ ମ୍ୟାନେଜମେଣ୍ଟ୍ ସେଣ୍ଟର(ଆଇସିଓଏମ୍‌ସି) ଦ୍ୱାରା ଏକ କଣ୍ଟ୍ରୋଲ୍ ରୁମ୍ ଖୋଲିବ। ଏହି କଣ୍ଟ୍ରୋଲ୍ ରୁମ୍‌ରେ ୪୦ହଜାର ବର୍ଗଫୁଟର ଏକ ବଡ଼ ଭିଡିଓ ସ୍କିନ୍‌ରେ ସହରର ପ୍ରମୁଖ ସ୍ଥାନଗୁଡ଼ିକ ଉପରେ ନଜର ରଖାଯିବ। ଆସନ୍ତା ବିଶ୍ୱକପ୍ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରି ଭୁବନେଶ୍ୱରକୁ ସ୍ମାର୍ଟ ସିଟିରେ ପରିଣତ କରିବାକୁ ବିଡିଏ, ବିଏମ୍‌ସି ଓ ବିଏସସିଏଲ୍ ତରଫରୁ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ସାଧାରଣ ପ୍ରଶାସନ ସଚିବ ଅଶୋକ ମିନା, ପର୍ଯ୍ୟଟନ ସଚିବ ଡ. ମୋନା ଶର୍ମା, ସୂଚନା ଓ ଲୋକସମ୍ପର୍କ ସଚିବ ହେମନ୍ତ ଶର୍ମା, କ୍ରୀଡ଼ା ସଚିବ ବିଶାଳ ଦେବ, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ବିଏମସି କମିଶନର ଡ. କ୍ରିଷନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ପର୍ଯ୍ୟଟନ ଚିତ୍ର

# ପାଣ୍ଡବଙ୍କ ବନବାସ ସମୟରେ ନିର୍ମିତ ଗୁମ୍ଫା ନିକଟରେ ଅଛନ୍ତି ଶ୍ରୀରୁଦ୍ରେଶ୍ୱର

ପାଣାଜୀରେ ମୋର ରହଣୀ ଥିଲା ଦ୍ୱିତୀୟଥର। କାରଣ ଯେତେବେଳେ ଗୋଆରେ ପ୍ରଥମଥର ପହଞ୍ଚିଥିଲି ସେତେବେଳେ କିଛି ଦିନ ପାଇଁ ମୁଁ ପାଣାଜୀରେ ରହିଥିଲି। କିନ୍ତୁ ଏଥରର ରହଣୀ ମୋ ପାଇଁ ଖୁବ୍ ସ୍ମରଣୀୟ ହେବ ବୋଲି ଭାବିଲି। ପ୍ରଥମଦିନ ଆମେ ପାଣାଜୀରେ ପହଞ୍ଚିବା ପରେ ମାର୍କେଟିଂ ପାଇଁ ବାହାରି ଯାଇଥିଲୁ। ଯେହେତୁ ଆମେ ରହୁଥିବା ଗେଷ୍ଟ ହାଉସ୍‌ରେ ରୋଷେଇର ସମସ୍ତ ସୁବିଧା ଥିଲା। ତେଣୁ ଆମେ ପାଣାଜୀର ମ୍ୟୁନିସିପାଲ ମାର୍କେଟରୁ ମାର୍କେଟିଂ ସାରି ରୁମ୍‌କୁ ଚାଲିଆସିଥିଲୁ। ତେବେ ପୂର୍ବ ସୂଚନା ଅନୁଯାୟୀ ଗାଡି ଚାଳକ ଆମ ପାଖରେ ହୁଥିବାରୁ ଆମକୁ ରୋଷେଇ କରିବା ପାଇଁ ସୁବିଧା ହେଉଥିଲା। ସେ ବହୁତ ଭଲ ରୁଟି କରି ପାରୁଥିଲେ। ତେଣୁ ରାତିରେ ରୁଟି ଏବଂ ଭଜା ଖାଇ ଆମେ ବିଶ୍ରାମ ନେଇଥିଲୁ ଏବଂ ତା'ପରଦିନ ଆମକୁ ଯିବାର ଥିଲା ଶ୍ରୀରୁଦ୍ରେଶ୍ୱର ମନ୍ଦିର। ସକାଳ ହେବା ପୂର୍ବରୁ ମୋ ନିଦ ଭାଙ୍ଗି ସାରିଥିଲା। କୁହାଯାଏ ଯେ ନୂଆ ସ୍ଥାନରେ ନିଦ ଶୀଘ୍ର ଭାଙ୍ଗିଯାଏ। ମୁଁ ପ୍ରାୟ ୫ଟା ପାଖାପାଖି ଉଠି ସାରିଥିଲି। ଚା' ପିଇବାର ଅଭ୍ୟାସ ମୋର ନଥିଲା। କିନ୍ତୁ ଅନ୍ୟମାନଙ୍କ ପାଇଁ ପ୍ରଥମେ ଚା' ପ୍ରସ୍ତୁତ କରିଥିଲି। ମୁଁ କେବଳ ଉଷୁମ ପାଣି କପ୍‌ଟେ ଧରି ବାଲକୋନିରେ କିଛି ସମୟ ବସିବା ପାଇଁ ସ୍ଥିର କଲି। ବହୁତଦିନ ପରେ ସୂର୍ଯ୍ୟୋଦୟ ଦେଖିବାର ଭାଗ୍ୟରେ ଜୁଟିଥିଲା। ଆଉ ଏକ ସଂଯୋଗ ମଧ୍ୟ ମୋ ପାଇଁ ଥିଲା ତାହା ହେଲା ମୁଁ ରହୁଥିବା ଗେଷ୍ଟହାଉସ୍‌ର ବାଲକୋନିରୁ ଗୋଆର ଅନ୍ୟତମ ମୁଖ୍ୟ ଆକର୍ଷଣ ମାଣ୍ଡବୀ ନଦୀ ଦୃଶ୍ୟମାନ ହେଉଥିଲା। ଏପରି ଏକ ପରିବେଶ ସତରେ ଅବର୍ଣ୍ଣନୀୟ। ଧିରେ ଧିରେ ସିନ୍ଦୁରା ଫିଟିଲା ଏବଂ ସୂର୍ଯ୍ୟଙ୍କର ସୁନେଲି କିରଣ ମାଣ୍ଡବୀ ନଦୀର ଜଳରାଶି ଉପରେ ପଡୁଥିଲା। ଅଦ୍ଭୁତ ଦୃଶ୍ୟ ଥିଲା। ମୁଁ ରୁମ୍‌କୁ ଆସି ମୋ ବନ୍ଧୁ ଏବଂ ଗାଡି ଚାଳକଙ୍କୁ ଉଠାଇବାକୁ ଚେଷ୍ଟା କଲି ଏପରି ଦୃଶ୍ୟ ଦେଖିବା ପାଇଁ ହେଲେ କେହି ଜଣେ ବି ନିଦରୁ ଉଠିଲେ ନାହିଁ। ଏହାପରେ ମୁଁ ପୁଣି ଫେରିଆସିଲି ବାଲ୍‌କୋନିକୁ। ମାଣ୍ଡବୀ ନଦୀରେ ଦୁଇ ତିନୋଟି ବୋଟ୍ ବି ଆସୁଥିଲା। ମୁଁ ଭାବିଲି ଏପରି ଦୃଶ୍ୟ ଦେଖିବା ବୋଧେ କେବଳ ମୋ ଭାଗ୍ୟରେ ଥିଲା। ସୁଲୁସୁଲିଆ ପବନ ସାଙ୍ଗକୁ ମନୋରମ ଦୃଶ୍ୟ ହିଁ ମୋତେ ଆନମନା କରିବା ଭିତରେ ସକାଳ ହୋଇସାରିଥିଲା। ମୁଁ ବାହାରିଲି ନିତ୍ୟକର୍ମ ସାରିବା ପାଇଁ। ଆଉ ସେତେବେଳକୁ ମୋର ବନ୍ଧୁ ଆଉ ଗାଡି ଚାଳକ ଉଠିବାକୁ ଚେଷ୍ଟା କରୁଥିଲେ। ସେମାନଙ୍କୁ ଶୀଘ୍ର ବାହାରିବା ପାଇଁ କହି ଗାଧୋଇବା ପାଇଁ ଚାଲିଗଲି। ନିତ୍ୟକର୍ମ ସାରି ଫେରିବା





ବେଳକୁ ଗାଡି ଚାଳକ ତାଙ୍କ କାମ ସାରି ଜଳଖିଆ ପ୍ରସ୍ତୁତ କରୁଥିଲେ। ସକାଳର ଜଳଖିଆ ଥିଲା ଉପମା ଆଉ ହରଡ ଡାଲି ଶିଝା। ଆମେ ସମସ୍ତେ ଜଳଖିଆ ଖାଇ ବାହାରିଲୁ ଶ୍ରୀରୁଦ୍ରେଶ୍ୱର ମନ୍ଦିରକୁ। ଯାହା ଏଠାରୁ ପାଖାପାଖି ୪୫ କିଲୋମିଟର ଦୂର ଥିଲା। ତେବେ ଗାଡିରେ କିଛିବାଟ ଗଲାପରେ ମୋର ବନ୍ଧୁ ଜାଣିବାକୁ ଚାହିଁଥିଲେ ମୁଁ କାହିଁକି ଭୋର ସମୟରେ ତାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିଲି। ତାଙ୍କ ପ୍ରଶ୍ନ ଶୁଣି ମୁଁ ଭାବିଲି ପ୍ରକୃତିର ଯେଉଁ ସୌନ୍ଦର୍ଯ୍ୟମୟ ରୂପ ମୁଁ ନିଜେ ଦେଖିଛି ତାକୁ କେମିତି ବର୍ଣ୍ଣନା କରିବି। ତେଣୁ ସେମିତି କିଛି ନୁହେଁ କହି କଥାଟିକୁ ଆଡେଇଗଲି। ପ୍ରାୟ ଘଣ୍ଟାଏ ପାଖାପାଖି ଆମେ ଯିବା ପରେ ପହଞ୍ଚିଥିଲୁ ବିଚୋଲିମ୍‌ରେ। ଯେଉଁଠାରେ ଶ୍ରୀରୁଦ୍ରେଶ୍ୱର ମନ୍ଦିର ଅବସ୍ଥିତ ଥିଲା। ଏହା ଗୋଆର ଏକ ପ୍ରସିଦ୍ଧ ଶୈବ ପୀଠ ଥିଲା। ଏହି ଶୈବପୀଠଟି ଖୁବ୍ ସୁନ୍ଦର ପ୍ରାକୃତିକ ପରିବେଶରେ ଅବସ୍ଥିତ। ମନ୍ଦିରର ପାଖରେ ରହିଛି ପ୍ରସିଦ୍ଧ ଆରାଭଲମ୍ ଜଳପ୍ରାପାତ। ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ଜଳପ୍ରପାତ ନିକଟରେ ଗୋଡ ହାତ ଧୋଇ ମନ୍ଦିର ଭିତରକୁ ପ୍ରବେଶ କରନ୍ତି। ଶ୍ରୀରୁଦ୍ରେଶ୍ୱରଙ୍କ ଦର୍ଶନ କରିବା ପାଇଁ ଆମେ ମଧ୍ୟ ସେହି ଧାରାରେ ଜଳପ୍ରପାତ ନିକଟକୁ ଯାଇ ଶୁଦ୍ଧ ହେବା ପରେ ଶ୍ରୀରୁଦ୍ରେଶ୍ୱରଙ୍କ ଦର୍ଶନ କରିବା ପାଇଁ ମନ୍ଦିରକୁ ପ୍ରବେଶ କରିଥିଲୁ। ଏବେ ଶିବ ଦର୍ଶନ ଓ ସକାଳର ସୌରଦର୍ଶନ ସତରେ ଭାଗ୍ୟରେ ଥିଲେ ମିଳେ। ଦେବ ଦେବ ମହାଦେବଙ୍କୁ ଦର୍ଶନ କରିସାରିବା ପରେ ବେଢ଼ା ବୁଲିବା ବେଳକୁ ମୋ ପଛପଟେ କେହି ଓଡ଼ିଆ ଭାଷାରେ କଥା ହେଉଥିବା ମୁଁ ଶୁଣିବାକୁ ପାଇଲି। ଦେଖିବା ବେଳକୁ କିଛି ଲୋକ ଆମ ପାଖରେ ଥିଲେ ସେମାନେ ଓଡ଼ିଆ ଭାଷାରେ କଥା ହେଉଥିଲେ। ମୁଁ ସେମାନଙ୍କ ପାଖକୁ ଯାଇ ସେମାନଙ୍କ ପରିଚୟ ଓଡ଼ିଆରେ ପଚାରିଥିଲି। ନିଜ ସ୍ଥାନ ଠାରୁ ବହୁତ ଦୂରରେ ନିଜ ମାତୃଭାଷା ଶୁଣି ସେମାନେ ବି ଖୁସି ଥିଲେ। ମୁଁ ଜାଣିବାକୁ ପାଇଲି ଯେ ସେମାନେ କେନ୍ଦ୍ରାପଡାର ବାସିନ୍ଦା ଆଉ ମୋ ଭଳି ବୁଲିବା ପାଇଁ ଏଠାକୁ ଆସିଛନ୍ତି। ମୁମ୍ବାଇ ବୁଲା ସେମାନଙ୍କର ସରି ଯାଇଛି। ସେମାନଙ୍କ ସହ କିଛି ସମୟ କଥା ହେବା ପରେ ମୁଁ ବିଦାୟ ନେବା ବେଳକୁ ସେମାନେ ମୋତେ ନିକଟରେ ଥିବା ଏକ ଗୁମ୍ଫା ସମ୍ପର୍କରେ ସୂଚନା ଦେଇଥିଲେ। ଯାହା ସେମାନେ ଦେଖିସାରିଛନ୍ତି। ସେମାନଙ୍କ ଠାରୁ ସୂଚନା ପାଇ ମୋ ଗାଡି ଚାଳକଙ୍କୁ ସେ ବିଷୟରେ ପଚାରିବାରୁ ସେ ଦେଖିଥିବା କଥା ମୋତେ କହିଲେ ଏବଂ ଆମେ ସମସ୍ତେ ବାହାରିଲୁ ପାଖରେ ଥିବା ଗୁମ୍ଫା ଦେଖିବା ପାଇଁ। ପ୍ରାୟ ଅଧକିଲୋମିଟର ରାସ୍ତା ଯିବା ପରେ ଏହି ଗୁମ୍ଫା ପଡିଥିଲା। ଆମେ ଗୁମ୍ଫା ଭିତରକୁ ଯିବା ପରେ ଯାହା ଜାଣିବାକୁ ପାଇଲୁ ଯେ ଏହା ଖୁବ୍ ପ୍ରାଚୀନ। ଆହୁରି ମଧ୍ୟ ବିଶ୍ୱାସ ରହିଛି ଯେ, ଏହି ଗୁମ୍ଫା ପାଣ୍ଡବମାନେ ନିର୍ମାଣ କରିଥିଲେ ସେମାନଙ୍କ ବନବାସ ସମୟରେ। ଆଉ ଏହିଠାରେ ହିଁ ଶ୍ରୀରୁଦ୍ରେଶ୍ୱର ପୂଜା ପାଉଥିଲେ। ଆମେ ଗୁମ୍ଫା ବୁଲି ସାରିବା ପରେ ବାହାରିଥିଲୁ ଆଉଏକ ମନ୍ଦିର ଦେଖିବା ପାଇଁ। ହେଲେ ଗାଡିରେ ଫେରିବା ସମୟରେ ମୁଁ ମନେ ମନେ କିଛି ସମୟ ପୂର୍ବରୁ ଭେଟିଥିବା କେନ୍ଦ୍ରାପଡ଼ାର ଭାଇମାନଙ୍କୁ ଧନ୍ୟବାଦ ଦେଉଥିଲି। ସେମାନଙ୍କ ପାଇଁ ମୁଁ ଗୁମ୍ଫାର ସୂଚନା ପାଇଥିଲି। ସତରେ ନିଜ ଘରଠାରୁ ବାହାରେ ନିଜ ରାଜ୍ୟର ଲୋକଙ୍କୁ ଭେଟିଲେ ଖୁବ୍ ଆନନ୍ଦ ମିଳେ।

*କ୍ରମଶଃ...*




ଉପସ୍ଥାପନା
ଜାହ୍ନବୀସୁତ



# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିକୁ ଲୁଟୁଛନ୍ତି ଖଣିମାଫିଆ

**ଖୋରଧା :** ତହସିଲ ଅଧିନସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ରହିଛି। ପୁରୀ ଶ୍ରୀମନ୍ଦିର ପ୍ରଶାସନ ଓ ଖୋରଧା ଜିଲ୍ଲା ପ୍ରଶାସନ ଜାଣି ଶୁଣି କଳା ମୁଗୁନି ପଥର ଖଣି ଗୁଡ଼ିକୁ ନିଲାମ ନ କରିବା ଦ୍ୱାରା ଖଣି ମାଫିଆମାନେ ଏଠାରେ ସକ୍ରିୟ ହୋଇ ଉଠିଛନ୍ତି। ଦିନ ଦ୍ୱିପ୍ରହରରେ ସମସ୍ତଙ୍କ ଜ୍ଞାତ ସାରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଲୁଟ୍ ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ତଥା ପୁଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଉପରକୁ ହାତ ଟେକି ଦେଇଛନ୍ତି। ପ୍ରତିଦିନ ଘନ ଘନ ବୋମା ମାଡ଼ରେ ଆଖ ପାଖ ଅଞ୍ଚଳର ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ପଥର ଖଣି ଲୁଟରେ ସ୍ଥାନୀୟ କେତେକ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ହାତ ରହି ଥିବା ନେଇ ଚର୍ଚ୍ଚା ଯୋର ଧରିଛି। ପୁଲିସ ଚାପରେ ପଡ଼ି ଅପରାଧିମାନଙ୍କୁ ଘଣ୍ଟ ଘୋଡ଼ାଉ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପ୍ରତି ଦିନ ରାତିରେ ମାଫିଆମାନେ ଶହ ଶହ ଟ୍ରିପ କଳା ମୁଗୁନି ପଥର ଖନନ କରି ବାହାରକୁ ଚାଲାଣ କରୁଛନ୍ତି। ସ୍ଥାନୀୟ ପୁଲିସ୍ ସବୁ ଦେଖି ହାତ ଗୁଞ୍ଜା ନେଇ ଚୁପ୍ ହୋଇ ବସିରହିଛି। ଏପର୍ଯ୍ୟନ୍ତ ଖୋରଧା ତହସିଲ ପକ୍ଷରୁ କୌଣସି ଖାଦାନ ଉପରେ ଚଢାଉ କରାଯାଇ ନାହିଁ। କେବଳ ରାସ୍ତାରେ ଯାଉଥିବା କିଛି ଗାଡ଼ିକୁ ଧରି ସେମାନଙ୍କ ନିକଟରୁ ଜୋରିମାନା ଆଦାୟ କରି ତହସିଲଦାର ତାଙ୍କ କାମ ସାରି ଦେଇଛନ୍ତି। ସମସ୍ତଙ୍କ ଜ୍ଞାତସାରରେ କିଛି ରାଜନୈତିକ ଦଳର ନେତାମାନେ ସମ୍ପୃକ୍ତି ରହି ଏଭଳି ବେଆଇନ ଚାଲଣ କରୁଥିବା ଅଭିଯୋଗ ହେଉଛି। ଖୋରଧା ଜିଲ୍ଲା ପ୍ରଶାସନ ପୁଲିସ ପ୍ରଶାସନ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୋର ଖଣି ମାଫିଆମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତାହା ହେଲେ ଭବିଷ୍ୟତରେ ଏକ ବଡ଼ ଧରଣର ଅଘଟଣ ଘଟିବାର ସମ୍ଭାବନା ରହିଛି। ଏହି ପଥର ଖଣି ଲୁଟରେ ସ୍ଥାନୀୟ ପୁଲିସ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।

# ସୂଚନା ଅଧିକାର ଆଇନ୍‌ରେ ସୂଚନା ମାଗିଲେ ମିଳୁଛି ଧମକ

**ଖୋରଧା :** ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ବେଳେ ସେଠାରେ କାର୍ଯ୍ୟରତ ଜୈନକ କର୍ମଚାରୀ ନିଜକୁ ସବ୍‌ଡ଼ିଭିଜିନାଲ ଆକାଉଣ୍ଟାଣ୍ଟ କହି ନିଜର ଦୁର୍ନୀତିର କାୟା ବିସ୍ତାର କରି ଚାଲିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ବିଶେଷ ଅନୁସନ୍ଧାନରୁ ଜଣା ପଡ଼ିଛି ଯେ, ଖୋରଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନରୁ କେତେକ ସୂଚନା ପ୍ରାପ୍ତି ନିମନ୍ତେ ଗଣ ମାଧ୍ୟମର ପ୍ରତିନିଧି ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ମାଗିବାରୁ ନିଜକୁ ସବ୍‌ଡ଼ିଭିଜିନାଲ ଆକାଉଣ୍ଟାଣ୍ଟ କହି ବୋଲାଉଥିବା କର୍ମଚାରୀ ଜଣକଙ୍କ ଉତ୍ୟକ୍ତ ହୋଇ ମୋବାଇଲ ଫୋନ୍ ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀଙ୍କୁ ଏକତ୍ରିତ କରି ଜିଲ୍ଲାପାଳଙ୍କ ନିକଟରେ ସମ୍ପୃକ୍ତ ସାମ୍ବାଦିକଙ୍କ ନାମରେ ଅଭିଯୋଗ ଏବଂ ମିଥ୍ୟା ମକଦ୍ଦମା କରିବାର ଧମକ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସମ୍ପୃକ୍ତ ଗଣମାଧ୍ୟମର ପ୍ରତିନିଧି ଲିଖିତ ଭାବରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିବା ସହ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ମହା ନିର୍ଦ୍ଦେଶଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ତହସିଲ ଅଫିସ୍ ପାଲଟିଛି ମରଣଯନ୍ତା



**କେନ୍ଦ୍ରାପଡ଼ା :** ସରକାରୀ ଅଫିସ୍ ମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସରକାର ଅର୍ଥ ଯୋଗାଉଛନ୍ତି। ହେଲେ ଏହି ଅର୍ଥ କାମରେ ନଲାଗି ସରକାରୀ ବାବୁଙ୍କର ପକେଟ ଗରମ ହେବାରେ ଲାଗିଛି। ମିଛ ବିଲ୍ କରି ଅର୍ଥ ସବୁ ବାଟ ମାରଣା କରାଉଛନ୍ତି। ତଳିଆ କର୍ମଚାରୀଙ୍କ ଠାରୁ ନେଇ ଅଫିସର ସମସ୍ତେ ସରକାରୀ ଅର୍ଥକୁ ପକେଟରେ ପୁରାଇ ଗ୍ରୀଷ୍ମମାସ ସେଲିବ୍ରିଟ୍ କରୁଛନ୍ତି। ଗୃହ ମାନଙ୍କରେ ପ୍ରତିବର୍ଷ ରଙ୍ଗ ଚୁନ ଦିଆହେଉଥିଲେ ମଧ୍ୟ ତହା ନଦେଲା ପରି ଜଣାଯାଏ। ସେହିଭଳି ବିଦ୍ୟୁତ ପାଇଁ ଅର୍ଥର ସଦ୍‌ଉପଯୋଗ ହେଉନାହିଁ। ତହସିଲ ଅଫିସର ବାମପଟରେ ମିଟର, ମେନସୁଇଚ୍ ଲଗାଯାଇଛି। ହେଲେ ତାର ସବୁ ଛନ୍ଦା ଛନ୍ଦି ହୋଇ ରହିଛି। ଅନେକ ସ୍ଥାନରେ ବ୍ଲାକଟେପ୍ ଗୁଡାହେବାର ଦେଖିବାକୁ ମିଳୁଛି। ଏହି ଛିଣ୍ଡା ତାର ସବୁ ତଳ ପର୍ଯ୍ୟନ୍ତ ଓହଳି ରହିଛି। ଅଜାଣତରେ ଯଦି କୌଣସି ବ୍ୟକ୍ତିର ସଂପର୍ଶରେ ଆସେ ତେବେ ତା'ର ଅବସ୍ଥା କଣ ହେବ, ସେ ମରିବ ନା ବଞ୍ଚିବ ? ସେହି ମେନ୍ ସୁଇଚ୍ ପାଖରେ ଏକ ହୁଙ୍କା ଅଛି, ତାହା ଉଇ କି ସାପର ତାହା ଜାଣିବା କଷ୍ଟ। ହୁଙ୍କା ହଟଇବା ଓ ଛିଣ୍ଡା ତାର ବଦଳରେ ନୂଆ ତାରର ବନ୍ଦୋବସ୍ତ ପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର।

# ବିଷୁବ ମିଳନ ଓ ପୁସ୍ତକ ଲୋକାର୍ପଣ

**ଭୁବନେଶ୍ୱର :** ଗାଳ୍ପିକ ତଥା ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହଙ୍କର ବାସ୍ତବିକତା ଓ କଳ୍ପନାର ଏକ ଭିନ୍ନ ଧରଣର ଗଳ୍ପ ସଂକଳନ 'ମନେ ଅଛି ତ ?' ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ହରିହର ମିଶ୍ରଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ନବବର୍ଷ ଓ ବିଷୁବ ମିଳନ ଉପଲକ୍ଷେ ଖୋର୍ଦ୍ଧା ଗୀତା ଭବନ ଠାରେ ଆୟୋଜିତ ଏକ ସାରସ୍ୱତ ଉତ୍ସବରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, କବି ସୁଚେତା ମିଶ୍ର, ଐତିହାସିକ ଡ. ନାରାୟଣ ରାଓ, ବିଷୁବ ମିଳନ ସମିତିର ସଭାପତି ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହ, ସଂପାଦକ କବି ଜ୍ଞାନରଂଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। 'ମନେ ଅଛି ତ ?' ଗଳ୍ପ ସଂକଳନରେ ଲେଖକ ଭିନ୍ନ ଧରଣର ପ୍ରୟୋଗ କରିଛନ୍ତି। ପ୍ରେମ, ବିରହ,



ସାଂପ୍ରତିକ ସମୟରେ ନାରୀ-ପୁରୁଷର ସଂପର୍କକୁ ନେଇ ଅନେକ ଗପ ବେଶ୍ ବଢିଆ ଉତୁରିଛନ୍ତି। ଆଉ କିଛି ପିଲାମାନଂକ ମନସ୍ତତ୍ୱକୁ ନେଇ ଲେଖାଯାଇଚି। ଆଲବମ୍ ଭଳି ଆକାରର ଏହି ପୁସ୍ତକ ପରବର୍ତୀ ସମୟରେ ଅନ୍ୟ ଆକାରରେ ଉପଲବ୍ଧ ହେବ ବୋଲି ପ୍ରକାଶନୀ ସଂସ୍ଥା 'ବିଶ୍ୱାତ୍ମା' ପକ୍ଷରୁ ଜଣାପଡ଼ିଚି। ଏକ ଟେଲିଭିଜନ ଚ୍ୟାନେଲରେ ବରିଷ୍ଠ ପ୍ରଯୋଜକ ଭାବେ କାର୍ଯ୍ୟରତ ଶ୍ରୀ ବଳିଆରସିଂହ ପିଲାଟି ଦିନରୁ ଲେଖାଲେଖିରେ ମନୋନିବିଷ୍ଟ କରିଛନ୍ତି। ବିପ୍ଳବୀ ବୀର ରଘୁ-ଦିବାକର, ଶୁଦ୍ଧ-ଅଶୁଦ୍ଧ ଶବ୍ଦ ପରିଚୟ, ଜୀବନ କୌଶଳ ଶିକ୍ଷା, ସମୟର ସତ୍ୟପାଠ ଆଦି ଅନେକ ପୁସ୍ତକର ରଚୟିତା ଶ୍ରୀ ବଳିଆରସିଂହଙ୍କୁ ଓଡ଼ିଆ ନବବର୍ଷ ପାଳନ କମିଟି ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି।

# ତୃତୀୟ ବାର୍ଷିକ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ

**କେନ୍ଦ୍ରାପଡ଼ା :** ସ୍ଥାନୀୟ ନାନକାର ଅର୍ନ୍ତଗତ ଗୋବିନ୍ଦଜୀଉ ପାଟଣାଠାରେ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କର ତୃତୀୟ ବାର୍ଷିକ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୮ତାରିଖ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଏହି ଯଜ୍ଞ ଶୁଭାରମ୍ଭ ହୋଇଥିବା ବେଳେ ୨୦ତାରିଖରେ ପୂର୍ଣ୍ଣାହୁତୀ ଦିଆଯାଇଥିଲା। ଏହି ଅବସରରେ ପ୍ରଥମ ଦିନରେ କଳସ ଶୋଭାଯାତ୍ରା ହେବାସହ ଉକ୍ତ ସନ୍ଧ୍ୟାରେ ଶ୍ରୀମତୀ ସ୍ୱାଇଁ ଗ୍ରୁପ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ସେହିପରି ଦ୍ୱିତୀୟ ସଂଧ୍ୟାରେ ପଣ୍ଡିତ ପ୍ରତାପ କୁମାର ପତି ବକ୍ତା ଭାବେ ଯୋଗଦେଇ



ପ୍ରବଚନ ଦେଇଥିବାବେଳେ ଶେଷ ସଂଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଂଚଳ ତଥା ନାନକାର, ଗୋବିନ୍ଦଜୀଉ ପାଟଣା, ହାଲପୁର ଓ ମଡରପୁର ଇତ୍ୟାଦି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଉକ୍ତ ଯଜ୍ଞରେ ସଭାପତି ନରହରି ସ୍ୱାଇଁ, ସଂପାଦକ ନଟବର ଦାସ ଓ କୋଷାଧ୍ୟକ୍ଷ ବିଜୟ ସ୍ୱାଇଁ ପ୍ରମୂଖ ପରିଚାଳନା କରିଥିବାବେଳେ ସୁରେନ୍ଦ୍ର ସ୍ୱାଇଁ, ରଂଜନ ମହାପାତ୍ର, କାହ୍ନୁଚରଣ ମହାରଣା, ଶୁକଦେବ ସେଠୀ, ରମେଶ ବେହୁରା, ଗୁରୁଚରଣ ବାରିକ ଓ ସରୋଜ କୁମାର ସେଠୀ ପ୍ରମୂଖ ସହଯୋଗ କରିଥିଲେ।



‘ଆମ ଗାଁ, ଆମ ବିକାଶ’ କାର୍ଯ୍ୟକ୍ରମ

# ୩୬ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

**ଭୁବନେଶ୍ୱର :** ଏକ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ୩୬ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ‘ଆମ ଗାଁ, ଆମ ବିକାଶ’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲ୍ଲାର ୫ରିଗାଁ ପଞ୍ଚାୟତ, ସୋନପୁର ଜିଲ୍ଲାର ହିଲୁଙ୍ଗା ପଞ୍ଚାୟତ, ମୟୂରଭଞ୍ଜ ଜିଲ୍ଲାର ସାନଖୁଣ୍ଟା ଓ ନୟାଗଡ଼ ଜିଲ୍ଲାର କୋରଡ଼ା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗ୍ରାମ ବିକାଶ କାର୍ଯ୍ୟକ୍ରମର ସଫଳତା ପାଇଁ ଲୋକଙ୍କ ସହଯୋଗ ଲୋଡ଼ିବା ସହ ମଞ୍ଜୁର ହୋଇଥିବା ପ୍ରକଳ୍ପର କାର୍ଯ୍ୟକୁ ଶୀଘ୍ର ଏବଂ ଭଲ ଭାବରେ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପ ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ୫ରିଗାଁ ପଞ୍ଚାୟତରେ ୩୪ ଲକ୍ଷ ଟଙ୍କାରେ ୧୧ଟି, ସୋନପୁର ଜିଲ୍ଲାର ହିଲୁଙ୍ଗା ପଞ୍ଚାୟତରେ ୩୩ ଲକ୍ଷ ଟଙ୍କାରେ ୭ଟି, ମୟୂରଭଞ୍ଜ ଜିଲ୍ଲାର ସାନଖୁଣ୍ଟା ପଞ୍ଚାୟତରେ ୩୫ ଲକ୍ଷ ଟଙ୍କାରେ ୯ଟି ଏବଂ ନୟାଗଡ଼ ଜିଲ୍ଲାର କୋରଡ଼ା ପଞ୍ଚାୟତରେ ୩୪ ଲକ୍ଷ ଟଙ୍କାରେ ୯ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ପ୍ରଥମେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ସେମାନଙ୍କ ଗାଁର ବିକାଶ ଯୋଜନା ସମ୍ପର୍କରେ ଉପସ୍ଥାପନା କରିବା ପାଇଁ କହିଥିଲେ। ସେମାନଙ୍କଠାରୁ ପଞ୍ଚାୟତ ଭିତ୍ତିଭୂମି ବିକାଶ ପାଇଁ ଆସିଥିବା ପ୍ରସ୍ତାବଗୁଡ଼ିକୁ ବିଚାର କରି ତୁରନ୍ତ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ନିର୍ବାଚିତ ପ୍ରତିନିଧି, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଓ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଯୋଗ ଦେଇଥିଲେ।



# ଦିନକରେ ୭୦ହଜାର ଗ୍ୟାସ୍ କନେକ୍ସନ



**ଭୁବନେଶ୍ୱର :** ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ତରଫରୁ ଓଡ଼ିଶାର ୬୬୭ଟି ପଞ୍ଚାୟତରେ ଏଲ୍‌ପିଜି ପଞ୍ଚାୟତ ବା ଉଜ୍ଜ୍ୱଳା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ପଞ୍ଚାୟତରେ ୧୦୦ରୁ ଊର୍ଦ୍ଧ୍ୱ ଏଲ୍‌ପିଜି ସଂଯୋଗ ଦିଆଯାଇଛି। ଫଳରେ ଗୋଟିଏ ଦିନରେ ସାରା ଓଡ଼ିଶାରେ ୭୦ହଜାର ଏଲ୍‌ପିଜି ସଂଯୋଗ ଦିଆଯାଇଛି ବୋଲି ଇଣ୍ଡିଆନ୍ ଅଏଲ୍ ମୁଖ୍ୟ ମହାପ୍ରବନ୍ଧକ ପ୍ରୀତିଶ ଭରତ କହିଛନ୍ତି। ଶ୍ରୀ ଭରତ କହିଛନ୍ତି, ଉଜ୍ଜ୍ୱଳା ଯୋଜନାରେ ଆର୍ଥିକ ଅନଗ୍ରସର ଶ୍ରେଣୀର ମହିଳାମାନଙ୍କୁ ଏଲ୍‌ପିଜି ସଂଯୋଗ ଦିଆଯାଉଛି। ସାରା ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୨୪ ଲକ୍ଷ ୨୦ହଜାର ଏଲ୍‌ପିଜି ସଂଯୋଗ ଦିଆଯାଇଛି। ୨୦୧୪ ଜୁନ୍‌ରୁ ଓଡ଼ିଶାରେ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ ହେଉଥିଲା ବେଳେ ଏଲପିଜି ସଂଯୋଗରେ ୩୭ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଗ୍ରାହକଙ୍କ ସଂଖ୍ୟାରେ ୨୦୦ ପ୍ରତିଶତ ବୃଦ୍ଧି ଘଟିଛି। ଏଲ୍‌ପିଜିର ବିପିଏଲ୍ ହିତାଧିକାରୀ ମହିଳା ତାଙ୍କର ଅନୁଭୂତି ବର୍ଣ୍ଣନା କରିଛନ୍ତି। ସ୍ୱଚ୍ଛ ଓ ସୁରକ୍ଷିତ ଭାବେ ଏହି ଇନ୍ଧନକୁ କିପରି ବ୍ୟବହାର କରାଯାଇପାରିବ, ସେ ସମ୍ପର୍କରେ ସଭାରେ ନିଜର ମତ ରଖିଛନ୍ତି। ଓଡ଼ିଶାରେ ବିଭିନ୍ନ ତୈଳ କମ୍ପାନୀର ୬୬୭ ଜଣ ବିତରକ ରହିଥିଲା ବେଳେ ଏମାନେ ଏଲ୍‌ପିଜି ପଞ୍ଚାୟତ ଆୟୋଜନ କରିଛନ୍ତି। ଏହି ଏଲ୍‌ପିଜି ପଞ୍ଚାୟତରେ ସ୍ୱାସ୍ଥ୍ୟ, ପରିବେଶ ଓ ମହିଳା ସଶକ୍ତିକରଣ ଦିଗରେ ଆଲୋଚନା କରାଯାଇଛି ନୂଆ ହିତାଧିକାରୀଙ୍କୁ ଏଲ୍‌ପିଜି ସଂଯୋଗ ସହିତ ବ୍ୟବହାର ନେଇ ସଚେତନତା କରାଯାଇଛି ବୋଲି ଶ୍ରୀ ଭରତ କହିଛନ୍ତି। ଏହି କାର୍ଯ୍ୟକ୍ରମଗୁଡ଼ିକରେ ଇଣ୍ଡିଆନ୍ ଅଏଲ୍ ଏଲ୍‌ପିଜି ମୁଖ୍ୟ ପ୍ରବନ୍ଧକ ପ୍ରକାଶ ସାହୁ, ଏଚ୍‌ପିସିଏଲ୍ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା ଓ ବିପିସିଏଲ୍ ଏଲପିଜି ସେଲ୍ସ ମୁଖ୍ୟ ସଞ୍ଜୟ ଶର୍ମା ଉପସ୍ଥିତ ଥିଲେ।

# ରଥଯାତ୍ରା ପୂର୍ବରୁ ‘ମେମୁ’ ଟ୍ରେନ୍, ବରପାଲି, ଦେଓଗାଁ ରୋଡ୍ ଓ ଲୋଇସିଂହା ହେବ ଆଦର୍ଶ ଷ୍ଟେସନ



**ଭୁବନେଶ୍ୱର :** ଆସନ୍ତା ରଥଯାତ୍ରା ପୂର୍ବରୁ ଓଡ଼ିଶାରେ ମେନ୍ ଲାଇନ୍ ଇଲେକ୍ଟ୍ରିକାଲ୍ ମଲଟିପଲ୍ ୟୁନିଟ୍ (ମେମୁ) ଟ୍ରେନ୍ ବ୍ରହ୍ମପୁରରୁ ଭଦ୍ରକ ମଧ୍ୟରେ ଚଳାଚଳ କରିବ। ଏନେଇ ସୂଚନା ଦେଇଛନ୍ତି ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ଉମେଶ ସିଂ। ଶ୍ରୀ ସିଂ କହିଛନ୍ତି ଯେ ଏହି ଟ୍ରେନର ଉଭୟ ପଟେ ଇଞ୍ଜିନ୍ ଥିବା କାରଣରୁ ଏହାକୁ ଆଉ ବଦଳାଇବାକୁ ପଡ଼ିନଥାଏ। ଦ୍ରୁତଗତିରେ ଚାଲୁଥିବା ଏହି ଟ୍ରେନଟି ସ୍ଥାନୀୟ ରେଳଯାତ୍ରୀଙ୍କ ପାଇଁ ସହାୟକ ହେବ ବୋଲି ସେ କହିଛନ୍ତି। ସେହିପରି ଚଳିତବର୍ଷ ଭୁବନେଶ୍ୱର ରେଳଷ୍ଟେସନ୍‌ର ଉନ୍ନତିକରଣ ପାଇଁ ରେଳ ମନ୍ତ୍ରଣାଳୟ ୭୦ କୋଟି ଟଙ୍କା ବ୍ୟୟ କରିବ। ଚଳିତ ବର୍ଷ ବରପାଲି, ଦେଓଗାଁ ରୋଡ୍ ଓ ଲୋଇସିଂହା ରେଳଷ୍ଟେସନ୍‌କୁ ଆଦର୍ଶ ଷ୍ଟେସନ ଭାବରେ ବିକଶିତ କରାଯିବ। କଟକ ରେଳ ଷ୍ଟେସନ ଠାରେ ତୃତୀୟ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବ। ଅନ୍ୟ ୧୪ଟି ଷ୍ଟେସନରେ ନୂତନ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବ। ଦୁର୍ଗମ ଅଞ୍ଚଳରେ ଥିବା ୨୦ଟି ରେଳ ଷ୍ଟେସନରେ ୱାଇଫାଇ ସୁବିଧା ପ୍ରଦାନ କରାଯିବ। ପୁରୀ ଷ୍ଟେସନରେ ନାଲକୋ ସହାୟତାରେ ବ୍ୟାଟେରୀ କାର୍ ଆରମ୍ଭ କରାଯାଇଥିବା ବେଳେ ରାଜ୍ୟର ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଏବଂ ସମ୍ବଲପୁର ଷ୍ଟେସନରେ ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେସିନ ଲଗାଯାଇଥିବା ସେ ସୂଚନା ଦେଇଛନ୍ତି। ୨୨ଟି ଟିକେଟ୍ ସଂରକ୍ଷଣ କାଉଣ୍ଟରରେ ସିସିଟିଭି କ୍ୟାମେରା ଖଞ୍ଜାଯିବ। ଝାରସୁଗୁଡ଼ା ରୋଡ୍, ଆଠଗଡ଼, ଡୁଙ୍ଗୁରିପାଲି ଏବଂ ଆଠମଲିକ୍ ପୋଷ୍ଟ ଅଫିସ୍ ପାସେଞ୍ଜର ରିଜର୍ଭେସନ୍ ସିଷ୍ଟମ୍ ଖୋଲାଯିବ। ଷ୍ଟେସନଗୁଡ଼ିକରୁ ପ୍ଲାଷ୍ଟିକ ଆବର୍ଜନା ଦୂର କରିବା ପାଇଁ ଭୁବନେଶ୍ୱର ଓ ପୁରୀ ଠାରେ ବୋତଲ କ୍ରସର ସ୍ଥାପନ କରାଯାଇଛି। ଷ୍ଟେସନ ପରିସର ତଥା ରେଳଧାରଣାରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲଗୁଡ଼ିକ ଆଣି ଏଥିରେ ନଷ୍ଟ କରାଗଲେ ରେଳଯାତ୍ରୀଙ୍କ ମୋବାଇଲ୍ ୱାଲେଟରେ ୧୦ ଟଙ୍କା ରିଚାର୍ଜ କରାଯିବ ବୋଲି ସେ କହିଛନ୍ତି।

# ‘ମଣିଷର ଅନ୍ତର୍ବେଦନାରୁ ସାହିତ୍ୟ ସୃଷ୍ଟି’




**ଭୁବନେଶ୍ୱର :** ରାଜ୍ୟର ଜଣାଶୁଣା ଗାଳ୍ପିକ ତଥା ଔପନ୍ୟାସିକ କ୍ଷୀରୋଦ ଦାସଙ୍କୁ ପୂର୍ବାଞ୍ଚଳ କଲ୍ୟାଣ ସମିତି ତରଫରୁ ‘ବିଷୁବ ସମ୍ମାନ’ ପ୍ରଦାନ କରାଯାଇଛି। ପୂର୍ବାଞ୍ଚଳ କଲ୍ୟାଣ ସମିତିର ସଭାପତି ତୁଷାର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର୍ ଡ. ସୁଦର୍ଶନ ପଟ୍ଟନାୟକ ଓ ସନ୍ତୋଷ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଦାସଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଗ୍ରହଣ ପରିପ୍ରେକ୍ଷୀରେ ଶ୍ରୀ ଦାସ କହିଥିଲେ, ମଣିଷର ଅନ୍ତର୍ବେଦନାରୁ ସାହିତ୍ୟ ସୃଷ୍ଟି। ସାଧାରଣ ମଣିଷର ଦୁଃଖକୁ ବାଣ୍ଟୁଥିବା ମଣିଷ ହିଁ ଦୁନିଆରେ ପ୍ରକୃତ ସୁଖୀ ବୋଲି ଶ୍ରୀ ଦାସ କହିଥିଲେ। ରୁଦ୍ର ନାରାୟଣ ପଶାୟତ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ସୌଦାମିନୀ ମହାରଣା ମାନପତ୍ର ପାଠ କରିଥିଲେ। ବିଷୁବ ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜୟନ୍ତୀ ବାରିକ ଓ ସନ୍ଧ୍ୟା ମହାନ୍ତିଙ୍କ ସମେତ ବହୁ କବି, କବୟିତ୍ରୀ କବିତା ପାଠ କରିଥିଲେ।

# ପିଡିଏଚ୍‌ଆର୍‌ଆଇ ପକ୍ଷରୁ ସ୍ୱାକ୍ଷର ଅଭିଯାନ



**ଭୁବନେଶ୍ୱର :** ସମସ୍ତଙ୍କୁ ମିଳୁ ମାଗଣା ଶିକ୍ଷା, ଦେଶର ବିଭିନ୍ନ କୋଣ ଅନୁକୋଣରେ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ‘ଗଣତାନ୍ତ୍ରିକ ମାନବ ଅଧିକାର ସୁରକ୍ଷା ସଂଗଠନ’(ପିଡିଏଚ୍‌ଆର୍‌ଆଇ) ପକ୍ଷରୁ ସାରା ଦେଶରେ ଆରମ୍ଭ ହୋଇଛି ସ୍ୱାକ୍ଷର ଅଭିଯାନ। ଏହାର ନେତୃତ୍ୱ ନେଇଛନ୍ତି ଦୁଇଜଣ ଓଡ଼ିଆ। ସଂଗଠନ ପକ୍ଷରୁ ଏହାର କେନ୍ଦ୍ରୀୟ ଉପସଭାପତି ଗଦାଧର ଦାସ ଓ କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଏନେଇ ଚେନ୍ନାଇଠାରେ ପ୍ରଥମେ ସ୍ୱାକ୍ଷର ସଂଗ୍ରହ ଆରମ୍ଭ କରାଯାଇଛି। ପିଡିଏଚ୍‌ଆର୍‌ଆଇର ସର୍ବଭାରତୀୟ ସଭାପତି ଡ଼ ପ୍ରଦୀପ କୁମାର ଦୁବେ ଏହାକୁ ଉତ୍ସାହିତ କରିଥିବା ବେଳେ ଚେନ୍ନାଇରେ ରହୁଥିବା ବହୁ ଓଡ଼ିଆ ଏହି ଅଭିଯାନରେ ସାମିଲ ହୋଇଛନ୍ତି।

ନୀତି ଆୟୋଗ ସଚିବଙ୍କ ରାୟଗଡା ଗସ୍ତ

# କ୍ଷେତ୍ର ପରିଦର୍ଶନ ଏବଂ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ରାୟଗଡା :** କେନ୍ଦ୍ର ନୀତି ଆୟୋଗର ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ରାୟଗଡା ଜିଲ୍ଲା ପ୍ରଭାରୀ ସତ୍ୟବ୍ରତ ସାହୁ କୋଲନରା ଓ ରାୟଗଡା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସଦ୍‌ଭାବନା ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ସାହୁ କେନ୍ଦ୍ର ସରକାରଙ୍କ ନୀତି ଆୟୋଗର କାର୍ଯ୍ୟ ଖସଡା ସମ୍ପର୍କରେ ସୂଚନା ପ୍ରଦାନ କରି ସେହି ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା ପାନୀୟ ଜଳ, ବୃକ୍ଷରୋପଣ ଇତ୍ୟାଦି ଉପରେ ସେ ଗୁରୁତ୍ୱାରୋପ କରି ନୀତି ଆୟୋଗର ନୀତି ଅନୁଯାୟୀ କାର୍ଯ୍ୟକାରୀ ହେବା ପ୍ରକଳ୍ପ ଗୁଡିକର ଆସନ୍ତା ଜୁନ ମାସରେ ସମୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଥିଲେ। ସାଢେ ୪ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ପ୍ରଥମେ ଜିଲ୍ଲାପାଳ ଗୁହା ପୁନମ ତାପସ କୁମାର ଜିଲ୍ଲାରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ ଓ ପରିକଳ୍ପନା କରାଯାଇଥିବା ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ସମୀକ୍ଷା ପରେ ପ୍ରଭାରୀ ଶ୍ରୀ ସାହୁ କେରେଡା ଓ ବାଇସିଂ ସରପଂଚଙ୍କୁ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ବିନିଯୋଗ ସଂପର୍କରେ ପଚାରି ବୁଝିଥିଲେ। ଶ୍ରୀ ସାହୁ ଜିଲ୍ଲାପାଳ ଗୁହା ପୁନମ ତାପସ କୁମାରଙ୍କ ସହ ମିଶି ପ୍ରଥମେ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ପରେ କେ ମାଲିଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ଓ ହୋଷ୍ଟେଲ ପରିଦର୍ଶନ କରିଥିଲେ। ସେଠାରେ ପିଲାମାନଙ୍କୁ ପାଠପଢା ଓ ସୁବିଧା ସୁଯୋଗ ସମ୍ବନ୍ଧରେ ପଚାରି ବୁଝିଥିଲେ। ସେହିଭଳି କୁମୁଟିପେଣ୍ଠରେ ଜଳ ପକଳ୍ପର ତଦାରଖ କରିଥିଲେ। ଏହାପରେ ଶ୍ରୀ ସାହୁ ରାୟଗଡା ବ୍ଲକ ଟାମ୍ପରଗୁଡା ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ୧୮ଟି କ୍ଲଷ୍ଟର ଘର ନିର୍ମାଣ ବୁଲି ଦେଖିଥିଲେ। ମଧ୍ୟାହ୍ନରେ ସ୍ୱଚ୍ଛ ଭାରତ ମିଶନର ଏମଏନଆରଜିଠ ଯୋଜନାରେ ପ୍ରସ୍ତୁତ ଖତ ପ୍ରଣାଳୀ, ମୁକୁନ୍ଦପୁରର ମତ୍ସ୍ୟ, କଦଳୀ ଚାଷ ଅଂଚଳ ପରିଦର୍ଶନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଜିଲ୍ଲାପାଳ ପ୍ରବୀର କୁମାର ନାୟକ, ରାୟଗଡା ବିଡିଓ ରାଜେନ୍ଦ୍ର ମାଝି, କୋଲନରା ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଏବିଡିଓ ନୃସିଂହ ଚରଣ ପଟନାୟକ, ଏବିଡିଓ କେ. ଏିବ ଗୋପାଳ ରାଓ, କୃଷି, ଉଦ୍ୟାନ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

ଓଡିଶ ସରକାରଙ୍କ ନୀତି ଆୟୋଗ କମିଶନର ସତ୍ୟବ୍ରତ ସାହୁ ପଦ୍ମପୁର ବ୍ଲକ ଗସ୍ତ କରିଛନ୍ତ। କମିଶନର ପ୍ରଥମେ ପଦ୍ମପୁର ନିକଟସ୍ଥ ମୁଚୁକିପଦର ଗସ୍ତ କରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ପାଇଥିବା ଭିନ୍ନକ୍ଷମ ଅଜୟ ଦାଶଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ପରେ ଜିରା ଗ୍ରାମ ଗସ୍ତ କରି ସେଠାରେ ଡ. ଚନ୍ଦ୍ରଧ୍ୱଜ ପଣ୍ଡାଙ୍କ ଦ୍ୱାରା କରାଯାଇଥିବା ମାଛ ଚାଷ ବୁଲି ଦେଖିଥିଲେ। ସେହିପରି ଲଛମନଗୁଡା ଫାର୍ମ ହାଉସରେ ଉଦ୍ୟାନ ବିଭାଗ, କୃଷି ବିଭାଗ, ପଶୁପାଳନ ବିଭାଗ ପକ୍ଷରୁ ଫାଲଗୁନି ଶବର କରିଥିବା କେନ୍ଦ୍ର ବୁଲି ଦେଖିଥିଲେ। ପରେ ପଦ୍ମପୁର ସାଇ ସୁଧା ପାନୀୟ ଜଳ ଯୋଗାଣ କେନ୍ଦ୍ର ପରିଦର୍ଶନ କରିଥିଲେ। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତକରି ମା ଗୃହ ସହ ବିଭିନ୍ନ ଓ୍ୱାର୍ଡ ବୁଲିଥିଲେ। ନୀତି ଆୟୋଗ କମିଶନରଙ୍କ ଏହି ଗସ୍ତ ମୟରେ ରାୟଗଡା ଜିଲ୍ଲାପାଳ ଗୁହା ପୁନମ ତାପସ କୁମାର, ଗୁଣପୁର ଉପଜିଲ୍ଲାପଳ ଅମ୍ରିତ ଋତୁରାଜ, ଗୁଣପୁର ପିଏ ଆଇ ଟି ଡିଏ ଗୋରାଚାନ୍ଦ ଗମାଙ୍ଗ, ଡିଆଇସି ମ୍ୟାନେଜର ବିରେନ୍ଦ୍ର କରକରିଆ, ବିଡିଓ ମୌସୁମୀ ନାୟକ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଏପିଇଓ ବିଶିକେଶନ ଲିମା, ଆର.ଡବ୍ଲୁ.ଏସ.ଏସର ଯନ୍ତ୍ରୀ ଗୀତାଞ୍ଜଳି ହୁଇକା, ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ଗୋଡିଆବନ୍ଧ ପିଅଓ ନରହରି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି

**ଖୋରଧା :** ତହସିଲ ଅଧିନରେ ଥିବା ଶହ ଶହ ଏକର ମୂଲ୍ୟବାନ ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ବିଭାଗୀୟ ଅପାରଗତା ଓ କେତେକ ଅସାଧୁ କର୍ମଚାରୀଙ୍କ ଅସହଯୋଗ କାରଣରୁ ସହରର ବିଭିନ୍ନ ଅଞ୍ଚଳରେ ସରକାରୀ ଜମି ଜବର ଦଖଲକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ନିୟମ ମୁତାବକ ତହସିଲ ଅଞ୍ଚଳରେ ଥିବା ସମ୍ବେଦନଶୀଳ ଓ ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ଚିହ୍ନଟ କରି ତାର ବାଡ଼ ଦେଇ ସରକାରୀ ଜମି ବୋଲି ସୂଚନା ଫଳକ ଲଗାଯିବା କଥା। ଏ ସମ୍ପର୍କରେ ଖର୍ଚ୍ଚ ପାଇଁ ସରକାର ଅନୁଦାନ ଦେଇଥାନ୍ତି। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଜମିଗୁଡ଼ିକୁ କାଗଜ ପତ୍ରରେ ଚିହ୍ନଟ କରୁଛନ୍ତି ସିନା ସେଗୁଡ଼ିକର ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନାହାଁନ୍ତି। ଏହି କାରଣରୁ ଜମି ମାଫିଆ ଓ ଜବର ଦଖଲକାରୀମାନେ ସରକାରୀ ଜମିକୁ ଅଧିକରୁ ଅଧିକ ଜବର ଦଖଲ କରିବାକୁ ଉତ୍ସାହିତ ହୋଇ ପଡୁଥିବା ପରିଲକ୍ଷିତ ହେଉଛି। ଜବର ଦଖଲକାରୀଙ୍କ କବଜାରେ ଥିବା ଉକ୍ତ ସରକାରୀ ଜମିଗୁଡ଼ିକର ମୂଲ୍ୟ କୋଟି କୋଟି ଟଙ୍କା ହୋଇଥିବା ବେଳେ ବିନା ଅନୁମତିରେ ସରକାରୀ ଜମିକୁ ନିଜ କବଜାରେ ରଖିବା ବେଆଇନ ହୋଇଥିଲେ ବି ଏଥିପ୍ରତି ବେଖାତିର କରାଯାଉଛି। ତେଣୁ ଏହାକୁ ନେଇ ଖୋରଧା ସହରରେ ସବୁ ଆଡ଼େ ଚର୍ଚ୍ଚା ଚାଲିଛି। ରାଜ୍ୟସରକାରଙ୍କ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସହରାଞ୍ଚଳରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି